ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୯/୨୦୨୨ (୧୪ ପୃଷ୍ଠା) Bhubaneswar, Thursday, May 19/2022 Page 14 ₹ 7.00 ★★★★★★

୪୮ଶ ଭାଗ ୧୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ସ୍ୱର୍ଣ୍ଣ ପାଇଁ ଲଢ଼ିବେ ଜରିନ

ଇସ୍ତାନବୁଲରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼ିବେ ଭାରତର ନିଖତ ଜରିନ।

୧୪

୧୦

କମେଡି ପାଇଁ ହଟହଟା

ମଜାଳିଆ କମେଣ୍ଟକୁ ନେଇ କମେଡିଆନ୍ ଭାରତୀ ସିଂଙ୍କ ବିରୋଧରେ ଶିଖ୍ କମ୍ୟୁନିଟି ପକ୍ଷରୁ ଏଫ୍‌ଆଇଆର୍ ଦାଏର କରାଯାଇଛି।

ନୂଆ ରୂପରେ ତାରାତାରିଣୀ ପୀଠ

ତାରାତାରିଣୀଙ୍କ ଶକ୍ତିପୀଠର ରୂପାନ୍ତରଣ କାର୍ଯ୍ୟକ୍ରମରେ ବୁଧବାର ମୁଖ୍ୟ ପୁରୋଧା ଭାବେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ।

ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ମୁଖ୍ୟମନ୍ତ୍ରୀ

ପୁରୁଷୋତ୍ତମପୁର,(ଡି.ଏନ୍.ଏ.)/ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଗଞ୍ଜାମ ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ଶକ୍ତିପୀଠରେ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିନ ବୁଧବାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ପୁରୋଧା ଭାବେ ଯୋଗ ଦେଇଛନ୍ତି। ଏହି ଦିବସକୁ ଏକ ପବିତ୍ର ଦିନ ଭାବରେ ବର୍ଣ୍ଣନା କରି ସେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ମା'ଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହିତ ପ୍ରତିଷ୍ଠା କାର୍ଯ୍ୟରେ ଯୋଗ ଦେଇଥିଲେ। ସେ କହିଛନ୍ତି, ଓଡ଼ିଶା ଦେବଭୂମି, ଏଠାରେ ଶକ୍ତି ପୂଜାର ପରମ୍ପରା ବହୁ ପ୍ରାଚୀନ। ଓଡ଼ିଶାର ଗାଁ ଗାଁରେ ମା'ଙ୍କର ପୂଜା ଅନାଦି କାଳରୁ ଚାଲିଆସିଛି। ମା' ତାରାତାରିଣୀ ହେଉଛନ୍ତି ଗଞ୍ଜାମର ଇଷ୍ଟଦେବୀ। ଗଞ୍ଜାମବାସୀଙ୍କ ସୁଖଦୁଃଖରେ ଆମେ ମା'ଙ୍କ ଶରଣ ନେଇଥାଉ। ତାଙ୍କ ଆଶୀର୍ବାଦ ଓ ଇଚ୍ଛାରେ ହିଁ ଏହି ମନ୍ଦିର ଭବ୍ୟ ରୂପ ଗ୍ରହଣ କରିଛି। ମୁଁ ଯେବେ ବି ମା'ଙ୍କ ଦର୍ଶନ ପାଇଁ ପୀଠକୁ ଆସିଛି, ମୋତେ ବହୁତ ଭଲ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

- **ଉତ୍କଳୀୟ କଳା ସ୍ଥାପତ୍ୟର ଅନୁପମ ନିଦର୍ଶନ: ନବୀନ**
- **ଲୋକାର୍ପିତ ହେଲା ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା**

ମା'ଙ୍କ ମନ୍ଦିରର ନୂଆ ରୂପକୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର କଳା ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନୁପମ ନିଦର୍ଶନ ଭାବରେ ବର୍ଣ୍ଣନା କରିଛନ୍ତି। ଏହି କାର୍ଯ୍ୟରେ ନିୟୋଜିତ ଶିଳ୍ପୀ ଓ ☞ପୃଷ୍ଠା-୪

ବଡ଼ଦାଣ୍ଡ ନାଳରେ ପଡ଼ି ମୃତ୍ୟୁ

ରାଜ୍ୟର ବିଭିନ୍ନ ସ୍ଥାନରେ ମୁକୁଳା ଡ୍ରେନ୍‌ରେ ପଡ଼ି ଲୋକଙ୍କ ମୃତ୍ୟୁ ଘଟିଥିବାର ଅନେକ ନଜିର ରହିଥିବାବେଳେ ପୁରୀ ବଡ଼ଦାଣ୍ଡରେ ଘଟିଛି ଅନୁରୂପ ଏକ ଘଟଣା। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ରିକ୍ସାଚାଳକ ମୁକୁଳା ନାଳରେ ପଡ଼ି ପ୍ରାଣ ହରାଇଛନ୍ତି। ପ୍ରଶାସନିକ ଦାୟିତ୍ୱହୀନତା ଯୋଗୁ ନାଳକୁ ଉପଯୁକ୍ତଭାବେ ଘୋଡ଼ା ଯାଇ ନ ଥିବାରୁ ଏକ ନିରୀହ ଜୀବନ ଚାଲିଗଲା। ଆଉ କେତେ ଜୀବନ ଗଲା ପରେ ସରକାରଙ୍କ ଚେତା ପଶିବ ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି।

ପୁରୀ ମାର୍କେଟଛକସ୍ଥିତ ମୁକୁଳା ଡ୍ରେନ୍।

ପୁରୀ ଅଫିସ୍, ୧୮।୫

ପୁରୀ ସହର ମାର୍କେଟ ଛକ ନିକଟସ୍ଥ ବଡ଼ଦାଣ୍ଡ ପାର୍ଶ୍ୱରେ ଥିବା ଏକ ମୁକୁଳା ନାଳରେ ପଡ଼ି ଜଣେ ରିକ୍ସା ଚାଳକଙ୍କ ଜୀବନ ଯାଇଛି। ନିଧି ଭୋଇ(୪୧) ନାମକ ରିକ୍ସାଚାଳକ ମଙ୍ଗଳବାର ରାତିରେ ନାଳରେ ପଡ଼ିଯାଇ ଉଠିପାରି ନ ଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଅନ୍ଧାର ରାତିରେ ସହାୟତା ☞ପୃଷ୍ଠା-୪

୩୧ ବର୍ଷ ପରେ ମୁକୁଳିଲେ ପେରାରିଭଲନ୍

ରାଜୀବ ଗାନ୍ଧୀ ହତ୍ୟାକାଣ୍ଡ

ଏ.ଜି. ପେରାରିଭଲନ

ନୂଆଦିଲ୍ଲୀ,୧୮।୫: ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଏ.ଜି. ପେରାରିଭଲନ୍ ୩୧ ବର୍ଷ ଧରି ଜେଲରେ ରହିବା ପରେ ବୁଧବାର ମୁକୁଳିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁସାରେ ସୁପ୍ରିମକୋର୍ଟ ନିଜ ଇଚ୍ଛାଧୀନ କ୍ଷମତାର ବ୍ୟବହାର କରି ତାଙ୍କୁ ମୁକ୍ତ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ନଳିନୀ ଶ୍ରୀହାରନ୍ ଓ ତାଙ୍କ ଶ୍ରୀଲଙ୍କା ନାଗରିକ ସ୍ୱାମୀ ମୁରୁଗାନ୍‌ଙ୍କ ସମେତ ଅବଶିଷ୍ଟ ୬ ଦୋଷୀଙ୍କ ମୁକ୍ତି ପାଇଁ ପଥ ପରିଷ୍କାର କରିପାରେ ବୋଲି କୁହାଯାଉଛି। (ଅଧିକ ରିପୋର୍ଟ ପୃଷ୍ଠା ୨)

୩୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟରେ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବା ସହ କୃଷକଙ୍କ ଆୟ ବୃଦ୍ଧି କରିବାକୁ ରାଜ୍ୟ ସରକାର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିଛନ୍ତି। ଶୁଷ୍କ ଓ ପାହାଡ଼ିଆ ଅଞ୍ଚଳ ସମେତ ୩୫ ପ୍ରତିଶତ ଜଳସେଚନ ନ ଥିବା ବ୍ଲକଗୁଡ଼ିକରେ ମଧ୍ୟ ଜଳସେଚନ ବ୍ୟବସ୍ଥା କରିବାକୁ ସରକାର ଯୋଜନା କରିଛନ୍ତି। କେବଳ ସେତିକି ନୁହେଁ, ନଦୀନାଳଗୁଡ଼ିକରେ ଆଡ଼ିବନ୍ଧ ନିର୍ମାଣ କରି ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ସହ ପାନୀୟ ଜଳ ସମସ୍ୟା ଦୂର ଉପରେ ମଧ୍ୟ ଫୋକସ ଦିଆଯାଇଛି। ଏଥିପାଇଁ ପର୍ଯ୍ୟାପ୍ତ ବ୍ୟୟବରାଦ ମଧ୍ୟ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୩୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ମରାଯାଇଛି।

ରାଜ୍ୟର ଶୁଷ୍କ ଓ ପଥୁରିଆ ଅଞ୍ଚଳରେ ଆସନ୍ତା ୫ ବର୍ଷ ମଧ୍ୟରେ ୧ ଲକ୍ଷ ଗଭୀର ନଳକୂପ ଖନନ କରାଯିବ। ବିଜୁ କୃଷକ ବିକାଶ ଯୋଜନା ଗଭୀର ନଳକୂପ ସେଚ

ଚାଷୀ, ଚାଷ ଚିନ୍ତା

- **ପାହାଡ଼ିଆ ଅଞ୍ଚଳରେ ଖୋଳାଯିବ ୧ ଲକ୍ଷ ଗଭୀର ନଳକୂପ**
- **ନଦୀ, ନାଳରେ ନିର୍ମାଣ ହେବ ୧୨୮୦ ଆଡ଼ିବନ୍ଧ**
- **ପାଣ୍ଡରା ନିକଟରେ ନିର୍ମାଣ ହେବ ଆଡ଼ିବନ୍ଧ**

କାର୍ଯ୍ୟକ୍ରମରେ ରାଜ୍ୟର ୨୬ଟି ଜିଲାର ୨୫୬ ବ୍ଲକରେ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଉଭୟ ଖରିଫ ଓ ରବିଚାଷ ପାଇଁ ଜଳସେଚନ ବ୍ୟବସ୍ଥା ହେବ। ଏହି ଯୋଜନାରେ ୫ ଲକ୍ଷ ହେକ୍ଟର ଖରିଫ ଓ ୨ ଲକ୍ଷ ହେକ୍ଟର ରବି ଫସଲ ପାଇଁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏ ବାବଦରେ ୪୧୯୮.୧୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ☞ପୃଷ୍ଠା-୪

ନାଲକୋ ଆଲୁମିନିୟମ ପାର୍କ ପାଇଁ ୪୨୮.୯୫ କୋଟି

ଇଡ୍‌କୋ ମାଧ୍ୟମରେ ଅନୁଗୋଳରେ କାର୍ଯ୍ୟକାରୀ ହେବାକୁ ଥିବା ମେଗା ଆଲୁମିନିୟମ ପାର୍କର ବିକାଶ ପାଇଁ ଆର୍ଥିକ ସହାୟତା ଯୋଜନାକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟ ସରକାର ଏହି ଆଲୁମିନିୟମ ପାର୍କର ବିକାଶ ପାଇଁ ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ୪୨୮.୯୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ୩ ବର୍ଷ ମଧ୍ୟରେ ଶେଷ ହେବ।

୨୪ ଘରୋଇ ହାଇସ୍କୁଲକୁ ମିଳିବ ଅନୁଦାନ

ରାଜ୍ୟର ୨୪ଟି ଘରୋଇ ହାଇସ୍କୁଲକୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରିଛନ୍ତି। ଅନୁଦାନ ଆଦେଶ -୨୦୧୩ ଅନୁଯାୟୀ ରାଜ୍ୟ ସରକାର ଯୋଗ୍ୟ ବିବେଚିତ ହାଇସ୍କୁଲଗୁଡ଼ିକୁ ଅନୁଦାନ ଯୋଗାଇ ଦେବେ। ସେହି ସ୍କୁଲଗୁଡ଼ିକରେ କାର୍ଯ୍ୟରତ ୪୭ ଜଣ ଶିକ୍ଷକ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୬୮.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ଭାର ବହନ କରିବେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଏହି ପ୍ରସ୍ତାବ ଦିଆଯାଇଥିଲା ।

ଡ୍ରିମ୍ସ ହେବ ବିଶ୍ୱବିଦ୍ୟାଳୟ

କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ରୂପାନ୍ତରିତ ହେବ। ଏ ନେଇ ଆଇନ ପ୍ରଣୟନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ଡ୍ରିମ୍ସ ରାଜ୍ୟରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ପରିଣତ ହେବ। ଏଥିପାଇଁ ଉକ୍ତ ସଂସ୍ଥା ରାଜ୍ୟ ସରକାରଙ୍କୁ କୌଣସି ଆର୍ଥିକ ସହାୟତା ଦାବି କରିପାରିବ ନାହିଁ। ଏହାଦ୍ୱାରା ରାଜ୍ୟରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ବିଷୟରେ ଶିକ୍ଷାଦାନ ଓ ଗବେଷଣାର ପରିସର ବୃଦ୍ଧି ପାଇବ। ଏହି ପ୍ରସ୍ତାବରେ ଆଇନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଅର୍ଥ ବିଭାଗ ସହମତି ପ୍ରଦାନ କରିଛନ୍ତି।

ଆଜିର ସମ୍ପାଦକୀୟ ଇତିହାସ, ପୌରାଣିକ କଥା ଓ କିମ୍ବଦନ୍ତୀ

ବେଦିରେ କନ୍ୟା ଅମଙ୍ଗ, ବର ଅଚେତ

ବେଦିରେ ହାତରୁ ଶଙ୍ଖା ଖୋଲୁଛନ୍ତି କନ୍ୟା। ନିକଟରେ ଅଚେତ ହୋଇପଡ଼ିଥିବା ବର।

ବାଲିଆପାଳ, ୧୮।୫(ସ୍ୱ.ପ୍ର.)

ବେଦି ସଜା ହୋଇଥିଲା। ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ବୈଦିକ ରୀତିନୀତିରେ ଚାଲିଥିଲା ବିବାହ କାର୍ଯ୍ୟ। ବର କନ୍ୟାଙ୍କ ହାତଗଣ୍ଠି ବି ପଡିସାରିଥିଲା। ହେଲେ କନ୍ୟାଙ୍କୁ ବର ସିନ୍ଦୂର ପିନ୍ଧାଇବା ବେଳେ ସବୁ କିଛି ଓଲଟପାଲଟ ହୋଇଗଲା। ହଠାତ୍ କନ୍ୟା ବେଦି ଉପରୁ ଉଠି ତାଙ୍କର ସ୍ୱାମୀ ଅଛନ୍ତି, ପୂର୍ବରୁ ସେ ବାହା ହୋଇ ସାରିଛନ୍ତି ବୋଲି କହି ହାତରୁ ଶଙ୍ଖା ଖୋଲି ଫିଙ୍ଗିବା ଆରମ୍ଭ କରିଦେଇଥିଲେ। ତାଙ୍କ ପରିବାର ଲୋକେ ଅଟକାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ସେ ବେଦି ଛାଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ ପରିବାର ଲୋକେ ଅଟକାଇ ମାରପିଟ୍ କରିଥିଲେ। କନ୍ୟାଙ୍କର ଏପରି କାଣ୍ଡ ଦେଖି ବେଦି ଉପରେ ନିର୍ବାକ ହୋଇ ବସିଥିବା ବର ଚେତାଶୂନ୍ୟ ହୋଇପଡ଼ିଥିଲେ। ବରଘର ପକ୍ଷରୁ କାନ୍ଦବୋବାଳି ଆରମ୍ଭ ହୋଇଥିଲା। ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳରେ ବୁଧବାର ଘଟିଥିବା ଏଭଳି ଅଭାବନୀୟ ଘଟଣାର ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ☞ପୃଷ୍ଠା-୪

ଜମ୍ମୁ-କଶ୍ମୀର ପୁଞ୍ଚ୍ ଜିଲା ଜଙ୍ଗଲରେ ତିନିଦିନ ହେଲା ନିଆଁ ଲାଗିଛି। ଏଥିଯୋଗୁ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଏକାଧିକ ଲ୍ୟାଣ୍ଡମାଇନ୍ସ ବିସ୍ଫୋରଣ ଘଟିଛି। ଅନୁପ୍ରବେଶକାରୀଙ୍କ ଉଦ୍ଦେଶ୍ୟରେ ବିଛାଯାଇଥିବା ଲ୍ୟାଣ୍ଡମାଇନ୍ସରେ ନିଆଁ ଲାଗିବାରୁ ଏଲ୍‌ଓସି ନିକଟରେ ପାଖାପାଖି ଡଜନାଧିକ ବିସ୍ଫୋରଣ ହୋଇଥିବା ଜଣେ ସେନା ଅଧିକାରୀ କହିଛନ୍ତି। ବୁଧବାର ସକାଳେ ଧରମଶାଳା ବ୍ଲକ୍‌ରେ ନିଆଁକୁ ଆୟତ୍ତ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି।

ସଂକ୍ଷେପରେ

ପୁଟିନ୍‌ଙ୍କ ଅସ୍ତ୍ରୋପଚାର

ମସ୍କୋ, ୧୮।୫: ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରକ୍ତ କର୍କଟରେ ପୀଡ଼ିତ ଥିବା ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ତାଙ୍କ ଶରୀରରେ ଅସ୍ତ୍ରୋପଚାର କରାଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଗତ ୧୨ ତାରିଖ ରାତିରେ ପୁଟିନ୍‌ଙ୍କ ଅସ୍ତ୍ରୋପଚାର ହୋଇଥିବା ଏବଂ ତାହା କ୍ୟାନ୍‌ସର ସଂକ୍ରାନ୍ତୀୟ ନୁହେଁ ବୋଲି ଏଥିରେ କୁହାଯାଇଛି। ଏଥିଯୋଗୁ ପୁଟିନ୍ ତାଙ୍କ ଅଫିସରମାନଙ୍କ ସହ ସ୍ଥିର ହୋଇଥିବା ଏକ ବୈଠକରେ ଯୋଗ ନ ଦେଇ ପୂର୍ବରୁ ରେକର୍ଡ କରିଥିବା ଭିଡିଓ ମିଟିଂରେ ଚାଲିଥିଲା ବୋଲି ଜଣାପଡ଼ିଛି। ନିକଟରେ ରୁଷିଆ ବିଜୟ ଦିବସ ଅବସରରେ ପୁଟିନ୍‌ଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳିଥିଲା। ଏହି ସମୟରେ ପୁଟିନ୍ ତାଙ୍କ ଗୋଡ଼କୁ ଏକ ମୋଟା କପଡ଼ାରେ କଭର କରିଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

ଦୋଷ ମାନିଲେ ଯୁଦ୍ଧ ଅପରାଧୀ

କିଭ୍, ୧୮।୫: ୟୁକ୍ରେନ୍‌ରେ ନିରିହ ଜନସାଧାରଣଙ୍କୁ ହତ୍ୟା ଭଳି ଯୁଦ୍ଧ ଅପରାଧ ଘଟାଇଥିବା ଜଣେ ୨୧ ବର୍ଷୀୟ ରୁଷୀୟ ସୈନ୍ୟ ଭାଦିମ୍ ଶିଶିମାରିନ୍ କିଭ୍ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ୟୁକ୍ରେନ୍‌ରେ ଜଣେ ୬୨ ବର୍ଷୀୟ ନିରସ୍ତ୍ର ବୃଦ୍ଧଙ୍କୁ ଗୁଳି କରି ହତ୍ୟା କରିଥିବା କଥା ସ୍ୱୀକାର କରିଛନ୍ତି। କିଭ୍‌ର ଏକ କୋର୍ଟରେ ଶିଶିମାରିନ୍‌ଙ୍କୁ ହାତକଡ଼ି ଲଗାଯାଇ ହାଜର କରାଯାଇଥିଲା। ସେଠାରେ ମୃତକଙ୍କ ସ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଶିଶିମାରିନ୍ ଏବଂ ଅନ୍ୟ ୪ ଜଣ ଏକ କାର୍ ଚୋରି କରି ଯାଉଥିବାବେଳେ ଚୁପାଖିବ୍‌ଖାଠାରେ ସାଇକେଲରେ ଥିବା ବୃଦ୍ଧଙ୍କ ଉପରକୁ ଗୁଳି ଚଳାଇଥିବା ମାନିଛନ୍ତି। ଜନସାଧାରଣଙ୍କୁ ମଧ୍ୟ ହତ୍ୟା କରିବାକୁ ନିର୍ଦ୍ଦେଶ ରହିଥିଲା ବୋଲି ଶୁଣାଣିବେଳେ ଜଣାପଡ଼ିଛି। ଗୁରୁବାର ଏହାର ପରବର୍ତ୍ତୀ ଶୁଣାଣି ହେବ। ରୁଷିଆ ୟୁକ୍ରେନ୍‌ରେ ଅଦ୍ୟାବଧି ୧୦ ହଜାରରୁ ଊର୍ଦ୍ଧ୍ୱ ଯୁଦ୍ଧ ଅପରାଧ ଘଟାଇଥିବା କିଭ୍ ପକ୍ଷରୁ ଚିହ୍ନଟ କରାଯାଇଛି। ଗତ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଏହା ହେଉଛି କୌଣସି ରୁଷୀୟ ସୈନ୍ୟଙ୍କ ବିରୋଧରେ ପ୍ରଥମ ବିଚାର।

ନାବାଳିକାଙ୍କୁ ବିକ୍ରି ଅଭିଯୋଗରେ ବାଂଲାଦେଶୀ ଦମ୍ପତିଙ୍କୁ ମୃତ୍ୟୁ ଦଣ୍ଡ

ଢାକା,୧୮।୫: ବାଂଲାଦେଶର ଏକ ଦମ୍ପତି ନାବାଳିକାଙ୍କୁ ଭାରତର ଏକ ବେଶ୍ୟାଳୟରେ ବିକ୍ରି କରିବା ଅଭିଯୋଗରେ ଖୁଲନା କୋର୍ଟ ସମ୍ପୃକ୍ତ ଦମ୍ପତିଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୦୯ରେ ଶାହିନ୍ ଶେଖ୍ ଏବଂ ଆସ୍‌ମା ବେଗମ ବାଂଲାଦେଶର ଜଣେ ୧୭ ବର୍ଷୀୟା ଝିଅଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଭାରତ ଆଣିଥିଲେ। ଚାକିରି ଦେବା ପରିବର୍ତ୍ତେ ଦମ୍ପତି ନାବାଳିକାଙ୍କୁ ବିକ୍ରି କରି ଦେଇଥିଲେ। ନାବାଳିକାଙ୍କ ମା' ଏ ନେଇ ଖଞ୍ଜହାନ ଅଲି ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ଝିଅକୁ ଫେରାଇ ଆଣିବା ପାଇଁ ଏହି ଦମ୍ପତି ପରେ ନାବାଳିକାଙ୍କ ପରିବାରକୁ ଟଙ୍କା ମାଗିଥିଲେ।

୬ ଦୋଷୀଙ୍କ ମୁକ୍ତି ପଥ ଫିଟିପାରେ

ନୂଆଦିଲ୍ଲୀ/ଚେନ୍ନାଇ, ୧୮।୫

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ଏ.ଜି. ପେରାରିଭଲନ୍ ମୁକୁଳିବା ପରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗୁଥିବା ସଞ୍ଜନ, ମୁରୁଗାନ, ନଳିନୀ, ରବର୍ଟ ପାୟସ୍, ଜୟକୁମାର ଓ ରବୀନ୍ଦ୍ରନ୍‌ଙ୍କ ମୁକ୍ତି ପଥ ପରିଷ୍କାର ହୋଇଛି। ପେରାରିଭଲନ୍ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କାରାଦଣ୍ଡ ଭୋଗିସାରିଥିବାରୁ ତାଙ୍କୁ ଅବଶିଷ୍ଟ ଦଣ୍ଡରୁ ମୁକ୍ତ କରାଯାଉ ବୋଲି ୨୦୧୮ରେ ତାମିଲନାଡୁ ସରକାର ସୁପାରିସ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ମୁକ୍ତ କରା ନ ଯିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜକ୍ଷମା ଆବେଦନ ଉପରେ ବିଚାର କରିବା ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରୁ କିଏ ଉପଯୁକ୍ତ କର୍ତ୍ତୃପକ୍ଷ ତାକୁ ନେଇ ଏହି ମାମଲାରେ ଆଇନଗତ ବିବାଦ ଦେଖାଦେଇଥିଲା। ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଦଫା ୩୦୨ ସମ୍ପର୍କିତ ରାଜକ୍ଷମା ଉପରେ ରାଷ୍ଟ୍ରପତି ହିଁ ନିଷ୍ପତ୍ତି ନେଇପାରିବେ ବୋଲି କେନ୍ଦ୍ର ସରକାର ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ତଥା ବି.ଆର୍. ଗବାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜୀବ ଗାନ୍ଧୀ ହତ୍ୟାକାଣ୍ଡର ସମସ୍ତ ୭ ଦୋଷୀଙ୍କୁ ଦଣ୍ଡାଦେଶ ଅବଧି ଶେଷ ହେବା ପୂର୍ବରୁ ମୁକ୍ତ କରିବା ପାଇଁ ତାମିଲନାଡୁ କ୍ୟାବିନେଟ୍ ରାଜ୍ୟପାଳଙ୍କୁ ପରାମର୍ଶ ଦେଇଥିଲା। ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ପେରାରିଭଲନ୍‌ଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୬୧ ଅନୁସାରେ ରାଜକ୍ଷମା ଆବେଦନ ଉପରେ ରାଜ୍ୟପାଳ ନିଷ୍ପତ୍ତି ନେବାରେ ଅତ୍ୟଧିକ ବିଳମ୍ବ କରିବାରୁ ତାଙ୍କୁ ମୁକ୍ତ କରାଯାଇଛି। ପ୍ରକାଶ ଯେ, ୨୦୧୨ ମେ' ୧୧ରେ ରାଜ୍ୟ ସରକାରଙ୍କ ସୁପାରିସକୁ ଗ୍ରହଣ କରି ଅଦାଲତ ଏହି ମାମଲାର ରାୟ ସଂରକ୍ଷିତ ରଖିଥିଲେ।

ନିଷ୍ପତ୍ତି ନେବେ ତାମିଲନାଡୁ ସରକାର

ନଳିନୀ ଶ୍ରୀହରନ

ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ଜେଲଦଣ୍ଡ ଭୋଗୁଥିବା ଅବଶିଷ୍ଟ ୬ ଦୋଷୀଙ୍କ ମୁକ୍ତି ନିଷ୍ପତ୍ତି ନିଆଯିବ ବୋଲି ବୁଧବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ କହିଛନ୍ତି। ସୁପ୍ରିମକୋର୍ଟ ଏ. ଜି. ପେରାରିଭଲନ୍‌ଙ୍କ ମୁକ୍ତି ପାଇଁ ନିର୍ଦ୍ଦେଶ ଦେବା ପରେ ଖବରଦାତାଙ୍କୁ ଷ୍ଟାଲିନ୍ କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସରକାର ଅନୁଧ୍ୟାନ କରିବେ। ଏଥିସହ ଆଇନ ବିଶେଷଜ୍ଞମାନଙ୍କ ସହତ ବିଚାରବିମର୍ଶ କରି ସେମାନଙ୍କ ମୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନେବେ। ପ୍ରକାଶ ଯେ, ୧୯୯୧ରେ ଥେନମୋଝି ରାଜରତ୍ନମ୍ (ଧାନୁ) ନାମ୍ନୀ ଶ୍ରୀଲଙ୍କା ନାଗରିକ ତଥା ଏଲ୍‌ଟିଟିଇର ଆତ୍ମଘାତୀ ମହିଳା ବିସ୍ଫୋରଣ ଘଟାଇ ରାଜୀବଙ୍କୁ ହତ୍ୟା କରିବା ପରଠୁ ସମସ୍ତ ଦୋଷୀ ଜେଲରେ ଦଣ୍ଡାଦେଶ ଭୋଗୁଛନ୍ତି।

୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ରାଜୀବ ଗାନ୍ଧୀଙ୍କୁ ହତ୍ୟା ପୂର୍ବର ଫଟୋ।

୨ ବ୍ୟାଟେରି ପାଇଁ ଜେଲରେ ୩୧ ବର୍ଷ

ରାଜୀବ ଗାନ୍ଧୀ ୧୯୯୧ ସାଧାରଣ ନିର୍ବାଚନ ପାଇଁ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ପ୍ରଚାର କରୁଥିବାବେଳେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ଏହି ରାଜନୈତିକ ହତ୍ୟାକାଣ୍ଡ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ସେତେବେଳେ ଏ.ଜି. ପେରାରିଭଲନ୍‌ଙ୍କୁ ମାତ୍ର ୧୯ ବର୍ଷ ହୋଇଥିଲା। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ତଥା ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ)ର ଶିବାଶରଣଙ୍କ ପାଇଁ ପେରାରିଭଲନ୍ ଦୁଇଟି ୯-ଭୋଲ୍ଟ ବ୍ୟାଟେରି କିଣି ଆଣିଦେଇଥିଲେ। ଉକ୍ତ ବ୍ୟାଟେରିକୁ ରାଜୀବଙ୍କ ହତ୍ୟା ପାଇଁ ପ୍ରସ୍ତୁତ ବୋମାରେ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ୧୯୯୮ରେ ଆତଙ୍କବାଦ ନିରୋଧୀ କୋର୍ଟ ପେରାରିଭଲନ୍‌ଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ପରବର୍ଷ ସୁପ୍ରିମକୋର୍ଟ ଏହାକୁ ବଳବତ୍ତର ରଖିଥିଲେ ହେଁ ୨୦୧୪ରେ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରିଥିଲେ। ଗତ ମାର୍ଚ୍ଚରେ ଶୀର୍ଷ ଅଦାଲତ ତାଙ୍କୁ ଜାମିନ ଦେଇଥିଲେ। ଜାମିନ ପାଇବା ପରେ ସେ ଜେଲରୁ ତୁରନ୍ତ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ଅନ୍ୟପକ୍ଷେ କେନ୍ଦ୍ର ସରକାର ଏହାକୁ ବିରୋଧ କରିଥିଲେ। ତାମିଲନାଡୁ ରାଜ୍ୟପାଳ ଏହି ପ୍ରସଙ୍ଗ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ବିଚାର ପାଇଁ ପଠାଇଛନ୍ତି। ତେବେ ରାଷ୍ଟ୍ରପତି ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନ ଥିବା କେନ୍ଦ୍ର ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ସୁପ୍ରିମକୋର୍ଟ ପେରାରିଭଲନ୍‌ଙ୍କୁ ବୁଧବାର ମୁକ୍ତ କରିଛନ୍ତି।

ଦିଲ୍ଲୀ ଉପରାଜ୍ୟପାଳଙ୍କ ଇସ୍ତଫା

ନୂଆଦିଲ୍ଲୀ,୧୮।୫

ଦିଲ୍ଲୀ ଉପରାଜ୍ୟପାଳ (ଏଲ୍‌ଜି) ଅନିଲ ବୈଜାଲ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ପଦ ଛାଡ଼ିଥିବା ବିଷୟ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ୨୦୧୬ ଡିସେମ୍ବର ୨୮ରେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ତତ୍କାଳୀନ ଏଲ୍‌ଜି ନଜିବ ଜଙ୍ଗ ଇସ୍ତଫା ଦେବା ପରେ ୩୧ ତାରିଖରେ ତାଙ୍କ ସ୍ଥାନରେ ଅବସରପ୍ରାପ୍ତ ଅମଲାତନ୍ତ୍ରୀ ଅନିଲ ବୈଜାଲଙ୍କୁ ଅବସ୍ଥାପିତ କରାଯାଇଥିଲା। ୧୯୬୯ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ବୈଜାଲ ବିଂଶତମ ଉପରାଜ୍ୟପାଳ ରୂପେ ନିଯୁକ୍ତ ହେବା ପୂର୍ବରୁ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ଉପାଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ୨୦୦୪ରେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଥିଲେ। ଏଲ୍‌ଜି ନିଯୁକ୍ତ ହେବା ପରେ ବୈଜାଲ ପ୍ରାୟ ସାଢ଼େ ୪ ବର୍ଷ ଏହି ସାମ୍ବିଧାନିକ ପଦ ସମ୍ଭାଳିଥିଲେ। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଏବଂ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ମଧ୍ୟରେ କ୍ଷମତା ଅଧିକାରକୁ ନେଇ ଟଣାଓଟରା ଲାଗିରହିଥିବାବେଳେ ଉପରାଜ୍ୟପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସମସ୍ତଙ୍କ ନଜର ରହିଥିଲା।

ପ୍ରାଧ୍ୟାପକଙ୍କ ବିରୋଧରେ ମାମଲା

ଶିବଲିଙ୍ଗ ଉପରେ ଆପତ୍ତିଜନକ ମନ୍ତବ୍ୟ

ନୂଆଦିଲ୍ଲୀ, ୧୮।୫

ଜ୍ଞାନବାପି ମସ୍‌ଜିଦ୍ ପରିସରରେ ଶିବଲିଙ୍ଗ ମିଳିବା ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଦିଲ୍ଲୀ ୟୁନିଭର୍ସିଟିର ସହକାରୀ ପ୍ରାଧ୍ୟାପକ ରତନ ଲାଲଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଦିଲ୍ଲୀର ଜଣେ ଆଇନଜୀବୀ ବିନିତ ଜିନ୍ଦଲ ତାଙ୍କ ନାଁରେ ଅଭିଯୋଗ ଆଣିଛନ୍ତି। ରତନ ଲାଲ ଟୁଇଟ୍ କରି ଶିବଲିଙ୍ଗ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଯୋଗୁ ଧାର୍ମିକ ଭାବନାକୁ ଆଘାତ ଦେବାଭଳି ଏବଂ ଏଥିଯୋଗୁ ଉତ୍ତେଜନା ସୃଷ୍ଟି ଆଶଙ୍କା ଥିବା ବିନିତ କହିଛନ୍ତି। ଅନ୍ୟପକ୍ଷରେ ପ୍ରାଧ୍ୟାପକ ରତନ ଲାଲଙ୍କୁ ହତ୍ୟା ଧମକ ମିଳୁଥିବା ସେ ଅଭିଯୋଗ କରିବା ସହ ସରକାରଙ୍କ ତରଫରୁ ସୁରକ୍ଷା ଲୋଡ଼ିଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଦିଲ୍ଲୀ ଡିସିପି ସାଗର ସିଂ କାଲ୍‌ସି କହିଛନ୍ତି।

ସତ ପଦାକୁ ଆସୁ: ଆର୍‌ଏସ୍‌ଏସ୍

ନୂଆଦିଲ୍ଲୀ, ୧୮।୫

ବାରାଣସୀ ଜ୍ଞାନବାପି ମସ୍‌ଜିଦକୁ ନେଇ ବିବାଦ ଚାଲିଥିବାବେଳେ ସତ ପଦାକୁ ଆସିବା ଉଚିତ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଯୋଗାଯୋଗ ଶାଖା ଇନ୍ଦ୍ରପ୍ରସ୍ଥ ବିଶ୍ୱ ସମ୍ବାଦ କେନ୍ଦ୍ରର ପ୍ରଚାର ମୁଖ୍ୟ ସୁନିଲ ଆମ୍ବେଡକର ବୁଧବାର କହିଛନ୍ତି। ମସ୍‌ଜିଦ ବାବଦ ସମସ୍ତ ତଥ୍ୟ ସାମ୍ନାକୁ ଆସିବାକୁ ଦିଆଯାଉ ବୋଲି ସେ କହିଛନ୍ତି। ମସ୍‌ଜିଦ ପରିସରରେ ଶିବଲିଙ୍ଗ ମିଳିଥିବାବେଳେ ଏହାର ସୁରକ୍ଷା ସହ ନମାଜ ବନ୍ଦ ନ କରିବାକୁ ମଙ୍ଗଳବାର ଶୁଣାଣିବେଳେ ସୁପ୍ରିମକୋର୍ଟ କହିଥିଲେ।

ଇନ୍ଦ୍ରାଣୀ ମୁଖାର୍ଜୀଙ୍କୁ ଜାମିନ

ଶିନା ବୋରା ଇନ୍ଦ୍ରାଣୀ ମୁଖାର୍ଜୀ

ନୂଆଦିଲ୍ଲୀ,୧୮।୫

ଶିନା ବୋରା ହତ୍ୟା ମାମଲା

ବହୁଚର୍ଚ୍ଚିତ ଶିନା ବୋରା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ମିଡିଆ ଏକ୍‌ଜିକ୍ୟୁଟିଭ୍ ଇନ୍ଦ୍ରାଣୀ ମୁଖାର୍ଜୀଙ୍କୁ ଆଶ୍ୱସ୍ତି ମିଳିଛି। ନିଜ ଝିଅଙ୍କୁ ହତ୍ୟା କରିବା ଅଭିଯୋଗରେ ସାଢ଼େ ୬ ବର୍ଷ ଧରି ଜେଲରେ ଥିବା ଇନ୍ଦ୍ରାଣୀଙ୍କୁ ବୁଧବାର ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ କହିଛନ୍ତି, ଇନ୍ଦ୍ରାଣୀ ୨୦୧୫ରୁ ଜେଲରେ ଅଛନ୍ତି। ସାଢ଼େ ୬ ବର୍ଷ ଏକ ଦୀର୍ଘ ଅବଧି। ଏହି ମାମଲାରେ ଅଭିଯୋଜନ ପକ୍ଷର ୨୩୭ ସାକ୍ଷୀଙ୍କ ମଧ୍ୟରୁ ଅଦ୍ୟାବଧି ମାତ୍ର ୬୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଇଛି। ତେଣୁ ଏହାର ଶୁଣାଣି ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଇନ୍ଦ୍ରାଣୀଙ୍କ ଏକ ପୂର୍ବ ସମ୍ପର୍କରୁ ଜନ୍ମିତ ଶିନା ବୋରା(୨୪) ମୁମ୍ବାଇ ମେଟ୍ରୋ ୱାନ୍‌ରେ ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରୁଥିବାବେଳେ ୨୦୧୨ ଏପ୍ରିଲ ୨୪ରେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରଦିନ ତାଙ୍କ ମୃତଦେହକୁ ମୁମ୍ବାଇ ନିକଟସ୍ଥ ରାଏଗଡ଼ ଜିଲାର ଏକ ଜଙ୍ଗଲରେ ପୋଡ଼ି ଦିଆଯାଇଥିଲା। ପୋଲିସ ଏହାର ୩ ବର୍ଷ ପରେ ପୋଡ଼ା ମୃତଦେହ ପାଇଥିଲା। ୨୦୧୫ ଅଗଷ୍ଟ ୨୫ରେ ମୁମ୍ବାଇ ପୋଲିସ ଇନ୍ଦ୍ରାଣୀଙ୍କ ଡ୍ରାଇଭର ଶ୍ୟାମବର ରାଏଙ୍କୁ ଗିରଫ କରିଥିଲା। ଶ୍ୟାମବର ଏହି ହତ୍ୟାକାଣ୍ଡରେ ତତ୍କାଳୀନ ମିଡିଆ ଟାଇକୁନ୍ ପିଟର ମୁଖାର୍ଜୀ ଓ ତାଙ୍କ ସ୍ତ୍ରୀ ଇନ୍ଦ୍ରାଣୀଙ୍କ ସମ୍ପୃକ୍ତି ଥିବା ପୋଲିସ ଆଗରେ କହିଥିଲେ। ପରେ ଇନ୍ଦ୍ରାଣୀ, ତାଙ୍କ ପୂର୍ବତନ ସ୍ୱାମୀ ସଞ୍ଜୀବ ଖାନ୍ନା ଓ ପିଟରଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଇନ୍ଦ୍ରାଣୀ ଅନେକ ଥର ଜାମିନ ଆବେଦନ କରି ନିରାଶ ହୋଇଥିଲେ। ତେବେ ୨୦୧୫ ଡିସେମ୍ବରରେ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ ଭାର ହାତକୁ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଦିଆଯାଇଥିବା ପ୍ରମାଣରେ ଅନେକ ତ୍ରୁଟିବିଚ୍ୟୁତି ରହିଥିଲା। ପିଟରଙ୍କ ପୂର୍ବ ବିବାହରୁ ଜନ୍ମିତ ପୁଅ ରାହୁଲଙ୍କ ସହ ନିଜ ଝିଅ ଶିନାଙ୍କ ସମ୍ପର୍କ ବିଷୟ ଜାଣିବା ପରେ ଇନ୍ଦ୍ରାଣୀ ତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଏଥିରେ ପିଟର ଓ ସଞ୍ଜୀବ ମଧ୍ୟ ସମ୍ପୃକ୍ତ ଥିଲେ ବୋଲି ସିବିଆଇ ଦର୍ଶାଇଥିଲା। ଜଷ୍ଟିସ୍ ବି.ଆର୍. ନାଗେଶ୍ୱର ରାଓ ଏବଂ ଏ.ଏସ୍. ବୋପାନ୍ନା ସାମିଲ ଥିବା ଖଣ୍ଡପୀଠ କହିଛନ୍ତି, ଇନ୍ଦ୍ରାଣୀଙ୍କ ବିରୋଧରେ ନିଜ ଝିଅଙ୍କୁ ହତ୍ୟା ପାଇଁ ଅପହରଣ ଅଭିଯୋଗ ରହିଛି। ସେ ଜେଲରେ ୬.୫ ବର୍ଷ ରହିସାରିଲେଣି। କିନ୍ତୁ ଅଭିଯୋଜନ ପକ୍ଷ ୫୦% ସାକ୍ଷୀଙ୍କୁ ମଧ୍ୟ କୋର୍ଟରେ ହାଜର କରାଇପାରି ନାହିଁ। ଏହି ମାମଲାର ଫଇସଲା ଏତେ ଶୀଘ୍ର ହେବାକୁ ଯାଉନାହିଁ।

ଲୁଣ ଫ୍ୟାକ୍ଟ୍ରି କାନ୍ଥ ଭୁଶୁଡ଼ି ୧୨ ମୃତ

ମୋରବି(ଗୁଜରାଟ), ୧୮।୫

ଗୁଜରାଟର ମୋରବି ଜିଲା ସୌରାଷ୍ଟ୍ର ଅଞ୍ଚଳରେ ଥିବା ଏକ ଲୁଣ ଫ୍ୟାକ୍ଟ୍ରି କାନ୍ଥ ଭୁଶୁଡ଼ି ୧୨ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ଆଉ ୩ ଜଣ ସେଠାରେ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୨,୪୩,୭୪,୩୨୭	୬୨,୯୩,୪୦୧	୪୯,୪୩,୧୬,୬୧୨
ଭାରତ	୪,୩୧,୨୭,୧୯୯	୫,୨୪,୨୯୩	୪,୨୫,୮୭,୨୫୯
ଓଡ଼ିଶା	୧୨,୮୮,୩୨୭	୯୧୨୬(+୫୩)	୧୨,୭୯,୦୪୦

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ପ୍ରଜାକୋର୍ଟରେ ଯୁବକଙ୍କୁ ପିଟି ହତ୍ୟା

ଗୁଣି ଗାରେଡ଼ି ସନ୍ଦେହ, ୫ ଅଟକ

ମାଲକାନଗିରି/କାଲିମେଳା, ୧୮।୫ (ଡି.ଏନ୍.ଏ.)

ଗୁଣି ଗାରେଡ଼ି ସନ୍ଦେହରେ ପ୍ରଜାକୋର୍ଟରେ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରାଯାଇଛି। ମୃତକ ହେଲେ ପଦିଆ ମାଡକାମି। ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ଗ୍ରାମରେ ବୁଧବାର ଏପରି ଘଟଣା ଘଟିଛି। ଏହି ଘଟଣା ସାଧାରଣରେ ଆଲୋଡନ ଖେଳାଇ ଦେଇଛି। ୫ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି କାଙ୍ଗୁରୁକୋଣ୍ଡା ଗ୍ରାମର ପଦିଆ ନିଜ ଘରେ ସବୁ ସମୟରେ ପୂଜାର୍ଚ୍ଚନା କରୁଥିଲେ। ତାଙ୍କୁ ଗ୍ରାମବାସୀ ଦୀର୍ଘଦିନ ହେଲା ଗୁଣିଆ ରୂପେ ସନ୍ଦେହକରି ଆସୁଥିଲେ। ଗତ ଏକ ସପ୍ତାହ ତଳେ ପଦିଆଙ୍କ ପରିବାରର ଜଣେ ସମ୍ପର୍କୀୟ ମହିଳା ଦେବେ ମାଡକାମି ରୋଗାକ୍ରାନ୍ତ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସାଳୟକୁ ନ ନେଇ ବିଭିନ୍ନ ଗୁଣିଆ ଓ ଦିଶାରିଙ୍କୁ ଦେଖାଉଥିଲେ। ପରେ ସମ୍ପୃକ୍ତା ମହିଳାଙ୍କର ମୃତ୍ୟୁ ହୋଇଥିଲା। ପଦିଆ ଗୁଣି ଗାରେଡ଼ି କରି ତାଙ୍କୁ ମାରି ଦେଇଥିବା ପରିବାର ଲୋକେ ସୂଚନା ପାଇଥିଲେ। ଗ୍ରାମବାସୀ ମଧ୍ୟ ପଦିଆଙ୍କୁ ସନ୍ଦେହ କରିଥିଲେ। ମୃତ ମହିଳାଙ୍କ ବୁଧବାର ଦଶାହ ଥିଲା। ଏହି କାର୍ଯ୍ୟ ପାଇଁ ଗ୍ରାମରେ ପ୍ରଜାକୋର୍ଟ ବସିଥିଲା। ବୈଠକରେ ପଦିଆ ଓ ତାଙ୍କ ପୁଅ ବିରାଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଲୋଚନା ଚାଲିଥିବା ବେଳେ ହଠାତ୍ ଗ୍ରାମର ମୁକୁନ୍ଦ ମାଡକାମି, ଫିଦା ମାଡକାମି, କାନା ମାଡକାମି, ଇର୍ମା ମାଡକାମି, ଗଙ୍ଗା ମାଡକାମି ପଦିଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଠେଙ୍ଗାରେ ପିଟି ପିଟି ବୈଠକ ସ୍ଥଳରେ ତାଙ୍କୁ ମାରି ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ପୁଅ ବିରା ପଦିଆଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମବାସୀ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇବାକୁ ସେଠାରୁ ଦୌଡ଼ି ପଳାଇଥିଲେ। ଖବର ପାଇ କାଲିମେଳା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ୧୩୯/୨୨ରେ ଏକ ମାମଲା ରୁଜୁ ହୋଇଛି। ୫ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଅନ୍ୟ ୩ଜଣ ଫେରାର ଅଛନ୍ତି। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦାରଖ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କାଲିମେଳା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି।

ଦୁର୍ଘଟଣାରେ ୨ମୃତ

ଦାମନଯୋଡ଼ି, ୧୮।୫ (ଡି.ଏନ.ଏ.): ଦାମନଯୋଡ଼ି-କାକିରିଗୁମା ରାସ୍ତାର ଝଡ଼ିଗୁଡ଼ା ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଦୁଇ ମୃତକ ହେଲେ ଅନନ୍ତ ନାୟକ(୨୨) ଓ ବାପି କମାର। ଅନନ୍ତଙ୍କ ଘର ଦଶମନ୍ତପୁର ବ୍ଲକର ଟାମକସିଲ ଗ୍ରାମରେ। ବାପିଙ୍କ ଘର ସେହି ବ୍ଲକର ଭିତରବାଗ୍ରୀ ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଆହତ ଦୈତାରି କମାରଙ୍କ ଘର ଲକ୍ଷ୍ମୀପୁର ବ୍ଲକ ବସ୍ତ୍ରବନ୍ଧ ଗ୍ରାମରେ ବୋଲି ଜଣାପଡ଼ିଛି। କାକିରିଗୁମା ଅଞ୍ଚଳର ଅନନ୍ତ, ବାପି ଓ ଦୈତାରି ଏକ ବାଇକ୍ (ଓଡିଏ୦କ୍ୟୁ-୬୦୦୩)ରେ ଦାମନଯୋଡ଼ି ପୁଟ୍ରାଘାଟି ଗ୍ରାମରୁ ଭୋଜି ଖାଇ ମଙ୍ଗଳବାର ରାତିରେ ଗ୍ରାମକୁ ଫେରୁଥିଲେ। ଝଡ଼ିଗୁଡ଼ା-ଲିଟିଗୁଡ଼ା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ସେମାନେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱରେ ଥିବା ୩ଫୁଟ ଖାଲ ଭିତରକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ଅନନ୍ତ ଓ ବାପିଙ୍କ ମୃତ୍ୟୁ ହୋଇଥିଲା।

'ନନ୍ଦ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ'

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ଚନ୍ଦକା ବନଖଣ୍ଡରେ କୁମ୍‌କି ପ୍ରଶିକ୍ଷଣ ଭେଳିକି ଦେଖାଇ କୋଟି କୋଟି ଟଙ୍କା ବରବାଦ କରାଯିବା ସହ ପୋଷା ହାତୀ 'ନନ୍ଦ'କୁ ମାରିଦେବା ଘଟଣାକୁ ସହଜରେ ହଜମ କରି ପାରୁନାହାନ୍ତି ରାଜ୍ୟବାସୀ। ନନ୍ଦର କ୍ୟାମ୍ପ ମ୍ୟାନେଜମେଣ୍ଟ ଠିକ୍ ନ ଥିଲା ବୋଲି ଖୋଦ୍ କୁମ୍‌କି ଅପରେଶନ ସହ ଜଡ଼ିତ ବନ କର୍ମଚାରୀମାନେ ଖୋଲାଖୋଲି କହିବାକୁ ଲାଗିଲେଣି। ଏପରିକି ସୋସିଆଲ ମିଡିଆରେ ଏହି ଘଟଣା ପାଇଁ ଆନିମଲ ରାଇଟ୍ସ କର୍ମୀମାନେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ଇସ୍ତଫା ମଧ୍ୟ ଦାବି କଲେଣି। ତେବେ ନନ୍ଦର ମୃତ୍ୟୁକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଓଡ଼ିଶାରେ ଚାଲିଥିବା କୁମ୍‌କି ଅପରେଶନର ମୂଲ୍ୟାଙ୍କନ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବା ଉଚିତ ବୋଲି ଖୋର୍ଦ୍ଧା ଜିଲ୍ଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ପିସିସିଏଫ୍‌ଙ୍କୁ ଇମେଲ୍ ମାଧ୍ୟମରେ ଅନୁରୋଧ କରିଛନ୍ତି। କମିଟିରେ ପୂର୍ବତନ ପିସିସିଏଫ୍ ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ସରୋଜ ପଟ୍ଟନାୟକ, ପୂର୍ବତନ ଚନ୍ଦକା ଡିଏଫ୍‌ଓ ସୁରେଶ କୁମାର ମିଶ୍ର, ପୂର୍ବତନ ଡିସିଏଫ୍ କମଳଲୋଚନ ପୁରୋହିତଙ୍କୁ ସାମିଲ କରିବା ପାଇଁ ଶୁଭେନ୍ଦୁ ପ୍ରସ୍ତାବ ଦେଇଛନ୍ତି। ସେହିଭଳି କେନ୍ଦ୍ରୀୟ ବନ୍ୟପ୍ରାଣୀ ବୋର୍ଡର ପୂର୍ବତନ ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କୁ ମଧ୍ୟ ସାମିଲ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ତେବେ ନନ୍ଦର ସ୍ୱାସ୍ଥ୍ୟ ଓ ମୃତ୍ୟୁକୁ ନେଇ ଘୋର ସନ୍ଦେହ ଉଠିଥିବାରୁ ବିଶ୍ୱର ଶ୍ରେଷ୍ଠ ଭେଟେରିନାରି ସର୍ଜନ, ପୂର୍ବତନ ଭେଟେରିନାରି ନିର୍ଦ୍ଦେଶକ ତଥା ଭେଟେରିନାରି କଲେଜର ପୂର୍ବତନ ଡିନ୍ ଡା. ଜୀବନାନନ୍ଦ ମହାନ୍ତିଙ୍କୁ ନେବା ପାଇଁ ମଧ୍ୟ ସେ ପ୍ରସ୍ତାବ ଦିଆଯାଇଛି। ଉକ୍ତ ଇମେଲ୍‌ର ଏକ କପି ସେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବଙ୍କୁ ମଧ୍ୟ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ନନ୍ଦ ହାତୀକୁ କୁମ୍‌କି ପ୍ରଶିକ୍ଷଣ ପାଇଁ ଚନ୍ଦକା ନିଆଯାଇଥିଲେ ମଧ୍ୟ କୌଣସି ପ୍ରଶିକ୍ଷଣ ଦିଆଯାଇ ନ ଥିଲା। ୨୪ ଘଣ୍ଟା ତା' ଗୋଡ଼ରେ ବେଡ଼ି ବାନ୍ଧି ରଖାଗଲା। ବାରମ୍ବାର ଟ୍ରାଙ୍କୁଲାଇଜ୍ କରାଯାଇ ସ୍ୱାର୍ଥ ହାସଲ ହେଲା। କୁମ୍‌କି ନାଁରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ପ୍ରଶିକ୍ଷଣ ପାଇଁ ନିଯୁକ୍ତ ହୋଇଥିବା ଆସାମ ମାହୁନ୍ତ ଠିକାଦାର ଗୋଟିଏ ବି କୁମ୍‌କି ହାତୀ ତିଆରି କରି ପାରିଲେ ନାହିଁ। କୋଟି କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ସତ୍ତ୍ୱେ କୌଣସି ଫଳ ମିଳିଲା ନାହିଁ। ତେଣୁ ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର। ଆଗକୁ ଯେମିତି ଏହି ଘଟଣାର ପୁନରାବୃତ୍ତି ନ ହେବ, ସେଥିପାଇଁ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି।

କାର୍‌ରୁ ଟାଣିନେଇ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

କବିସୂର୍ଯ୍ୟନଗର, ୧୮।୫

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବାହାରପଲ୍ଲୀ ନିକଟ ହ୍ରଦଠାରେ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ବିଶୋୟୀ (୫୬)ଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ରାତି ପ୍ରାୟ ୯ଟାରେ ହତ୍ୟା କରାଯାଇଛି। ରାତି ପ୍ରାୟ ୮ଟାରେ ରାଜେନ୍ଦ୍ର ନିଜ ଗ୍ରାମ ଖୋଜାପଲ୍ଲୀକୁ ଏକ କାର ଯୋଗେ ବାହାରପଲ୍ଲୀ ଗ୍ରାମରୁ କାମ ସାରି ଫେରୁଥିବା ବେଳେ ହ୍ରଦ ନିକଟରେ କେତେଜଣ ଦୁର୍ବୃତ୍ତ ଏକ ବୋଲେରୋରେ ଆସି ତାଙ୍କୁ ଅଟକାଇଥିଲେ। ସେଠାରେ ତାଙ୍କୁ କାର୍‌ରୁ ଟାଣି ଆଣି ଖଣ୍ଡାରେ ନିର୍ମମ ଭାବେ ହତ୍ୟା କରିଥିଲେ। କିନ୍ତୁ କାରରେ ଥିବା ଡ୍ରାଇଭର ଓ ଅନ୍ୟଜଣେ ଫେରାର ହୋଇଯାଇଥିଲେ।

ଆଖପାଖର କିଛି ଲୋକ ଘଟଣାସ୍ଥଳକୁ ଆସିଯିବାରୁ ବେଲେରୋ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡିବା ପରେ କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ଦୁର୍ବୃତ୍ତମାନେ ଛାଡି ଯାଇଥିବା ବେଲେରୋ ଓ ଖଣ୍ଡା ଜବତ କରିଥିଲେ। ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ କରାଯାଇ ନାହିଁ ।

ସୂଚନାଯୋଗ୍ୟ, ଦୀର୍ଘ ୨୦ରୁ ୩୦ବର୍ଷ ହେବ ବିଶୋୟୀଙ୍କ ପରିବାର ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଗତ ବର୍ଷ ଜିତେନ୍ଦ୍ର ବିଶୋୟୀ ନାମକ ଯୁବକଙ୍କୁ ପ୍ରତିପକ୍ଷ ହତ୍ୟା କରିଥିଲେ।

ନାଭାଲ ଆଣ୍ଟିଶିପ୍ ମିଶାଇଲ୍‌ର ସଫଳ ପରୀକ୍ଷଣ

ଦେଶରେ ପ୍ରଥମ

ବାଲେଶ୍ୱର ଅଫିସ, ୧୮।୫

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆରଡିଓ) ଏବଂ ଭାରତୀୟ ନୌସେନା ପକ୍ଷରୁ ବୁଧବାର ପ୍ରଥମଥର ଲାଗି ନାଭାଲ ଆଣ୍ଟିଶିପ୍ ମିଶାଇଲ(କ୍ଷେପଣାସ୍ତ୍ର)ର ପରୀକ୍ଷଣ ହୋଇଛି। ଏଥିରେ ଆକାଶ ମାର୍ଗରୁ ମିଶାଇଲକୁ ହେଲିକପ୍ଟରରୁ ଜାହାଜ(ଶିପ୍)କୁ ଟାର୍ଗେଟ କରାଯାଇଥିଲା। ପରୀକ୍ଷଣ ସଫଳ ହୋଇଥିବା ନେଇ ଡିଆରଡିଓ ପକ୍ଷରୁ ସୂଚନା ମିଳିଛି।

ଡିଆରଡିଓ ଏବଂ ଭାରତୀୟ ନୌସେନାର ମିଳିତ ଉଦ୍ୟମରେ ସ୍ୱଦେଶୀ-ଜ୍ଞାନ କୌଶଳରେ ବିକଶିତ ନାଭାଲ୍ ଆଣ୍ଟିଶିପ୍ ମିଶାଇଲ୍‌ର ଏହା ପ୍ରଥମ ଫ୍ଲାଇଟ୍-ଟେଷ୍ଟ। ଏହି ପରୀକ୍ଷଣ ପାଇଁ ଏକ ସ୍ୱଦେଶୀ ବିକଶିତ ଲଞ୍ଚର ସହିତ କେତେକ ନୂତନ ପ୍ରଯୁକ୍ତିବିଦ୍ୟାକୁ ପ୍ରୟୋଗ କରାଯାଇଛି। ଏଥିରେ ଅତ୍ୟାଧୁନିକ ନାଭିଗେଶନ୍ ସିଷ୍ଟମ୍ ଏବଂ ଇଣ୍ଟିଗ୍ରେଟେଡ୍ ଆଭିଏନିକ୍ସ ବ୍ୟବହୃତ ହୋଇଛି। ଚାନ୍ଦିପୁର ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରୁ ପୂର୍ବାହ୍ନ ୮ଟା ୫୦ରେ ଏକ ନାଭାଲ ହେଲିକପ୍ଟରରୁ ଏହି ମିଶାଇଲକୁ ଗଭୀର ସମୁଦ୍ର ଭିତରେ ଥିବା ଏକ ଜାହାଜକୁ ଉତ୍କ୍ଷେପିତ କରାଯାଇଥିଲା। ଏହି କ୍ଷେପଣାସ୍ତ୍ର ସମୁଦ୍ର ସ୍କିମିଂ ଟ୍ରାଜେକ୍ଟୋରୀ ଅନୁସରଣ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବା ନେଇ ଡିଆରଡିଓ ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷଣ ସମୟରେ ଭାରତୀୟ ନାଭାଲ ୟୁନିଟ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ନୌସେନା ଏବଂ ସହଯୋଗୀ ଦଳଗୁଡ଼ିକୁ ଏହି ପରୀକ୍ଷଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ମିଶାଇଲ ସିଷ୍ଟମ ସ୍ୱଦେଶୀ ଡିଜାଇନ୍ ଏବଂ ବିକାଶରେ ଭାରତ ଏକ ଉଚ୍ଚସ୍ତରର ଦକ୍ଷତା ହାସଲ କରିଛି। ଡିଆରଡିଓ ଚେୟାରମ୍ୟାନ୍ ଡ.ସତୀଶ ରେଡ୍ଡୀ ମିଶନ ଉଦ୍ଦେଶ୍ୟକୁ ସଫଳତାର ସହ ପ୍ରମାଣ କରିବା ପାଇଁ ସମସ୍ତ ପ୍ରକଳ୍ପ ଦଳର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ତେବେ ଏଭଳି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଆରଡିଓ ଏବଂ ଭାରତୀୟ ନୌସେନାକୁ ଶୁଭେଚ୍ଛା ଜଣାଇଛନ୍ତି।

ଆଣ୍ଟିଶିପ୍ ମିଶାଇଲ୍‌ର ପରୀକ୍ଷଣ ସମୟରେ ନାଭାଲ୍ ୟୁନିଟ୍‌ର ଜାହାଜ।

'ଅସହ୍ୟ କରୁଛି ବିଜୁଳି କାଟ'

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ପ୍ରଥମେ ଗୃହ, ଏବେ ଷ୍ଟାଣ୍ଡିଂ କମିଟିର ଉଦ୍‌ବେଗ

- ମେଣ୍ଟେନାନ୍ସ, କ୍ୟାପିଟାଲ ୱାର୍କ ପାଇଁ ବିଜୁଳି କାଟ: ସଚିବ
- କଥାବାର୍ତ୍ତା ହୋଇଛି, ଏବେ କେବଳ ସକାଳେ ମେଣ୍ଟେନାନ୍ସ କାମ: ଟାଟା

ବିଧାନସଭା ଷ୍ଟାଣ୍ଡିଂ କମିଟି-୧୦ର ତୃତୀୟ ବୈଠକ ବୁଧବାର ପୂର୍ବାହ୍ନରେ ବିଧାୟକ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟୁତ୍ କାଟକୁ ନେଇ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ପ୍ରଥମ ଥର ନୁହେଁ ବରଂ ଗତଥର ଗୃହ କମିଟି ବୈଠକରେ ମଧ୍ୟ ବିଜୁଳି କାଟକୁ ନେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଜୁଳି କାଟ ନ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପିଲାମାନଙ୍କ ପଢ଼ାକୁ ଧ୍ୟାନଦେବା ନେଇ ସେ କହିଥିଲେ। ହେଲେ କିଛି ଫରକ ପଡିଲା ନାହିଁ। ପୂର୍ବରୁ ଯେମିତି ବିଦ୍ୟୁତ୍ କାଟ ହେଉଥିଲା ଏବେ ବି ରାଜ୍ୟର ବିଭିନ୍ନ ସ୍ଥାନରେ ସମାନ ସ୍ଥିତି ରହିଛି। ତେବେ ଶକ୍ତି ସଚିବ ଏବଂ ଟାଟା ପାୱାର ଅଧିକାରୀ ମେଣ୍ଟେନାନ୍ସ ପାଇଁ ବିଜୁଳି କାଟ ହେଉଥିବା ଯୁକ୍ତି ବାଢ଼ିଛନ୍ତି।

ଷ୍ଟାଣ୍ଡିଂ କମିଟି ବୈଠକରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ବିଧାୟକ ତରାଇ ଆଲୋକପାତ କରିବା ସହ ଗ୍ରୀଷ୍ମଦିନେ ବିଦ୍ୟୁତ୍ କାଟ ନ କରିବାକୁ ପରାମର୍ଶ ଦେଇଛନ୍ତି । ଜନସାଧାରଣ ମୁଖ୍ୟତଃ ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିକୋଣରୁ ଗ୍ରୀଷ୍ମଦିନେ ବିଜୁଳି କାଟ ନ କରିବା ଓ ବର୍ଷାଦିନ ପୂର୍ବରୁ ୩୩/୧୧ କେଭି ଗ୍ରୀଡ୍ ଷ୍ଟେଶନ ସ୍ଥାପନ କାର୍ଯ୍ୟ ଶେଷ କରିବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅନେକ ଗ୍ରାମକୁ ବିଦ୍ୟୁତ୍ ତାର ସଂଯୋଗ ହୋଇଛି ହେଲେ ଟ୍ରାନ୍ସଫର୍ମର ଅକାମୀ ହେବା ଦ୍ୱାରା ବିଦ୍ୟୁତ୍ ଯୋଗାଣ ହୋଇପାରୁନାହିଁ। ଅଥଚ ଗ୍ରାମବାସୀଙ୍କ ପାଖକୁ ମାସିକ ହାରାହାରି ବିଦ୍ୟୁତ୍ ବିଲ୍ ଆସୁଛି ବୋଲି ଅନେକ ସ୍ଥାନରେ ଜନସାଧାରଣ ଅଭିଯୋଗ କରୁଛନ୍ତି। ଏଭଳି ସ୍ଥଳେ ହାରାହାରି ବିଦ୍ୟୁତ୍ ବିଲ୍ ନ ଦେବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅନ୍ୟପଟେ ରାତିରେ ବିଜୁଳି କାଟ ନ କରି ପାୱାର ଆଉଟେଜ କମାଇବାକୁ ବିତରଣ କମ୍ପାନୀକୁ କମିଟି ନିର୍ଦ୍ଦେଶ ଦେଇଛି। ଜଣେ ଉପଭୋକ୍ତା କହିଛନ୍ତି, ଘଣ୍ଟାଘଣ୍ଟା ଧରି ବିଜୁଳି କାଟ କଲେ କେମିତି ହେବ। ରାଜ୍ୟ ସରକାରଙ୍କୁ ଏତିକି ଅନୁରୋଧ, ମୁଖ୍ୟ ଶାସନ ସଚିବ ଜିଲାପାଳ, ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀମାନଙ୍କ ଜରିଆରେ କେଉଁଠାରେ କେତେ ସମୟ ଲେଖା କାହିଁକି ବିଜୁଳି କଟୁଛି ତା'ର ସମୀକ୍ଷା କରି ରିପୋର୍ଟ ନିଅନ୍ତୁ ବୋଲି ସେ କହିଛନ୍ତି।

ତେବେ ବୈଠକ ପରେ ଶକ୍ତି ସଚିବ ନିକୁଞ୍ଜ ଧଳ କହିଛନ୍ତି, ରାଜ୍ୟରେ ଏବେ ବିଜୁଳି ସମସ୍ୟା ନାହିଁ। ପିକ୍ ସମୟରେ ରାଜ୍ୟକୁ ୪ ହଜାରରୁ ୪ ହଜାର ୫୦୦ ମେଗାୱାଟ୍ ବିଜୁଳି ଆବଶ୍ୟକ ପଡୁଛି। ଚଳିତ ମାସ ଆରମ୍ଭରୁ ଏହି ଚାହିଦା ପୂରଣ ହେଉଛି। ହେଲେ ବିଭିନ୍ନ ପ୍ରକାର ମେଣ୍ଟେନାନ୍ସ ଏବଂ କ୍ୟାପିଟାଲ ୱାର୍କ ଲାଗି ବିଜୁଳି କାଟ ହେଉଛି ବୋଲି ବିତରଣ କମ୍ପାନୀ କହୁଛନ୍ତି। ତେବେ ଖରାଦିନ ଚାଲିଥିବାରୁ ପାୱାର ଆଉଟେଜକୁ କମାଇବାକୁ ସେମାନଙ୍କୁ କୁହାଯାଇଛି ବୋଲି ଧଳ କହିଛନ୍ତି। ଅନ୍ୟପଟେ ଟାଟା ପାୱାର ଦକ୍ଷିଣର ସିଇଓ ଭାସ୍କର ସରକାର କହିଛନ୍ତି, ଗତ ୨ବର୍ଷ କୋଭିଡ୍ ଓ ବାତ୍ୟା ଯୋଗୁ ମେଣ୍ଟେନାନ୍ସ କାମ ହୋଇପାରି ନ ଥିଲା। ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ଲାଗି ମେଣ୍ଟେନାନ୍ସ କାମ କରାଯାଉଛି। କଥାବାର୍ତ୍ତା ସରିଛି, ଏଣିକି କେବଳ ସକାଳ ସମୟରେ ମେଣ୍ଟେନାନ୍ସ କାମ କରାଯିବ। ଯେତେ କମ୍ ବିଜୁଳି କାଟ କରାଯାଇପାରିବ କରାଯିବ ବୋଲି ସେ କହିଛନ୍ତି।

ଆଜିର ମନ୍ତବ୍ୟ

କେନ୍ଦ୍ର ସରକାରଙ୍କ କୌଣସି ନୀତି ମଧ୍ୟବିତ୍ତ ଓ ଗରିବଙ୍କ ଆୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ନୁହେଁ। ବର୍ତ୍ତମାନ ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଥିବାବେଳେ ଲୋକଙ୍କୁ ଦୈନନ୍ଦିନ ଖର୍ଚ୍ଚ ପାଇଁ ଋଣ କରିବାକୁ ପଡ଼ିବ। **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସୁଇଟି
ପରିବାରବର୍ଗ

ସାଇଅର୍ପଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆଦର ପଢ଼ିଛି ସୋଦରୀକୁ
କୁଆ ନେଇଗଲା ଗୋଦରୀକୁ।

କେଉଁଠି ଅତି ନ୍ୟୂନସ୍ତରର ଲୋକକୁ ଯେତେ ପଚରାଉଚରା କଲେ ବା ଆଦର କଲେ ବି କିଛି ହେଉନି, ଆଉ କେଉଁଠି ଅତି ଆଶ୍ଚର୍ଯ୍ୟଜନକ ଭାବେ ନ ହେବା କଥା ହୋଇଯାଉଛି। ଅସମ୍ଭବ କଥା ଘଟିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଆହେ ଅଜା,
ମୁଢ଼ି କି ନଡ଼ିଆ କେଡ଼େ ମଜା।

ମୁଢ଼ି ଓ ନଡ଼ିଆର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ। ବୟସ ଅଧିକ ହୋଇଗଲେ ଦାନ୍ତ ଝଡ଼ି ଯାଇଥାଏ। ମୁଢ଼ି ନଡ଼ିଆ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହିଥାଏ। ଦାନ୍ତ ନ ଥିଲେ ମୁଢ଼ି ନଡ଼ିଆ ଚୋବେଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

୪ ଡିଗ୍ରୀ ଯାଏ ବଢ଼ିବ ତାତି

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ରାଜ୍ୟକୁ ପୁଣି ଗ୍ରୀଷ୍ମ ପ୍ରବାହ ଫେରିବ। ୩ଦିନ ପରେ ଦିନ ତାପମାତ୍ରା ୩ରୁ ୪ ଡିଗ୍ରୀ ଯାଏ ବୃଦ୍ଧି ହେବା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲାକୁ ଗ୍ରୀଷ୍ମ ପ୍ରବାହ ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେପେଟ ବୁଧବାର ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ରହିଥିଲା। ସେହିଭଳି ଝାରସୁଗୁଡ଼ାରେ ୪୧.୨, ସୁନ୍ଦରଗଡ଼ ୪୦, ବଲାଙ୍ଗୀର ୪୦.୫, ଟିଟିଲାଗଡ଼ ୪୦.୫, ମାଲକାନଗିରି ୪୦, ସୋନପୁର ୪୧.୫, ଦେବଗଡ଼ ୪୧.୨, ନୂଆପଡ଼ା ୪୦, ଭୁବନେଶ୍ୱର ୩୬, କଟକ ୩୬.୨, ପୁରୀରେ ୩୪.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଆଦି ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ହେବା ସମ୍ଭାବନା ରହିଛି। ଏ ସବୁ ଜିଲାରେ ଝଡ଼ତୋଫାନ ସମୟରେ ପବନର ବେଗ ଘଣ୍ଟାପ୍ରତି ୩୦ ରୁ ୪୦କି.ମି. ରହିବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

ପ୍ରଥମ ପୃଷ୍ଠାରୁ...

ନୂଆ ରୂପରେ ...

କାରିଗରମାନଙ୍କୁ ବିଶେଷ ଅଭିନନ୍ଦନ ଜଣାଇଛନ୍ତି। ସହଯୋଗ ପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ମନ୍ଦିରର ନୂଆ ରୂପ ଓ ବିକଶିତ ପରିବେଶ ଅଧିକ ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ। ସେମାନଙ୍କ ନିମନ୍ତେ କରାଯାଇଥିବା ବିଭିନ୍ନ ସୁବିଧା ସୁଯୋଗର ଉଚ୍ଚପ୍ରଶଂସା କରିଛନ୍ତି। ଗଞ୍ଜାମର ବିକାଶ ପାଇଁ ଶାନ୍ତି ଓ ସହଯୋଗ ଭିତ୍ତିରେ ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିକଶିତ ବିଭିନ୍ନ ସୁବିଧା ସୁଯୋଗର ଲୋକାର୍ପିତ କରିବା ସହ ଋଷିକୂଲ୍ୟା ନଦୀତଟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମା' ତାରାତାରିଣୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଗଞ୍ଜାମ ଜିଲା ଉତ୍ସବମୁଖରିତ ହୋଇଛି। ଜିଲାର ସବୁଆଡୁ ମା'ଙ୍କ ପୀଠକୁ ଲୋକଙ୍କ ସୁଅ ଛୁଟିଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀ ନବନିର୍ମିତ ମନୋରମ ମନ୍ଦିରର ଶୋଭାକୁ ବହୁଗୁଣିତ କରିଛି। ପବିତ୍ର ମନ୍ତ୍ରଧ୍ୱନିର ଉଚ୍ଚାରଣ ତଥା ମଙ୍ଗଳ ବାଦ୍ୟର ନିନାଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପ୍ରତିଷ୍ଠା ଉତ୍ସବରେ ପୁରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର, କେନ୍ଦ୍ରାପଡ଼ା ଶ୍ରୀବଳଦେବ ଜୀଉ ମନ୍ଦିର ସମେତ ରାଜ୍ୟର ବିଭିନ୍ନ ମନ୍ଦିରର ସେବାୟତମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଭବ୍ୟ ମନ୍ଦିର ନିର୍ମାଣରେ ବିଶିଷ୍ଟ ସ୍ଥପତି ପଦ୍ମଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କର ବିଶେଷ ଅବଦାନ ରହିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ସ୍ତ୍ରୀ ରଜନୀ ମହାପାତ୍ର, ନାତି ସ୍ନିଗ୍ଧେଶ ମହାପାତ୍ର, ଅନ୍ୟତମ ସ୍ଥପତି ନାରାୟଣ ତ୍ରିପାଠୀ ଓ ବିନା ପାରିଶ୍ରମିକରେ ମନ୍ଦିର କାର୍ଯ୍ୟରେ ଶ୍ରମଦାନ କରିଥିବା ରାଇପୁରର କୁମାରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ରାସ୍ତା ଓ କୋଠାବାଡ଼ି ବିଭାଗର ସହକାରୀ ଯନ୍ତ୍ରୀ ସୁରେଶ କୁମାର ମିଶ୍ର ମନ୍ଦିର ଉନ୍ନତି ନିମନ୍ତେ ନେଇଥିବା ପଦକ୍ଷେପକୁ ପ୍ରଶଂସା କରାଯାଇ ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ, ବ୍ରହ୍ମପୁରଠାରୁ ୩୦ କି.ମି. ଦୂର ଋଷିକୁଲ୍ୟା ନଦୀ କୂଳରେ ମା' ତାରାତାରିଣୀଙ୍କ ପୀଠ ଏକ ପ୍ରସିଦ୍ଧ ଶକ୍ତିସ୍ଥଳ। କୁମାରୀ ପାହାଡ଼ର ସର୍ବୋଚ୍ଚ ଶିଖରରେ ଦୁଇ ଦେବୀ ମା' ତାରା ଓ ତାରିଣୀ ପୂଜା ପାଆନ୍ତି। ଏହି ପୀଠକୁ ଏକ ନୂଆ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ସାକାର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଗଞ୍ଜାମ ଜିଲାପାଳ ଥିବା ସମୟରେ ମନ୍ଦିର ରୂପାନ୍ତରର ଭୂମିପୂଜନ କରାଯାଇଥିଲା। ପୂର୍ବରୁ ଭକ୍ତମାନେ ଅନେକ ପାହାଚ ଚଢ଼ି ମା'ଙ୍କ ଦର୍ଶନ ପାଇଁ ଯାଉଥିଲେ। ଏବେ ସେଠାରେ ରୋପ୍ ୱେ ସହ ପୀଠକୁ ସୁନ୍ଦର ରାସ୍ତା ମଧ୍ୟ ତିଆରି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ତାରାତାରିଣୀ ମନ୍ଦିରର ରୂପାନ୍ତରକୁ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମର ପ୍ରକୃଷ୍ଟ ଉଦାହରଣ ଭାବରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟ ବୃନ୍ଦ, ଏମ୍‌ପି, ବିଧାୟକ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି), ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଭକ୍ତମାନଙ୍କ ପାଇଁ ମନ୍ଦିର ପରିସରରେ ଏକ ମନୋଜ୍ଞ ପରିବେଶ ସୃଷ୍ଟି କରାଯାଇଛି। ପ୍ରସାଦ ସେବନ ଗୃହ, ଦୀପ ପ୍ରଜ୍ୱଳନ ସ୍ଥାନ, ବ୍ୟାଖ୍ୟାନ କେନ୍ଦ୍ର, ମୁଣ୍ଡନ କେନ୍ଦ୍ର, ବିଶ୍ରାମସ୍ଥଳ, ସେଣ୍ଟ୍ରାଲ ପ୍ଲାଜା ଓ ଅତ୍ୟାଧୁନିକ ଆଲୋକ ବ୍ୟବସ୍ଥା ଆଦି ନୂତନ ସୁବିଧା ସହିତ ସ୍ୱଚ୍ଛ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଯାଇଛି। ପାହାଚ ଶ୍ରେଣୀ, ରୋପ୍ ୱେ ଏବଂ ନୂତନ ସଡ଼କ ଦ୍ୱାରା ପୀଠକୁ ଯିବା ପାଇଁ ୩ ପ୍ରକାର ବ୍ୟବସ୍ଥା କରାଯାଇଛି। ଏଥିସହିତ ନଦୀକୂଳ ସଡ଼କକୁ ମଧ୍ୟ ନୂତନ ଭାବେ ନିର୍ମାଣ କରାଯାଇଛି। ଏଠାରୁ ଋଷିକୁଲ୍ୟା ନଦୀର ସୌନ୍ଦର୍ଯ୍ୟକୁ ଅନୁଭବ କରିବାର ସୁଯୋଗ ପର୍ଯ୍ୟଟକମାନଙ୍କ ପାଇଁ ଏକ ଅପୂର୍ବ ଆକର୍ଷଣ ସୃଷ୍ଟି କରିପାରିଛି। ଏ ସମସ୍ତ ବ୍ୟବସ୍ଥା ପାଇଁ ୧୧୫ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇଛି।

୩୨ ପ୍ରସ୍ତାବକୁ ...

ଏହି ଯୋଜନାରେ ପ୍ରତିବର୍ଷ ୧ ଲକ୍ଷ ଚାଷୀ ଅର୍ଥକରୀ ଫସଲ ଉତ୍ପାଦନ କରି ଲାଭବାନ ହୋଇପାରିବେ। ଏଥିସହିତ ସେମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ରାଜ୍ୟରେ ଥିବା ଛୋଟ ଛୋଟ ନଦୀ, ନାଳଗୁଡ଼ିକରେ ୧୨୮୦ ଆଡ଼ିବନ୍ଧ ନିର୍ମାଣ କରାଯିବ। ଏହା ଦ୍ୱାରା ଜଳସେଚିତ ଜମିରେ ସୁନିଶ୍ଚିତ ଜଳସେଚନର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୩୫ ପ୍ରତିଶତରୁ କମ୍ ଜଳସେଚିତ ବ୍ଲକଗୁଡ଼ିକରେ ଏହା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ଅଧୀନରେ ଚେକଡ୍ୟାମ ନିର୍ମାଣ ଯୋଜନାକୁ ଆସନ୍ତା ୩ ବର୍ଷ ମଧ୍ୟରେ ଶେଷ କରାଯିବ। ଏଥିରେ ୮୧୧.୪୫ କୋଟି ଟଙ୍କା ବ୍ୟୟରେ ୨୭ ହଜାର ୬୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା କରାଯିବ। ଏହାଦ୍ୱାରା ମୌସୁମୀ ପରବର୍ତ୍ତୀ ସମୟରେ ଗ୍ରାମଗୁଡ଼ିକୁ ପାନୀୟ ଜଳର ସୁବିଧା ଯୋଗାଇବା ସହିତ ଭୂତଳ ଜଳସ୍ତର ଅଭିବୃଦ୍ଧିରେ ସହାୟକ ହେବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ରେ ୧୧ ହଜାର ୭୦୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ ଯୋଜନା କରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଖୋର୍ଦ୍ଧା ଜିଲା ପାଣ୍ଡରା ଗ୍ରାମ ନିକଟରେ ଏକ ଆଡିବନ୍ଧ ନିର୍ମାଣ ହେବ। ଏହି ପ୍ରକଳ୍ପ ଲାଗି ୧୨୮ କୋଟି ୭ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ମାରିଛି। ପ୍ରକଳ୍ପ ନିର୍ମାଣ ୨ ବର୍ଷ ମଧ୍ୟରେ ଶେଷ ହେବ। ଏହାଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଓ ବାଲିଅନ୍ତା ତହସିଲର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହୋଇପାରିବ। ଏହାଛଡା ଜଳାଶୟଟି ସ୍ଥାନୀୟ ଲୋକମାନଙ୍କର ଚାଷ କାର୍ଯ୍ୟ, ଶିଳ୍ପ ଓ ସାମାଜିକ, ଆର୍ଥିକ ଉନ୍ନତି ଦିଗରେ ସହାୟକ ହୋଇପାରିବ। ଏହି ପ୍ରକଳ୍ପ ଦ୍ୱାରା ୧୬୧.୭୯ ହେକ୍ଟର ପରିମିତ ଅଞ୍ଚଳରେ ମାଛ ଚାଷ ନିମନ୍ତେ ସହାୟକ ହୋଇପାରିବ। ପ୍ରକଳ୍ପ ନିର୍ମାଣ ପରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ସମ୍ପୃକ୍ତ ସଂସ୍ଥା କରିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ସୁନ୍ଦରଗଡ଼ ଜିଲାର କୁହାବାଗା ଗ୍ରାମ ନିକଟରେ ଏକ ଆନିକଟ ନିର୍ମାଣ ହେବ। ଉକ୍ତ ପ୍ରକଳ୍ପରେ ଜଳ ଗର୍ଭସ୍ଥ ଯାନ୍ତ୍ରିକ କାର୍ଯ୍ୟ, ଶକ୍ତି ସଂଯୋଗୀକରଣ, ରାସ୍ତା ସଂଯୋଗୀକରଣ ଓ କର୍ମଚାରୀ ନିବାସ ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଏହାଛଡା ପ୍ରକଳ୍ପର ପ୍ରତ୍ୟେକ ଅଂଶର ଡିଜାଇନ ଓ ଆକଳନ ତଥା ପ୍ରକଳ୍ପ ନିର୍ମାଣ ପରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ସମ୍ପୃକ୍ତ ସଂସ୍ଥା ହାତରେ ରହିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୬୨ କୋଟି ଟଙ୍କା ଏବଂ ରକ୍ଷଣାବେକ୍ଷଣ ନିମିତ୍ତ ୯୦ ଲକ୍ଷ ଟଙ୍କାର ଟେଣ୍ଡରକୁ ମଧ୍ୟ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ ହେବ। ଉକ୍ତ ପ୍ରକଳ୍ପଟି ସୁନ୍ଦରଗଡ଼ ଜିଲାର ଟାଙ୍ଗରାପଲ୍ଲୀ, ଲେପ୍ରିପଡା, ବାଲିଶଙ୍କରା ଓ ସଦର ବ୍ଲକର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧି କରାଇବ। ଏହାଛଡ଼ା ଜଳାଶୟ ସ୍ଥାନୀୟ ଲୋକମାନଙ୍କର ଚାଷ କାର୍ଯ୍ୟ, ଶିଳ୍ପ, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସହାୟତା କରିବ। ଏଥିସହିତ ୬୨.୫୦ ହେକ୍ଟର ପରିମିତ ଅଞ୍ଚଳର ମାଛ ଚାଷ ନିମନ୍ତେ ସହାୟକ ହୋଇପାରିବ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆପଣଙ୍କ ଉଚ୍ଚମନ, ଉତ୍କୃଷ୍ଟ ବିଚାରଧାରା, ମଧୁର କଥା ଜନମନ ହରଣ କରିବ। ପରିବାର ସହଯୋଗରେ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ବେଶ୍ ଭଲରେ ଚାଲିବ।

ବୃଷ
ଚିନ୍ତା ଓ ଯୋଜନାନୁଯାୟୀ ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ ହେବ। ଉପର ଅଧିକାରୀମାନେ ସହାନୁଭୂତି ପ୍ରକାଶ କରିବେ। ଆଇନ ଅଦାଲତ, ଯୋଗାଯୋଗ, ସଭାସମିତି ଓ ଗଠନମୂଳକ କାମ କ୍ଷେତ୍ରରେ ସ୍ଥିରତା ଫେରିଆସିବ। ପାରିବାରିକ ସମସ୍ୟାକୁ ସୁଧାରି ନେବା ସକାଶେ ବିଭିନ୍ନ ପ୍ରକାର ଉଦ୍ୟମ କରିପାରନ୍ତି।

ମିଥୁନ
ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ କଅଁଳିଆ କଥା କହି ମନେଇବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ଅବଶ୍ୟ ସଫଳତା ମିଳିବ। ଦିନଟି ଆର୍ଥିକ ଦିଗରୁ ବହୁତ ଭଲ ରହିବ ।

କର୍କଟ
ଅନ୍ୟମାନଙ୍କୁ ନିଜେ ଆଡ଼ଜଷ୍ଟ ହୋଇ କାମ କରିଚାଲିଲେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ। ଆଖିଦେଖା କାମ, କିମ୍ବା ପରୀକ୍ଷା ଓ ଅନୁସନ୍ଧାନ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହୁଅନ୍ତୁ ନାହିଁ । ଋଣ କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

ସିଂହ
ପରିବାରରେ ଅଭାବବୋଧ ଲାଗିରହିବା ହେତୁ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ଅସାବଧାନତା ବଶତଃ ଭଲ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇଯିବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ମନ୍ଦ ହେବନି ମାତ୍ର କର୍ମକ୍ଷେତ୍ରରେ ଜମା ଫୁର୍‌ସତ୍ ପାଇବେ ନାହିଁ। ଅତୀତ ଘଟଣାକୁ ବାରମ୍ବାର ଚିନ୍ତାକରି ମାନସିକ ଅଶାନ୍ତି ଅନୁଭବ କରିବେ।

କନ୍ୟା
ଯାହାକୁ ନିଜର ଭାବିବେ ସେ ସରଳତାର ସୁଯୋଗ ନେବାକୁ ପଛାଇବ ନାହିଁ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ । ନିର୍ମାଣ, ପରିବହନ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। କୌଣସି ଆନୁଷ୍ଠାନିକ କାମରେ ଯୋଗ ଦେଲେ ସମ୍ମାନିତ ହେବାର ସୌଭାଗ୍ୟ ଲାଭକରିବେ ।

ତୁଳା
କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରିବାକୁ ଯାଇ ଅସୁସ୍ଥତା ଅନୁଭବ କରିପାରନ୍ତି। ମନର ଭାବକୁ ବନ୍ଧୁ ନିକଟରେ ପ୍ରକାଶ କରିବା ହେତୁ ଭୁଲ୍ ବୁଝାମଣାର ପରିସ୍ଥିତି ସୃଷ୍ଟି ହେବ। କେତେକ କ୍ଷେତ୍ରରେ ଭଲକୁ ମନ୍ଦ ଜ୍ଞାନରେ ଗ୍ରହଣ କରି ମାନସିକ ସନ୍ତୁଳନ ହରାଇବେ। ଅର୍ଥନୈତିକ ଅଭିବୃଦ୍ଧି ଓ କର୍ମକ୍ଷେତ୍ରରେ ସମୟାନୁବର୍ତ୍ତୀ ହେବେ।

ବିଛା
ସ୍ୱଗୃହୀ ବୃହସ୍ପତି ସମସ୍ତ କାର୍ଯ୍ୟସିଦ୍ଧିର ମାର୍ଗ ଉନ୍ମୁକ୍ତ କରିପାରନ୍ତି। ଭିନ୍ନ ଏକ ପରିବେଶରେ କର୍ମକ୍ଷେତ୍ରରେ ଥିବା ବହୁଦିନର ମନାନ୍ତରର ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ । ବ୍ୟବସାୟିକ ସ୍ଥିତି ଓ ପାରିବାରିକ ପରିସ୍ଥିତି କେତେକାଂଶରେ ବ୍ୟାହତ ହୋଇପାରେ।

ଧନୁ
କୌଣସି କାମ ଶୃଙ୍ଖଳିତ ନ ହେବାରୁ ଧୈର୍ଯ୍ୟଚ୍ୟୁତି ଘଟିବାର ଆଶଙ୍କା ରହିଛି। ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟ ଓ ପରିବହନର ଆଧୁନିକୀକରଣ କରିବାର ଯୋଜନା କରିପାରନ୍ତି। ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ଜିନିଷ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିପାରେ। ଫେରନ୍ତା ବାଟରେ ଘର ପାଇଁ ମନଲାଖି ଦ୍ରବ୍ୟ କିଣିବା ସକାଶେ ମନ

ତାରାତାରିଣୀ ପୀଠରେ ଭକ୍ତିମୟ ପରିବେଶ

ମନ୍ଦିରର ରୂପାନ୍ତରଣ କାର୍ଯ୍ୟଗୁଡ଼ିକୁ ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ।

ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ।



ଆଲୋକମାଳାରେ ଝଲସୁଛି ମା'ଙ୍କ ନବନିର୍ମିତ ଭବ୍ୟମନ୍ଦିର ।

ତାରାତାରିଣୀ ଶକ୍ତିପୀଠର ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବୁଧବାର ଉପସ୍ଥିତ ଶ୍ରଦ୍ଧାଳୁ ।

୩ ଜିଲାର ତେଲ କମ୍ପାନୀରେ ଚଢ଼ାଉ

ସମ୍ବଲପୁର, ୧୮।୫(ବ୍ୟୁରୋ)

ଟିକସ ଫାଙ୍କି ସନ୍ଦେହ

ସମ୍ବଲପୁର ବାଣିଜ୍ୟକର ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍ ବୁଧବାର ପଶ୍ଚିମ ଓଡ଼ିଶାର ୩ ଜିଲାରେ ଚଢ଼ାଉ କରିଛି । ରାଇସ୍ ବ୍ରାଣ୍ଡ ତେଲ କମ୍ପାନୀ ଟିକସ ଫାଙ୍କିବା ସନ୍ଦେହରେ ସମ୍ବଲପୁର ସମେତ ବରଗଡ଼ ଓ କଳାହାଣ୍ଡି ଜିଲାରେ ଏହି ଚଢ଼ାଉ ହୋଇଛି । ଟିମ୍ ସଦସ୍ୟ ସିଏ ଅଫିସ୍, କମ୍ପାନୀ ଅଫିସ୍‌ଗୁଡିକରେ ରେକର୍ଡପତ୍ର ଯାଞ୍ଚ କରିଥିଲେ । ଏ ସମ୍ପର୍କରେ ସମ୍ବଲପୁର ବାଣିଜ୍ୟକର ବିଭାଗ ଏନ୍‌ଫୋର୍ସମେଣ୍ଟ ବିଭାଗ ଡେପୁଟି କମିଶନର ଶୁଭ କୁମାର ପଣ୍ଡା କହିଛନ୍ତି, ଏକ ସମୟରେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ରମ୍ପେଲାଠାରେ ଥିବା ତେଲ କମ୍ପାନୀ, କଳାହାଣ୍ଡି ଜିଲାର ଭବାନୀପାଟଣା, ବରଗଡ଼ ଜିଲାରେ ଥିବା କମ୍ପାନୀରେ ଚଢ଼ାଉ ଚାଲିଛି । ବିଶେଷକରି କମ୍ପାନୀର ବିକ୍ରି, ଉତ୍ପାଦନ, ଆୟ ଓ କର ଦେବାକୁ ନେଇ ଏହି ଚଢ଼ାଉ କରାଯାଉଛି । ସମସ୍ତ କାଗଜପତ୍ର ଯାଞ୍ଚ କରାଯାଉଛି । ଯାଞ୍ଚ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା କହିଥିଲେ ।

JOB VACANCY

PARIVARTAN a leading NGO invites application from interested candidates for the following posts.

Sl. No.	Post	Project	Required Qualification	Remuneration
1	Project Manager	TI	Post Graduation in Social Science/ MSW with two year's experience	15000/-
2	Counsellor	TI	Post Graduate in Psychology/ MSW with two year's experience	12000/-
3	ORW	TI	+2 Above with health experience	7500/-
4	Accountant- M & E	TI	M.Com/B.Com with one year's experience and Tally	12000/-
5	Counsellor	OSC	Post Graduate in Psychology/MSW with two year's experience	16000/-
6	Case Worker	OSC	Post Graduate in Psychology/MSW with two year's experience	15000/-
7	Accountant	OPELIP	M.Com/B.Com with one year's experience and Tally	15000/-

N.B.: Only shortlisted candidate call for interview and Age Limit -21 to 45
Apply within Seven days from the date of advertisement by E-mail
PARIVARTAN
E-mail: parivartan1994@gmail.com, Cell No. 09777519905
Secretary, PARIVARTAN

SUNDARAM HOME

ପଞ୍ଜୀକୃତ କାର୍ଯ୍ୟାଳୟ: ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦୦୦୨ ।
କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ-୬୦୦୦୧୪ ।

ଶାଖା କାର୍ଯ୍ୟାଳୟ: ଏ/୧୦୮, ୨ୟ ମହଲା, ମାର୍ଫତ୍ ସୁନ୍ଦରମ ଫାଇନାନ୍ସ, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧୦୦୭ ।

ଡିମାଣ୍ଡ ନୋଟିସ

(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ ୨୦୦୨ର ନିୟମ ୩ ଅଧୀନରେ)

ଏତଦ୍ଦ୍ୱାରା ନିମ୍ନଦର୍ଶିତ ପକ୍ଷମାନଙ୍କୁ ସୂଚିତ କରାଯାଉଛି ଯେ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅଧୀନରେ କମ୍ପାନୀ ଆପଣ ପ୍ରତ୍ୟେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି, ଆପଣ ପ୍ରତ୍ୟେକଙ୍କ ନିକଟକୁ ପୃଥକ୍ ଭାବେ ପ୍ରାପ୍ତିସ୍ୱୀକାରଯୁକ୍ତ ପଞ୍ଜୀକୃତ ଡାକ ମାଧ୍ୟମରେ ଧାରା ୧୩(୨) ଅଧୀନରେ ନୋଟିସ ପଠାଯାଇଥିଲା ଯାହା ଆପଣମାନଙ୍କ ହସ୍ତଗତ ନ ହୋଇ ଫେରିଆସିଛି । ତେଣୁ, ଏତଦ୍ଦ୍ୱାରା ଆପଣ ଉଭୟଙ୍କୁ ନୋଟିସ ଦିଆଯାଉଛି ଯେ ଏହି ପ୍ରକାଶନ ତାରିଖରୁ ୬୦ ଦିନ ମଧ୍ୟରେ ଯୁଗ୍ମ ଭାବେ ଏବଂ ପୃଥକ ଭାବେ ବକେୟା ଅର୍ଥରାଶି ପୈଠ କରନ୍ତୁ, ଅନ୍ୟଥା ଆକ୍ଟ ଅନୁଯାୟୀ କମ୍ପାନୀ ଏହାର ବକେୟା ରାଶି ସୁଧ ଓ ଖର୍ଚ୍ଚ ସହିତ ଅସୁଲ କରିବା ପାଇଁ ନିମ୍ନଦର୍ଶିତ ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏହା ଦର୍ଶାଇବା ନିମ୍ତ୍ତିଯୋଜନ ଯେ ଏହି ନୋଟିସ ଆପଣଙ୍କ ଉଦ୍ଦେଶ୍ୟରେ କମ୍ପାନୀକୁ ଉପଲବ୍ଧ ଅନ୍ୟ କୌଣସି ପ୍ରତିକାର ପ୍ରତି କୌଣସି ପକ୍ଷପାତିତା ବିନା ପ୍ରଦାନ କରାଯାଉଛି ।

କ୍ର. ସଂ.	ଋଣଗ୍ରହୀତା, ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା	ଫାଇଲ୍ ନଂ. ପରିମାଣ (ବକେୟା ଟ.)	ସ୍ଥାବର ସମ୍ପତ୍ତିର ବର୍ଣ୍ଣନା
୧	**ଶ୍ରୀ ରାଜେଶ କୁମାର ସାହୁ (ଋଣଗ୍ରହୀତା)** ଲୋକନାଥ ରୋଡ୍, ହରଚଣ୍ଡୀ ସାହି, ବାଚାଳି ସାହି ଥାନା ପାଖ, ପୁରୀ - ୭୫୨୦୦୧	**ଫାଇଲ୍ ନଂ. ୬୬୨୦୦୨୪୭, ଟ.୯,୨୫,୪୧୨/-** (+ ତାରିଖ ୧୦।୩।୨୦୨୨ ରିଖଠାରୁ ସୁଧ @୨୪% ବାର୍ଷିକ) + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ	୪୬୦୦ ବର୍ଗ ଫୁଟ ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୩୦ରେ ସମ୍ବଳିତ, ପ୍ଲଟ୍ ନଂ.୩୨୦ (ପି) ଏବଂ କଳିଙ୍ଗ ବିହାର/ଭିଆଇପି ଏନକ୍ଲେଭ୍‌ର ବ୍ଲକ୍ ନଂ.୨ର ଲେଆଉଟ୍ ପ୍ଲଟ୍ ନଂ.୧, ସି ବିଚ୍ ହାଉସିଂ ପ୍ରୋଜେକ୍ଟ, ମୌଜା/ରାଜସ୍ୱ ଗ୍ରାମ, ସିପସରୁବାଲି, ଥାନା ପୁରୀ ନଂ.୭୮, ତହସିଲ: ପୁରୀ, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ-ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶାଙ୍କ କ୍ଷେତ୍ରାଧିକାର ଅଧୀନରେ । **ଚଉହଦୀ ନିମ୍ନ ଅନୁଯାୟୀ ଅଟେ:** ଉତ୍ତରରେ କିମ୍ବା ଆଡ଼କୁ: ୨୦' ଚଉଡ଼ା ସଡ଼କ, ଦକ୍ଷିଣରେ କିମ୍ବା ଆଡ଼କୁ: ପ୍ଲଟ୍ ନଂ.୧୨, ପୂର୍ବରେ କିମ୍ବା ଆଡ଼କୁ: ୪୦' ଚଉଡ଼ା ସଡ଼କ, ପଶ୍ଚିମରେ କିମ୍ବା ଆଡ଼କୁ: ପ୍ଲଟ୍ ନଂ.୨ ।
୧	**ଶ୍ରୀ ମୁରଲୀ କ୍ରିଷ୍ଣା ଗୋଲ୍ଲା (ଋଣଗ୍ରହୀତା)** ନେହେରୁ ନଗର ୫, ଗୋସାଣିନୁଆଗାଁ, ବ୍ରହ୍ମପୁର, ଗଞ୍ଜାମ- ୭୬୦୦୦୩ । **ଶ୍ରୀମତୀ ମଙ୍ଗାମ୍ବା ଗୋଲ୍ଲା (ସହ-ଋଣଗ୍ରହୀତା)**	**ଫାଇଲ୍ ନଂ. ୬୬୨୦୦୧୭୧, ଟ.୫୦,୩୭,୧୬୪/-** (+ ତାରିଖ ୧୦।୩।୨୦୨୨ରିଖ ଠାରୁ ସୁଧ @୨୪% ବାର୍ଷିକ) + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ	ହାଲ୍ ଖାତା ନଂ.୧୩୭୫/୧୦୧, ହାଲ୍ ପ୍ଲଟ୍ ନଂ.୧୦୫୧/୩୧୩୦ ଅଧୀନରେ ଏ.୦୫୯ ଡେସିମିଲ ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଯାହା ସାବକ ଖାତା ନଂ.୭୪୨/୧୨୩୫ ଅନୁରୂପ, ଆହୁରି ମଧ୍ୟ ସାବକ ଖାତା ନଂ.୫୧୧ ଓ ସାବକ ପ୍ଲଟ୍ ନଂ.୧୦୫୧ ଅନୁରୂପ ଅଟେ, କିସମ: ଘରବାରି (ହୋମଷ୍ଟିଡ୍), ଅବସ୍ଥିତ ସ୍ଥାନ ମୌଜା/ରାଜସ୍ୱ ଗ୍ରାମ: ଗୋପବନ୍ଧୁନଗର, ତହସିଲ: ବ୍ରହ୍ମପୁର, ଥାନା ବ୍ରହ୍ମପୁର, ନଂ.୬୪, ଜିଲ୍ଲା ଗଞ୍ଜାମ, ଓଡ଼ିଶା ରାଜ୍ୟ ଅଧୀନରେ ।

ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ,
ପ୍ରାଧିକୃତ ଅଧିକାରୀ

ବାପାଙ୍କ କଟୁରି ଚୋଟରେ ପୁଅ ମୃତ

ଦେବଗଡ଼,୧୮।୫(ଡି.ଏନ୍.ଏ.)

ଯେଉଁ ପୁଅକୁ କାଖେଇ କୋଳେଇ ବଡ଼ କରିଥିଲେ, ସେହି ବଢ଼ିଲା ପୁଅଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି ବାପା । ମଙ୍ଗଳବାର ରାତିରେ ଏଭଳି ଦୁଃଖଦ ଘଟଣା ଘଟିଛି ଦେବଗଡ଼ ଜିଲା ଆଦର୍ଶ ଥାନା ଗୁଣ୍ଡୁରିପୋଷି ଗ୍ରାମରେ । ରାତି ପ୍ରାୟ ୧୧ଟା ୩୦ରେ ଉକ୍ତ ଗ୍ରାମର ଗୋଲବଦନ ପାତ୍ର(୩୨) ଘରେ ଶୋଇଥିଲେ । ପାରିବାରିକ କଳହକୁ ନେଇ ତାଙ୍କ ବାପା ମୁଚି (୬୨) ସେଠାକୁ ଆସି ତାଙ୍କୁ ନିଦରୁ ଉଠାଇବା ସହ ଗାଳିଗୁଲଜ କରିଥିଲେ । ଫଳରେ ଉଭୟ ବାପ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ମୁଚି ଘରେ ଥିବା ଏକ କଟୁରି ସାହାଯ୍ୟରେ ଗୋଲବଦନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ଗୋଲବଦନଙ୍କ ମୃତ୍ୟୁ ଘଟିଥିଲା । ମୁଚି ଘଟଣାସ୍ଥଳରେ କଟୁରିକୁ ଫିଙ୍ଗିଦେବା ସହ ଦେବଗଡ଼ ଆଦର୍ଶ ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ । ପୋଲିସ ଗୋଲବଦନଙ୍କ ମୃତଦେହ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ କରିଛି ।

ବିବାହିତ ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

ପାପଡ଼ାହାଣ୍ଡି,୧୮।୫(ଡି.ଏନ୍.ଏ.)

- **ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ରଖିଥିଲେ ସମ୍ପର୍କ**
- **୭ ମାସର ଗର୍ଭବତୀ ହେବାପରେ ହାତ ଛାଡ଼ିଦେଲେ**

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ୭ ବର୍ଷ ହେଲା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ପ୍ରେମିକା ୭ ମାସର ଗର୍ଭବତୀ ହେବାପରେ ହାତ ଛାଡ଼ିଦେଲେ ପ୍ରେମିକ । ଏବେ ସ୍ତ୍ରୀର ମାନ୍ୟତା ଏବଂ ଘରକୁ ପଶିବାକୁ ଅନୁମତି ଦାବିକରି ପ୍ରେମିକା ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି । ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ପଞ୍ଚାୟତର ଛତ୍ରବର ଗାଁରୁ ଏଭଳି ଅଭିଯୋଗ ଆସିଛି । ନ୍ୟାୟ ଦାବିକରି ଯୁବତୀ ଜଣକ ୧୫ ଦିନ ହେଲା ଝୁଲୁଥିବାବେଳେ ଶେଷରେ ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି ।

ସୂଚନା ଅନୁଯାୟୀ, ଛତ୍ରଭର ଗାଁର ଲାଇଜର ଖରା ବିବାହିତ ହୋଇ ମଧ୍ୟ ତେନ୍ତୁଳିଖୁଣ୍ଟି ଥାନା ଖାତିଗୁଡ଼ା ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ । ଲାଇଜର ନିଜ ସ୍ତ୍ରୀଙ୍କୁ ଭାଉଜ ଏବଂ ଝିଅକୁ ଝିଆରୀ ବୋଲି ମିଛ କହି ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ଯୁବତୀ ଜଣଙ୍କ ବିବାହ ପାଇଁ ଜିଦ୍ କରିବାରୁ ଲାଇଜର ତାଙ୍କୁ ନେଇ ପାପଡ଼ାହାଣ୍ଡି ଗାଁରେ ଏକ ମାସ ଓ ପରେ ଉମରକୋଟ ଡଙ୍ଗରିସାହିସ୍ଥିତ ତାଙ୍କ ଭଉଣୀ ଘରେ ୨ ବର୍ଷ ରଖିଥିଲେ । ଏହାପରେ ଡାବୁଗାଁର ସ୍ୱଧାର ଗୃହରେ ଏକ ମାସ ରଖିବା ପରେ ନିଜ ଘରକୁ ନେଇ ଆସିଥିଲେ । ହେଲେ ଲାଇଜରଙ୍କ ପରିବାର ଲୋକେ ଯୁବତୀଙ୍କୁ ଘରେ ପୂରାଇ ଦେଇ ନ ଥିଲେ । ତାଙ୍କର ଲୁଗାପଟା ବାହାରେ ଫୋପାଡ଼ି ଦେଇଥିଲେ । ଫଳରେ ବାଧ୍ୟହୋଇ ଗର୍ଭବତୀ ଯୁବତୀ ଲାଇଜରଙ୍କ ଘର ଆଗରେ ଧାରଣା ଦେଇଛନ୍ତି । ଅନ୍ୟପକ୍ଷରେ ଲାଇଜର ଘର ଛାଡ଼ି ଫେରାର ହୋଇଯାଇଛନ୍ତି ।

ଖବର ପାଇ ମା' ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ପହଞ୍ଚି ଧାରଣାସ୍ଥଳରୁ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି । ଗର୍ଭବତୀ ଥିବାରୁ ତାଙ୍କୁ ଶୀଘ୍ର ନ୍ୟାୟ ମିଳୁ ବୋଲି ସେ ଦାବି କରିଛନ୍ତି । ଗୁରୁବାର ଯୁବତୀ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବେ ବୋଲି କହିଛନ୍ତି ।

ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ନୟାଗଡ଼ ଅଫିସ,୧୮।୫

ନୟାଗଡ଼ ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଭାପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି । ଜିଲା ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ଏହାର ବିଚାର କରି ବଳାତ୍କାରୀ ଗୋହିରିଆ ଗାଁର ଜିତେନ୍ଦ୍ର ମହାରଣା (୩୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ ହଜାର ଜରିମାନା କରିଛନ୍ତି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ଦେଢ଼ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ ଓକିଲ ଅମିୟ ପଟ୍ଟନାୟକଙ୍କ ସୂଚନା ଅନୁସାରେ, ୨୦୧୯ ଏପ୍ରିଲ ୧୮ରେ ୧୦ ବର୍ଷର ନାବାଳିକା ବାପାଙ୍କ ସହ ଲୁନାରେ ବନମାଳୀପୁରରୁ ବାହାଡ଼ା ଯାଉଥିଲେ । ବାଟରେ ଖରାପ ହେବା କାରଣରୁ ଲୁନାକୁ ଗଡ଼ାଇ ଗଡ଼ାଇ ବାପଝିଅ ଚାଲି ଚାଲି ଯାଉଥିଲେ । ଏହି ସମୟରେ ଗୋହିରିଆ ଗାଁର ଜିତେନ୍ଦ୍ର ସେହି ରାସ୍ତାରେ ବାଇକ୍‌ରେ ପଛପାଖରୁ ଆସି ଚାଲି ଚାଲି ଯିବାର କାରଣ ପଚାରିଥିଲେ । ଏପରି କି ଝିଅକୁ ବାହାଡ଼ାରେ ଓହ୍ଲାଇଦେବ ବୋଲି କହିଥିଲେ । ପାଖ ବାଟ ହୋଇଥିବାରୁ ବାପଝିଅ ଚାଲି ଚାଲି ଯିବେ କହିଥିଲେ । ହେଲେ ଜିତେନ୍ଦ୍ର ବାରମ୍ବାର ବୁଝାଇ ନାବାଳିକା ଝିଅକୁ ସାଙ୍ଗରେ ନେଇ ବାହାଡ଼ାରେ ଛାଡ଼ିଦେବେ କହିଥିଲେ । ହେଲେ ବାହାଡ଼ାରେ ନ ଛାଡ଼ି ନିକଟସ୍ଥ ଶାଳଜଙ୍ଗଲ ପାଖରେ ଥିବା ଏକ ଦୋକାନରୁ ଚା' ପିଇଥିଲେ । ଏପରି କି ନାବାଳିକାଙ୍କୁ ବିସ୍କୁଟ ଦେଇ ମନରେ ବିଶ୍ୱାସ ଜନ୍ମାଇଥିଲେ । ପରେ ଶାଳ ଜଙ୍ଗଲକୁ ନେଇ ବଳାତ୍କାର କରି ଫେରାର ହୋଇଯାଇଥଲେ ।

ବଳାତ୍କାରୀଙ୍କୁ ୨୦ ବର୍ଷ ଦଣ୍ଡାଦେଶ

କେନ୍ଦୁଝର, ୧୮।୫(ସ୍ୱ.ପ୍ର.): କେନ୍ଦୁଝର ଫାଷ୍ଟ ଟ୍ରାକ କୋର୍ଟ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି । ଜଜ୍ ମାନସ ମିଶ୍ର ଅଭିଯୁକ୍ତ ସାଲୁକା ପିଙ୍ଗୁଆଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇବା ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ସୂଚନା ଅନୁଯାୟୀ, ୨୦୧୮ ମସିହା ଅକ୍ଟୋବର ୧ ତାରିଖରେ ଜଣେ ଚାରି ବର୍ଷର ଶିଶୁକନ୍ୟାଙ୍କୁ ବିସ୍କୁଟ ଦେବାକୁ କହି ପାଖ ଜଙ୍ଗଲକୁ ନେଇ ସାଲୁକା ବଳାତ୍କାର କରିଥିଲେ । ଏ ନେଇ ତେଲକୋଇ ପୋଲିସ ଏକ ମାମଲା (ନଂ.୧୫୧/୨୦୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

ମଣ୍ଡିରେ ଧାନ ବିକି ନ ପାରି ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ଧାରଣାରେ ବସିଲେ ୨୦ରୁ ଊର୍ଦ୍ଧ୍ୱ ଚାଷୀ

କୁନ୍ଦୁରା,୧୮।୫(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଲିମା ଏବଂ ଦିଗାପୁର ପଞ୍ଚାୟତର କେତେଜଣ ଚାଷୀ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକରଣ କରୁଥିଲେ ସୁଦ୍ଧା ୪ବର୍ଷ ଧରି ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି । ସେମାନଙ୍କ ନାମରେ ଅନ୍ୟମାନେ ଋଣ ଉଠାଇବା ସହ ଧାନ ବିକ୍ରି କରି ଟଙ୍କା ଆତ୍ମସାତ୍ କରୁଥିବା ଅଭିଯୋଗ ହୋଇଆସୁଛି । ବୁଧବାର ଏହାର ପ୍ରତିବାଦରେ ଜଣେ ଚାଷୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କ ନାମ ବଦ୍ରିନାରାୟଣ ଆଚାର୍ଯ୍ୟ ।

ଖବରରୁ ଜଣାପଡ଼ିଛି, ଲିମା ଗ୍ରାମର ବଦ୍ରିନାରାୟଣ ୬ ଏକର ଜମିରେ ଚାଷ କରନ୍ତି । ରବିଋତୁରେ ଧାନ ବିକ୍ରି କରିବାକୁ ସେ ନାମ ପଞ୍ଜୀକରଣ କରିବା ଲାଗି କୁନ୍ଦୁରା ସମବାୟ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ତାଙ୍କ ନାମ ନ ବାହାରିବାରୁ ଟୋକନ ମିଳି ନ ଥିଲା । ଏନେଇ ମଙ୍ଗଳବାର କୁନ୍ଦୁରା ସମବାୟ ବିଭାଗ ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁଙ୍କ ସହ ବଦ୍ରିନାରାୟଣ ଆଲୋଚନାକରି ଏହାର ସମଧାନ କରା ନ ଗଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ । ଏଥିସହ କୁନ୍ଦୁରା ଥାନାରେ ପ୍ରାୟ ୨୦ ଜଣ ଚାଷୀ ମୌଖିକ ଭାବେ ଥାନା ଅଧିକାରୀଙ୍କୁ ଜଣାଇଥିଲେ । ସମସ୍ୟାର ସମାଧାନ ନ ହେଲେ ଆତ୍ମହତ୍ୟା କରିବେ, ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ମଧ୍ୟ ଚେତାବନୀ ଦେଇଥିଲେ । ରାତିରେ ଥାନା ଅଧିକାରୀ ଏବଂ ସମବାୟ ବିଭାଗ ପରିଚାଳନା ନିର୍ଦ୍ଦେଶକ ବସି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବୁଧବାର ସମସ୍ୟା ସମାଧାନ ହୋଇ ନ ଥିବାରୁ ଚାଷୀମାନେ ସମବାୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ତାଙ୍କ ସହ ବଦ୍ରିନାରାୟଣ ଥିଲେ । ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବଦ୍ରିନାରାୟଣ ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୋଲିସ ଏବଂ ସାଧାରଣ ଲୋକ ତାଙ୍କୁ ବୁଝାଶୁଝା କରି ତଳକୁ ଓହ୍ଲାଇଥିଲେ । ଘଟଣା ପରେ ତହସିଲଦାର ଆୟୁବ ମଣ୍ଡଳ ଏବଂ ଯୋଗାଣ ନିରୀକ୍ଷକ ମୁରଲୀଧର ହେସା ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ଘଟଣାସ୍ଥଳରେ ଉପଜିଲାପାଳ ପ୍ରଧାନ ପହଞ୍ଚି ଧାରଣାରେ ବସିଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ । ଜିଲାପାଳ ଏବଂ କୋ-ଅପରେଟିଭ୍ ସୋସାଇଟିର ଡେପୁଟି ରେଜିଷ୍ଟ୍ରାରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପରେ ଚାଷୀମାନେ ଧାରଣାରୁ ଓହରିଯାଇଥିଲେ ।

ଚାଷୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

Kalamandir
Wedding Collection
MAKE YOUR WEDDING MEMORABLE
Your wedding is the most special occasion in your life, so is your style. Amaze the world with your gorgeous look. Pick your style from the trendiest collection of suits, sherwanis and a wide range of wedding sarees and lehengas from Kalamandir. Make your wedding truly memorable.
kalamandir
ODISHA'S MOST POPULAR FASHION SHOP
କଲାମନ୍ଦିର
ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
R K SWAMY BBDO KM 2931/22
Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Patolas | Fancy Sarees
Lehengas | Suitings | Shirtings | Suits | Jackets | Kurta Pyjamas | Sher

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ।
ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ।
ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ

ଇତିହାସ, ପୌରାଣିକ କଥା ଓ କିମ୍ବଦନ୍ତୀ

ଦେବଦତ୍ତ ପଟ୍ଟନାୟକ

ପୁରାତନ କାଳର 'ଇତିହାସ' କହିଲେ କଥାକାରଙ୍କ ପ୍ରତ୍ୟକ୍ଷଦର୍ଶୀ ବା ପ୍ରାମାଣିକ କାହାଣୀକୁ ବୁଝାଏ। ଏଣୁ ରାମାୟଣ ଏକ ଇତିହାସ। କାରଣ ଏହାକୁ ବାଲ୍ମୀକି ପ୍ରତ୍ୟକ୍ଷ ଭାବେ ଦେଖି ତାହାର କାହାଣୀ ରଚନା କରିଥିଲେ। ମହାଭାରତ ମଧ୍ୟ ଏକ ଇତିହାସ, କାରଣ ବ୍ୟାସ ପ୍ରତ୍ୟକ୍ଷ ଭାବେ ଦେଖି ତାହାର କାହାଣୀ ସବୁ ଲେଖିଥିଲେ। ଦ୍ୱିତଦୈବତ ଏକ ବେଦିକ୍ ପୁସ୍ତକ। ଏହା ଅନେକ ଇତିହାସର ସମାବିଷ୍ଟ। ଋଷିମାନଙ୍କୁ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ କିଭଳି ମନ୍ତ୍ର ସକ୍ଷମ କରାଇଥିଲା ସେ ସମ୍ପର୍କରେ ସେମାନେ ସେଥିରେ ଉଲ୍ଲେଖ କରିଥିଲେ। ଏହା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସମ୍ପର୍କିତ ପୁରାଣ କାହାଣୀଠାରୁ ଭିନ୍ନ, ଯାହାକୁ ମଣିଷ କେବେ ଦେଖି ନ ଥିଲେ। ତେବେ ଅତୀତର ବିଶ୍ୱାସ ଉପରେ ଆଧାରିତ ହୋଇଥିବାରୁ ଏସବୁକୁ ଏବେ ପୌରାଣିକ କାହାଣୀ ଭାବେ ବର୍ଗୀକୃତ କରାଯାଇଛି। ଆଉ କେତେଜଣ ଇତିହାସକୁ ଏକ କିମ୍ବଦନ୍ତୀ ଭାବେ ବର୍ଗୀକୃତ କରିବାକୁ ଚାହାନ୍ତି। କିନ୍ତୁ ସେଗୁଡ଼ିକୁ କେବେ ବି ଇତିହାସ ଭାବେ ବର୍ଗୀକୃତ କରାଯାଇ ପାରିବ ନାହିଁ, ଯେହେତୁ ବର୍ତ୍ତମାନ ଇତିହାସର ଏକ ବିଶେଷ ଅର୍ଥ ରହିଛି। ଇତିହାସକୁ କିମ୍ବଦନ୍ତୀ ପର୍ଯ୍ୟାୟଭୁକ୍ତ କରିବାକୁ ହେଲେ ପ୍ରମାଣ ଆଧାରରେ କରିବାକୁ ପଡ଼ିବ, ବିଶ୍ୱାସ ବଳରେ ନୁହେଁ।

ଜଣେ ଯେତେବେଳେ ପୌରାଣିକ କଥା ବା କାହାଣୀକୁ ଇତିହାସ ବୋଲି ଦାବି କରେ, ସେତେବେଳେ ଜାଣିବ ଯେ ଜାତୀୟ ଓ ସାଂସ୍କୃତିକ କ୍ଷେତ୍ରକୁ ନ୍ୟୂନ କରି ତାଙ୍କର ଅଗ୍ରଣୀ ସାରଥି ହେବାର ମାନସିକତା ରହିଛି। ପୌରାଣିକ କାହାଣୀ, ଇତିହାସ ପୂର୍ବର ଇତିହାସ–ଏଭଳି ଚିନ୍ତାଧାରାକୁ ଊନବିଂଶ ଶତାବ୍ଦୀରେ ୟୁରୋପୀୟମାନେ ଅଧିକ ପ୍ରଚାର କରିଥିଲେ। ସେମାନେ ଏହାକୁ ଦୃଢ଼ ସମର୍ଥନ କରିଥିଲେ। ୟୁରୋପିଆନ ଯେତେବେଳେ ଖ୍ରୀଷ୍ଟିଆନ ହୋଇଗଲେ, ସେତେବେଳେ ପୌରାଣିକ ପ୍ରମାଣ ଭାବେ ରହିଥିବା ବାଇବେଲର ଚରିତ୍ର ଏନୋକ୍ ଓ ନୋହାକୁ ଇତିହାସର ଚରିତ୍ର ବୋଲି ଜୋର୍ ଦେଲେ। ବାଇବେଲ୍‌ରେ ବର୍ଣ୍ଣିତ ଫଲ୍, ଫ୍ଲଡ୍, ପାର୍ଟିଂ ଅଫ୍ ଦି ସି' ଏବଂ ଭର୍ଜନ ବାର୍ଥ ଆଦି ଘଟଣା ଇତିହାସର ବିଷୟ ପାଲଟିଗଲେ। ଭାରତରେ ଯେତେବେଳେ ଇସ୍‌ଲାମ ଧର୍ମ ପ୍ରସାର ଲାଭ କଲା, ସପ୍ତଦଶ ଶତାବ୍ଦୀରେ ସୟିଦ ସୁଲତାନଙ୍କ ଭଳି ଲେଖକ ପ୍ରଫେଟ ବା ଈଶ୍ୱରଦୂତଙ୍କ କାହାଣୀ ବେଙ୍ଗଲୀରେ ଲେଖିଲେ। ସେ ସେମାନଙ୍କୁ ଇତିହାସର ଚରିତ୍ର ଭାବେ ଉପସ୍ଥାପନ କଲେ। ସେଥିରେ ସେ କୃଷ୍ଣଙ୍କୁ ଜଣେ ପ୍ରାରମ୍ଭିକ ଈଶ୍ୱରଦୂତ ଭାବେ ସାମିଲ କରିଦେଲେ। ଭାରତରେ ୧,୫୦୦ ବର୍ଷ ପୂର୍ବେ ବାସ କରୁଥିବା ଜୈନ ଲେଖକମାନେ ମଧ୍ୟ ଏଭଳି ଚିନ୍ତାଧାରାର ଆଗୁସାର ଥିଲେ। ହନୁମାନ ମର୍କଟ ନ ଥିଲେ ଓ ରାବଣ ୧୦ ମୁଣ୍ଡିଆ ରାକ୍ଷସ ନ ଥିଲେ, ବରଂ ଉଭୟ ଜ୍ଞାନୀ ବା ପଣ୍ଡିତ ଥିଲେ ବୋଲି ସେମାନେ ଦୃଢ ମତ ଦେଉଥିଲେ। କେବଳ ଏତିକି ନୁହେଁ ତଥ୍ୟଗୁଡ଼ିକର ତ୍ରୁଟିପୂର୍ଣ୍ଣ ଉପସ୍ଥାପନା ଲାଗି ହିନ୍ଦୁ ଲେଖକମାନଙ୍କୁ ଜୈନ ଲେଖକମାନେ ଉପହାସ କରୁଥିଲେ। ସେହି ସମାନ ଲେଖକମାନେ ଦାବି କରୁଥିଲେ ଯେ, ପୁନର୍ଜନ୍ମର ଜୈନ କାହାଣୀଗୁଡ଼ିକ ବାସ୍ତବ ଥିଲା, କାଳ୍ପନିକ ନ ଥିଲା।

ପ୍ରମାଣ ଆଧାରରେ ପୌରାଣିକ କଥା ଓ ଇତିହାସ ମଧ୍ୟରେ ଔପଚାରିକ ପୃଥକୀକରଣ ଧାରା ପ୍ରାୟ ୧୫୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା, ଯେତେବେଳେ ଏକ ଐତିହାସିକ ଦାବିକୁ ସିଦ୍ଧ କରିବା ଲାଗି ପ୍ରମାଣର ଆବଶ୍ୟକତା ରହିଥିଲା। ଉଦାହରଣ ସ୍ୱରୂପ, ରାଜା ଆର୍ଥରଙ୍କଠାରୁ ପ୍ରମାଣ ରୂପେ ଏକ ରାଜପତ୍ର ପାଇଥିବା ଇଂଲଣ୍ଡର ବିଶ୍ୱବିଦ୍ୟାଳୟଗୁଡ଼ିକ ଦାବି କରିଥିଲେ। କିନ୍ତୁ ଏବେ ଆମେ ଜାଣିବାକୁ ପାଉଛୁ ଯେ, ଆର୍ଥର ଥିଲେ ଜଣେ କାଳ୍ପନିକ ଚରିତ୍ର। ତାଙ୍କ ଅସ୍ତିତ୍ୱ ସମ୍ପର୍କରେ କୌଣସି ଐତିହାସିକ ପ୍ରମାଣ ନାହିଁ। କାଳ୍ପନିକ ଭାବେ ପ୍ରମାଣକୁ ଆଧାର କରି ଐତିହାସିକମାନେ କହାଣୀଗୁଡ଼ିକୁବିଭାଜିତ କରିବା ଲାଗି ବ୍ୟବହାର କରିଛନ୍ତି। କିନ୍ତୁ ଏବେ ଏହିସବୁ କାହାଣୀର ରାଜନୈତିକ ଶକ୍ତି ଅନୁଭବ କରି ସେମାନେ ଇମାଜିନାରି (କାଳ୍ପନିକ), ସୋସିଆଲ କନ୍‌ଷ୍ଟ୍ରକ୍ଟ, ଆଇଡୋଲୋଜି (ବିଚାରଧାରା) ଭଳି ଶବ୍ଦ ବ୍ୟବହାର କରୁଛନ୍ତି। ଅନ୍ୟପଟେ ମିଥ୍ (ପ୍ରାକୃତିକ ଘଟଣାବଳୀ ସମ୍ବଳିତ ପରମ୍ପରାଗତ ଉପାଖ୍ୟାନ) ଶବ୍ଦକୁ ଅଣଦେଖା କରାଯାଇଛି, ଯାହା ବିଶେଷ କରି ପ୍ରମାଣ ରହିଥିବା ସତ୍ତ୍ୱେ ଯେଉଁମାନେ ପୁରାଣ ଓ କିମ୍ବଦନ୍ତୀକୁ ଇତିହାସ ଭାବେ ଦେଖିଆସୁଛନ୍ତି, ସେମାନଙ୍କୁ ଏହା କ୍ଷୁବ୍ଧ କରିଛି। ବହୁସମୟରେ ଏଭଳି ଲୋକେ ରାଜନୈତିକ ସମର୍ଥିତ ଐତିହାସିକମାନଙ୍କୁ ଅବିଶ୍ୱାସ କରିଥାଆନ୍ତି।

ପୌରାଣିକ କାହାଣୀ ଓ କିମ୍ବଦନ୍ତୀଗୁଡ଼ିକ ତଥ୍ୟ ଉପରେ ଆଧାରିତ ନୁହନ୍ତି, କିନ୍ତୁ ସେଗୁଡ଼ିକ ଭିନ୍ନ। ପୌରାଣିକ କାହାଣୀଗୁଡ଼ିକ ପୃଥିବୀର ସୃଷ୍ଟି ଏବଂ ଅନ୍ତ ସହ ସମ୍ପର୍କିତ। ଏଥିପାଇଁ ଏହା ଅଧିକ ଅଧ୍ୟାତ୍ମ। କିମ୍ବଦନ୍ତୀଗୁଡ଼ିକ ଅଧିକ ରାଜନୀତିକ। ସେଗୁଡ଼ିକ ଏକ ବର୍ଗ ବା ସମାଜର ସମ୍ପତ୍ତି ଓ ପରମ୍ପରାଗତ ବୈଧତାକୁ କିମ୍ବା ଦାବିକୁ ସିଦ୍ଧ କରିଥାଆନ୍ତି। ଏଣୁ ରାଜାଙ୍କ କାହାଣୀଗୁଡ଼ିକ, ଯେଉଁଥିରେ ଦେବତା ସେମାନଙ୍କ ନିକଟକୁ ଆସି ସେମାନଙ୍କୁ ଅଲୌକିକ ଆୟୁଧ ଦେଇଥିଲେ, ସେଗୁଡ଼ିକ ବାସ୍ତବରେ କିମ୍ବଦନ୍ତୀ; ଯେହେତୁ ସେଗୁଡ଼ିକ ରାଜକୀୟ ଦାବିକୁ ସିଦ୍ଧ କରେ ଓ ରାଜତ୍ୱକୁ ବାସ୍ତବରେ ପରିଣତ କରେ। ବିଶ୍ୱରେ ଆମ ଭୂମିକା ସମ୍ପର୍କରେ ପ୍ରକାଶ କରିବାରେ ପୌରାଣିକ ଉପାଖ୍ୟାନଗୁଡ଼ିକ ଅଧିକ କାଳ୍ପନିକ କିମ୍ବା ରୂପାନ୍ତରଣ ହୋଇଥାଆନ୍ତି। ଇଂରେଜମାନେ ଯେତେବେଳେ ଭାରତୀୟ ଇତିହାସ ଲେଖିବା ଆରମ୍ଭ କଲେ, ସେମାନେ ପ୍ରାକୃତିକ ଘଟଣାବଳୀ ସମ୍ବଳିତ ପରମ୍ପରାଗତ ଉପାଖ୍ୟାନକୁ ପୌରାଣିକ କାହାଣୀ ଭାବେ ବର୍ଗୀକୃତ କଲେ। କିନ୍ତୁ ମହାଭାରତ ଓ ରାମାୟଣକୁ କିଭଳି ବର୍ଗୀକୃତ କରାଯିବ ତାହା ନିଶ୍ଚିତ କରିପାରି ନ ଥିଲେ।

ପୁରାତନ ଭାରତରେ ଜଣେ ରାଜା ହେବାକୁ ହେଲେ ମୂଳ ସୂର୍ଯ୍ୟ ରାଜବଂଶ କିମ୍ବା ସୋମ ରାଜବଂଶ ଉପରେ ଗୁରୁତ୍ୱ ଦେବାକୁ ପଡୁଥିଲା। ବୁଦ୍ଧଙ୍କୁ ସୂର୍ଯ୍ୟବଂଶ ସହ ସମ୍ବନ୍ଧିତ କରାଯାଇଛି। ଋଷଭ ତୀର୍ଥଙ୍କରଙ୍କୁ ସୂର୍ଯ୍ୟବଂଶ ସହ ଯୋଡ଼ାଯାଇଛି। ରାମଙ୍କୁ ମଧ୍ୟ ସୂର୍ଯ୍ୟବଂଶ ସହ ସମ୍ବନ୍ଧିତ କରାଯାଇଛି। ବହୁ ରାଜପୁତ ରାଜା ସୂର୍ଯ୍ୟବଂଶର ବଂଶଜ ବୋଲି ଦାବି କରନ୍ତି। ଓଡ଼ିଶାର ପୁରାତନ ରାଜାମାନେ ସୋମବଂଶୀ ଥିଲେ ଓ ପରବର୍ତ୍ତୀ କାଳରେ ସୂର୍ଯ୍ୟବଂଶୀ ରାଜାମାନେ ସେମାନଙ୍କ ସ୍ଥାନ ନେଇଥିଲେ। ରାଜତ୍ୱ ଏକ ବାସ୍ତବିକତା ନୁହେଁ। ଏହା ଏକ ବିଶ୍ୱାସ। ଉକ୍ତ ବିଶ୍ୱାସ ସୃଷ୍ଟି ହୋଇଛି ରାଜା ଏବଂ ଦେବତାଙ୍କ ସମ୍ପର୍କ ଆଧାରରେ। ଯଦି ତୁମେ ଦେବତାଙ୍କୁ ବିଶ୍ୱାସ କରିବ ନାହିଁ ତେବେ ଭୂମି ଓ ଲୋକଙ୍କ ଉପରେ କ୍ଷମତାର ଅଧିକାର ଥିବା ରାଜାଙ୍କୁ ବିଶ୍ୱାସ କରିବ ନାହିଁ। ସାଧାରଣତଃ, ରାଜାମାନେ ବିଜ୍ଞାନ ଓ ତର୍କସଙ୍ଗତକୁ ବିରୋଧ କରନ୍ତି। ସେମାନଙ୍କ ପୂର୍ବପୁରୁଷ ମଣିଷ ଥିଲେ, ବିଶେଷକରି ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତ ମଣିଷ ନ ଥିଲେ ବୋଲି ଯେଉଁ ଇତିହାସ ପ୍ରମାଣ କରେ ସେମାନେ ତାହାକୁ ଘୃଣା କରନ୍ତି। କିନ୍ତୁ ଏବେ ଲୋକେ ବିଶ୍ୱାସ ଅପେକ୍ଷା ବିଜ୍ଞାନ ଏବଂ ଇତିହାସକୁ ଅଧିକ ମୂଲ୍ୟାୟନ କରୁଛନ୍ତି। ଆମେ ସତ୍ୟ ତଥା ବାସ୍ତବତା ଜାଣିବାକୁ ସନ୍ଧାନ କରିବାକୁ ଚାହୁଁଛୁ। ତା'ପରେ ହିଁ ଆମେ ବିଶ୍ୱାସ କରିବୁ ଯେ, ସାଂସ୍କୃତିକ ଧରଣାଗୁଡ଼ିକ ଯଥା ସମ୍ପତ୍ତି, ବଂଶାବଳୀ, ରାଷ୍ଟ୍ର,ରାଜ୍ୟ ସବୁ ସାମାଜିକ ସ୍ତରରେ ସୃଷ୍ଟି ହୋଇଛି। ଏହା ବାସ୍ତବ କି କାଳ୍ପନିକ ତାହା ଜାଣିପାରିବୁ। ହେଲେ ଏହିସବୁ ସାମାଜିକ ସୃଷ୍ଟି ସେମାନଙ୍କ ଅସ୍ତିତ୍ୱକୁ ସିଦ୍ଧ କରିବା ପାଇଁ କିମ୍ବଦନ୍ତୀ ଆବଶ୍ୟକ। କିମ୍ବଦନ୍ତୀଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରନ୍ତି। ପୌରାଣିକ କଥାଗୁଡ଼ିକ ଆଧ୍ୟାତ୍ମିକ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରିଥାଆନ୍ତି। ଇତିହାସ କିନ୍ତୁ କୌଣସି ଉଦ୍ଦେଶ୍ୟ ପୂରଣ କରି ନ ଥାଏ; ଯେହେତୁ ସାମାଜିକ କର୍ମକର୍ତ୍ତାମାନେ ଇତିହାସକୁ ସାମାଜିକ ନ୍ୟାୟ ଏବଂ କ୍ରାନ୍ତିଗୁଡ଼ିକ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି। ଏଥିରୁ ଜଣାପଡ଼େ, ଇତିହାସର ଏକ ନିର୍ଦ୍ଦିଷ୍ଟ ଦିଗ ବା ଲକ୍ଷ୍ୟ ରହିଛି। ସବୁଠୁ ମଜାକଥା ହେଉଛି, ଇତିହାସର ଏକ ଦିଗ ଅଛି ବୋଲି ଯେଉଁ ଧାରଣା ରହିଛି ତାହା ଇହୁଦୀ, ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମିକ ପୌରାଣିକ କହାଣୀଗୁଡ଼ିକରେ ଏକ ବିଶ୍ୱାସ ଭାବେ ବି ସୁଦୃଢ ରହିଛି।

devdutt.pattanaik@gmail.com

ଜନତା ଓ ଜନ ପ୍ରତିନିଧି

ଯଦୁମଣି ପାଣିଗ୍ରାହୀ

ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଅନୁସାରେ ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବା ପାଇଁ ଆମ ସମ୍ବିଧାନରେ ନିୟମ ରହିଛି। ମାତ୍ର ଏବେର ନିର୍ବାଚନରେ ଏସବୁରେ ବ୍ୟତିକ୍ରମ ଦେଖାଦେଇଛି। ଦିନକୁଦିନ ନିର୍ବାଚନ ବ୍ୟୟବହୁଳ ହେଉଛି। କେବଳ ଆର୍ଥିକ ସ୍ୱଚ୍ଛଳ ବର୍ଗର ଲୋକେ ନିର୍ବାଚନରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି ହେଉଛି ଯେମିତି। ଶାସନରେ ଥିବା ଦଳ ପକ୍ଷରୁ ଭୋଟକୁ ନିଜ ସପକ୍ଷରେ ନେବା ଲକ୍ଷ୍ୟରେ ଲୋକଙ୍କୁ ବିଭିନ୍ନ ମାଗଣା ଉପହାର ବଣ୍ଟନ କରାଯିବା ସହିତ କିଛି ଶସ୍ତା ଯୋଜନା ପ୍ରଣୟନ କରାଯାଉଛି। ନିର୍ବାଚନ ବ୍ୟୟବହୁଳ ହେଉଥିବା କାରଣରୁ ଯୋଗ୍ୟ, ଦକ୍ଷ ଓ ଶିକ୍ଷିତ ଲୋକେ ନିର୍ବାଚନରେ ଭାଗ ନେବାକୁ ସାହସ କରିପାରୁ ନାହାନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନକୁ ପର୍ଯ୍ୟାଲୋଚନା କଲେ ଭୋଟ ହାତେଇବା ଲାଗି ପ୍ରାର୍ଥୀମାନେ କିଭଳି ଆଖିବୁଜା ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। କେବଳ ସେତିକି ନୁହେଁ ନିର୍ବାଚନରେ ଭୋଟରଙ୍କ ଉପରେଆକ୍ରମଣ,ବୁଥ୍‌ଜବରଦଖଲଠାରୁଆରମ୍ଭକରି ମାର୍‌ପିଟ, ଗଣ୍ଡଗୋଳ ଓ ହତ୍ୟାକାଣ୍ଡ ସଙ୍ଗଠିତ ହୋଇଛି, ଯାହାକି ସୁସ୍ଥ ଗଣତନ୍ତ୍ରର ପରିଚୟ ନୁହେଁ।

ଗଣତନ୍ତ୍ର ଶାସନକୁ ଠିକଣା ବାଟରେ ଆଗେଇ ନେବାର ଦାୟିତ୍ୱ ହେଉଛି ଜନତାଙ୍କର। ଶାସନ ସ୍ୱଚ୍ଛ ଓ ବଳିଷ୍ଠ ହୋଇପାରିଲେ ଜନତା ତା'ର ସୁଫଳ ଭୋଗ କରିପାରିବେ। ସେଥିପାଇଁ ଜନତାଙ୍କୁ ମତଦାନ କରି ଯୋଗ୍ୟ ଓ ଦକ୍ଷ ଜନପ୍ରତିନିଧି ଚୟନର ଅଧିକାର ଦିଆଯାଇଛି। ତେବେ ଆଜିକାଲି ନିର୍ବାଚନରେ ଅଧିକାଂଶ ଲୋକ ବିନା ପାଉଣାରେ ମତଦାନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯାହା କିଛି ନିର୍ବାଚନ ବେଳେ ହିଁ ହେବ। ତାଙ୍କ ପାଖରେ ନେତାଙ୍କ ଗରଜ ପଡିଛି ମାନେ ସେମାନେ ନିଶ୍ଚେ ଆସିବେ। ହାତ ଓଠ ଧରିବେ। ଭୋଟ ଭିକ୍ଷା କରିବେ। ଆଉ ସେତିକିବେଳେ ଆଣ୍ଠେଇ ଦେବାର ଅଛି। ଆଉ ନେତାଏ ବି ଜନତାଙ୍କ ଟିପ ଠିକ୍ ଭାବେ ଠଉରାଇଛନ୍ତି। ନିର୍ବାଚନ ବେଳେ ଯାହା କିଛି ଦେଇଦେବାର ଅଛି। ତା'ପରେ କାଶିଆ କିଏ ନା କପିଳା କିଏ? ଏସବୁ କେବେ ବି ଭଲକଥା ନୁହେଁ। ଜନତା ନେଉଛନ୍ତି ବୋଲି ସିନା ନେତାଏ ଦେଉଛନ୍ତି। ଯେଉଁଦିନ ଜନତା ନେବାକୁ ବିରୋଧ କରିବେ। ପ୍ରଲୋଭନକୁ ଅନେଇବେ ନାହିଁ। ନିରପେକ୍ଷ ଭାବେ ମତଦାନ କରିବେ, ସେହିଦିନ ଯାଇ ଯୋଗ୍ୟ ଓ ଦକ୍ଷ ପ୍ରାର୍ଥୀମାନେ ଜନ ପ୍ରତିନିଧି ହେବାର ସୌଭାଗ୍ୟ ଅର୍ଜନ କରିବେ। ସତରେ କ'ଣ ସେ ସୁଦିନ ଆସିବ!

ଗଣତନ୍ତ୍ର ଶାସନରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ଓ ଆପତ୍ତି ଅଭିଯୋଗ ଶୁଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ କରିବା ହେଉଛି ଜନ ପ୍ରତିନିଧିଙ୍କ କର୍ତ୍ତବ୍ୟ। ୱାର୍ଡସଭ୍ୟଟିଏ ନିର୍ବାଚିତ ହେଉଥିବା ଛୋଟିଆ ୱାର୍ଡଟିଏ ହେଉ ଅଥବା ବିଧାୟକ ଓ ସାଂସଦଙ୍କ ନିର୍ବାଚନମଣ୍ଡଳୀର ପ୍ରଶସ୍ତ କ୍ଷେତ୍ର ହେଉ ସବୁଠି ଲୋକଙ୍କ ମୌଳିକ ସମସ୍ୟାକୁ ସମାଧାନ କରିବାର ଦାୟିତ୍ୱ ହେଉଛି ଜନପ୍ରତିନିଧିଙ୍କର। ଜଣେ ଜନପ୍ରତିନିଧି କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥନରେ ଅଥବା ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିପାରନ୍ତି ମାତ୍ର ନିର୍ବାଚିତ ହେବା ପରେ ସେ ସମସ୍ତଙ୍କର। ତେଣୁ ସମସ୍ତଙ୍କ ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ। ଜଣେ ଜନପ୍ରତିନିଧିଙ୍କର ସ୍ୱଚ୍ଛତା, ସଙ୍କୋଚତା ଓ ନିରପେକ୍ଷତା ଉପରେ ଅଞ୍ଚଳର ଉନ୍ନତି ନିର୍ଭର କରିଥାଏ। କେବଳ ରାଜନୈତିକ ମନୋଭାବ ରଖି କାର୍ଯ୍ୟ କଲେ ଲୋକେ ଶାସନର ସୁଫଳ ପାଇପାରିବେ ନାହିଁ। ଲୋକଙ୍କ ପ୍ରତି ତଥା ସେମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇପାରିଲେ ଯାଇ ସମସ୍ୟା ସମାଧାନର ବାଟ ଫିଟିପାରିବ। ଲୋକଙ୍କ ସମସ୍ୟାକୁ ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟିକୁ ଆଣି ତା'ର ତ୍ୱରିତ ସମାଧାନ କରିବାର ଦାୟିତ୍ୱ ହେଉଛି ଜନପ୍ରତିନିଧି ମାନଙ୍କର। ରାଜନୀତି ହେଉଛି ଲୋକଙ୍କ ନିକଟତର ହେବା ଓ ସେମାନଙ୍କ ସେବା କରିବାର ପ୍ରଶସ୍ତ କ୍ଷେତ୍ର। ଜନପ୍ରତିନିଧିମାନେ ଏମିତି ଦୃଷ୍ଟିଭଙ୍ଗୀ ରଖି କାର୍ଯ୍ୟ କରିବା ଉଚିତ। କେବଳ ନିର୍ବାଚନରେ ପୁଳାଏ ଟଙ୍କା ଖର୍ଚ୍ଚ କରି ବିଜୟୀ ହେବା ଓ ପରେ ଲୋକଙ୍କ ତଣ୍ଟିଟିପି ବଡ଼ ଲୋକ ହେବାର ମାନସିକତାରୁ ଜନପ୍ରତିନିଧିମାନେ କ୍ଷାନ୍ତ ରହିବା ଉଚିତ ନଚେତ୍ ରାଜନୀତି ସେବା ନୁହେଁ ବରଂ ଏକ ବ୍ୟବସାୟ ବୋଲି ପରିଗଣିତ ହେବ, ଯାହା ଗଣତନ୍ତ୍ରର ମର୍ଯ୍ୟାଦା ହାନି କରିବ।

ଶଙ୍ଖଡ଼ା, ତିହିଡ଼ି, ଭଦ୍ରକ,
ମୋ: ୯୯୩୭୫୬୫୫୨୭

ଏଇ ଭାରତରେ

ଚାଷ କାମ ସହିତ ଉଦ୍ଭାବନ ନିଶା ଜଣେ କୃଷକଙ୍କୁ ସଫଳତା ଦେଇଛି। ଗୁଜରାଟ ରାମନଗର ନିବାସୀ ୩୪ ବର୍ଷୀୟ ମହେଶ ଭୂତ୍ ଏକ ଇ–ଟ୍ରାକ୍ଟର ନିର୍ମାଣ କରିଛନ୍ତି ଯାହାକୁ ୧ ଘଣ୍ଟା ଚଳାଇଲେ ଖର୍ଚ୍ଚ ହେଉଛି ମାତ୍ର ୧୫ ଟଙ୍କା। ପୁଅର ନାମାନୁସାରେ ସେ ଏହାର ନାମ ରଖିଛନ୍ତି 'ବ୍ୟୋମ୍'। ଏବେ ସେଥିରେ ତାଙ୍କ ଚାଷ ଖର୍ଚ୍ଚ ୨୫% କମ୍ ହୋଇପାରିଛି। ୨୦୧୪ରେ ପଢା ଶେଷ ହେବା ପରେ ମହେଶ ଜୈବିକ କୃଷିକୁ ଆପଣାଇଥିଲେ। ଡିଜେଲ ଚାଳିତ ଟ୍ରାକ୍ଟରରେ ଖର୍ଚ୍ଚ ଅଧିକ ହେବା ଯୋଗୁ ସେ ଏକ ବିକଳ୍ପ ଖୋଜିବାରେ ଲାଗିଲେ ଓ ଇ–ଟ୍ରାକ୍ଟର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସବୁଠୁ ବଡ଼କଥା ହେଉଛି ମହେଶ ବଡ଼ ସହରରେ ରହୁଥିବା ଜଣେ ଇଞ୍ଜିନିୟର ନୁହନ୍ତି। ସେ ଗାଁରେ ରହି ୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ଟ୍ରାକ୍ଟର ନିର୍ମାଣ କରିଛନ୍ତି। ଏଥି ପାଇଁ ତାଙ୍କୁ ଉତ୍ତରପ୍ରଦେଶ ଶାହାଜାନପୁରରେ ଇ–ରିକ୍ସା ନିର୍ମାଣ କୌଶଳ ଶିକ୍ଷା କରିବାକୁ ପଡ଼ିଥିଲା। କେବଳ ଇ–ଟ୍ରାକ୍ଟର ନିର୍ମାଣ କରିବା ଲାଗି ସେ ଉକ୍ତ ପ୍ରଶିକ୍ଷଣ ନେଇଥିଲେ। ୨୦୨୧ରେ ପ୍ରଶିକ୍ଷଣ ଶେଷ ହେବା ପରେ ଇ–ଟ୍ରାକ୍ଟର ନିର୍ମାଣରେ ଲାଗିଗଲେ ଓ ପ୍ରାୟ ୭ ମାସ ପରେ ସଫଳତା ପାଇଲେ। ବ୍ୟାଟେରିଠାରୁ ଆରମ୍ଭ କରି ବଡ଼ି ପର୍ଯ୍ୟନ୍ତ ସବୁ କିଛି ସେ ନିଜେ ତିଆରି କରିଛନ୍ତି। ଏହା ୨୦ ଏଚ୍‌ପି ପାୱାରରେ ଚାଲୁଛି ଓ ଏଥିରେ ୭୨ ୱାଟ୍‌ର ଲିଥିୟମ ବ୍ୟାଟେରି ଲାଗିଛି। ଟ୍ରାକ୍ଟର ଥରେ ଚାର୍ଜ ହେବାକୁ ୪ ଘଣ୍ଟା ଲାଗୁଛି ଓ ଏଥିରେ ୧୦ ଘଣ୍ଟା ଚାଲୁଛି। ମହେଶଙ୍କ କ୍ଷେତରେ ଟ୍ରାକ୍ଟର ଚାଲୁଥିବା ସମୟରେ ବହୁ ଲୋକ ଦେଖିବାକୁ ଆସୁଛନ୍ତି। ଏବେ ଏହି ଟ୍ରାକ୍ଟର ପାଇଁ ଏବେ ଦେଶର ସବୁଆଡୁ ୨୧ଟି ଅର୍ଡର ମିଳିଛି।

୨୫ ବର୍ଷ ତଳର ଧରିତ୍ରୀ

୧୯ ମେ ୧୯୯୭

- ଭାରତୀୟ ସିନେମାର ପ୍ରଥମ ଅଭିନେତ୍ରୀ କମଲାବାଈ ଗୋଖଲେଙ୍କ ୯୭ ବର୍ଷ ବୟସରେ ପରଲୋକ।
- ମଣିପୁରର ସେନାପତି ଜିଲାସ୍ଥିତ ଅପର ମାଓହେଙ୍ଗ ନିକଟରେ ଆଦିବାସୀ ଗେରିଲାମାନେ ଏକ ଟ୍ରକ୍ ଉପରେ ଅଚାନକ ଆକ୍ରମଣ କରିବା ଫଳରେ ୧୧ ନିହତ।
- ରାଜ୍ୟର ସମସ୍ତ ଔଷଧ ଦୋକାନରେ ଡବାକ୍ଷୀର ଓ ଫିଡିଂ (କ୍ଷୀର) ବୋତଲ ବିକ୍ରି ଉପରେ ସରକାର ନିଷେଧାଜ୍ଞା ଜାରି କରିଛନ୍ତି।

su | do | ku

Puzzles by Srikant Ghosh

ସୁ–ଡୋ–କୁ

							4	
			5	6	7	2		
	7			9		

ଉଠିବ କି ଆଉ ଏକ ଝଡ଼

ରାଜୀବ ହତ୍ୟାକାଣ୍ଡ: କଂଗ୍ରେସ ଆଭିମୁଖ୍ୟକୁ ନେଇ ପ୍ରଶ୍ନ

ନୂଆଦିଲ୍ଲୀ,୧୮।୫

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାଣ୍ଡର ତଦନ୍ତ କରୁଥିବା ଜୈନ କମିଶନ ୧୯୯୭ ଅଗଷ୍ଟ ୨୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜରାଲଙ୍କ ସରକାରଙ୍କ ନିକଟରେ ଅନ୍ତରୀଣ ରିପୋର୍ଟ ଦାଖଲ କରିଥିଲେ। କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ମିଲାପ ଜୈନ ଏଥିରେ ରାଜୀବଙ୍କ ହତ୍ୟାର ଷଡ଼ଯନ୍ତ୍ର ଦିଗକୁ ଉଜାଗର କରିଥିଲେ। ଶ୍ରୀଲଙ୍କାର ଉଗ୍ରପନ୍ଥୀ ସଙ୍ଗଠନ ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ)କୁ ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ) ସହାୟତା ଦେଇଥିଲା। ଫଳରେ ରାଜୀବଙ୍କୁ ହତ୍ୟା କରିବା ପାଇଁ ଏଲ୍‌ଟିଟିଇକୁ ସହଜ ହୋଇଥିଲା ବୋଲି ଉକ୍ତ ରିପୋର୍ଟରେ କମିଶନ ସମାଲୋଚନା କରିଥିଲେ। କେବଳ ଏତିକି ନୁହେଁ, ପୂର୍ବର ନରସିଂହ ରାଓ ସରକାର ମଧ୍ୟ ତାମିଲ ଉଗ୍ରପନ୍ଥୀମାନଙ୍କୁ ପରୋକ୍ଷରେ ସହଯୋଗ କରିଥିବା କମିଶନ ନିଜ ରିପୋର୍ଟରେ ଦର୍ଶାଇଥିଲେ। ନଭେମ୍ବର ୧୬ରେ ଜୈନ କମିଶନଙ୍କ ରିପୋର୍ଟ ପ୍ରଘଟ ହେବା ପରେ ଭାରତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିଲା। ସେତେବେଳେ କଂଗ୍ରେସର ବାହ୍ୟ ସମର୍ଥନରେ ଜନତା ଦଳ ନେତୃତ୍ୱାଧୀନ ମେଣ୍ଟ ସରକାର ଚାଲିଥିଲା। ଶାସକ ମେଣ୍ଟରେ ଡିଏମ୍‌କେ ଅଂଶିଦାର ଥିଲା। ତେଣୁ କଂଗ୍ରେସ ପ୍ରଥମେ ଉକ୍ତ ରିପୋର୍ଟକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଉ ବୋଲି ଦାବି କରିଥିଲା। କିନ୍ତୁ ଡିଏମ୍‌କେ ଏବଂ ତାମିଲ ମାନିଲା କଂଗ୍ରେସ ମଧ୍ୟରେ ବିବାଦ ସୃଷ୍ଟି ହେଲେ ସରକାରରୁ ଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିବା ଆଶଙ୍କାରେ ପ୍ରଧାନମନ୍ତ୍ରୀ ଗୁଜରାଲ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ପରବର୍ତ୍ତୀ ସମୟରେ ରିପୋର୍ଟ ଅନୁଧ୍ୟାନ ପାଇଁ ଗୁଜରାଲ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ସୀତାରାମ କେଶରୀଙ୍କ ସମ୍ମତିକ୍ରମେ ଏକ ଯୁଗ୍ମ ସଂସଦୀୟ କମିଟି ଗଠନ କରିଥିଲେ। ସେତେବେଳର କଂଗ୍ରେସ ସଂସଦୀୟ ଦଳ ନେତା ଶରଦ ପାୱାର କହିଥିଲେ, ରିପୋର୍ଟରେ ଯାହାଙ୍କ ନାମ ଉଲ୍ଲେଖ କରାଯାଇଥିବ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଗୁଜରାଲ ବୈଠକ ଡାକି ଡିଏମ୍‌କେ ପ୍ରତି ନିଜ ସମର୍ଥନ ବିଷୟ ଅବଗତ କରାଇଥିଲେ।


ଆଇ.କେ. ଗୁଜରାଲ

ଏମ୍. କରୁଣାନିଧି

ସୋନିଆ ଗାନ୍ଧୀ

ଡିଏମ୍‌କେର ଶିଳ୍ପମନ୍ତ୍ରୀ ମୁରସୋଲି ମାରାନ୍ କହିଥିଲେ, ୟୁନାଇଟେଡ୍ ଫ୍ରଣ୍ଟ (ମିଳିତ ସାମ୍ମୁଖ୍ୟ) ସରକାରର ଆମେ ସହଯୋଗୀ ଦଳ। ତେଣୁ ଗୁଜରାଲ ସରକାର ସହ ଆମର ସମର୍ଥନ ରହିଛି। ଜୈନ କମିଶନଙ୍କ ରିପୋର୍ଟ ସମ୍ପୂର୍ଣ୍ଣ ଭାବେ ଏକ ଘଣ୍ଟାଚକଟା ଖବର। ତେଣୁ ଏହାକୁ କେହି ବିଶ୍ୱାସ କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଅନ୍ୟପକ୍ଷେ ସେହି ସମୟରେ ଚତୁର୍ଥ ଥର ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ଏମ୍. କରୁଣାନିଧିଙ୍କ ମେଣ୍ଟ ସରକାର ତାମିଲ ମାନିଲା କଂଗ୍ରେସର ସମର୍ଥନରେ ଚାଲିଥିଲା। ତେଣୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମସ୍ତ ସୂଚନା ଶେୟାର କରିବା ପାଇଁ ତାମିଲ ମାନିଲା କଂଗ୍ରେସ ଡିଏମ୍‌କେକୁ କହିଥିଲା। ୧୯୯୭ ନଭେମ୍ବର ୨୦ରେ ଜୈନ କମିଶନଙ୍କ ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିଲା। ସେଦିନ କ୍ୟାବିନେଟରୁ ଡିଏମ୍‌କେକୁ ହଟାଇବାକୁ ଦାବି କରି କଂଗ୍ରେସ ପକ୍ଷରୁ ଗୃହରେ ପ୍ରବଳ ହଙ୍ଗାମା କରାଯାଇଥିଲା। ଡିଏମ୍‌କେକୁ ବିଦା ନ କରିବା ପର୍ଯ୍ୟନ୍ତ କୌଣସି ସଂସଦୀୟ ବିତର୍କରେ ଭାଗନେବ ନାହିଁ ବୋଲି ସର୍ବପୁରାତନ ଦଳ ଅଡ଼ିବସିବାରୁ ଲୋକ ସଭା ବାଚସ୍ପତି ପି.ଏ. ସାଙ୍ଗ୍‌ମା ଗୃହକୁ ମୁଲତବୀ କରିଥିଲେ। ଗୁଜରାଲ ଡିଏମ୍‌କେ ନେତାମାନଙ୍କୁ କ୍ୟାବିନେଟରୁ ହଟାଇବେ ନାହିଁ ବୋଲି କେଶରୀଙ୍କୁ ଚିଠି ଲେଖିବା ପରେ ଶେଷରେ ନଭେମ୍ବର ୨୮ରେ ଗୁଜରାଲ ସରକାରରୁ କଂଗ୍ରେସ ସମର୍ଥନ ପ୍ରତ୍ୟାହାର କରିଥିଲା। ମିଳିତ ସାମ୍ମୁଖ୍ୟ ସରକାର ସଂଖ୍ୟାଲଘୁରେ ପରିଣତ ହେବା ପରେ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ ତତ୍କାଳୀନ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କୁ ପତ୍ର ଲେଖିଥିଲେ। ମୋ ସରକାର ସଂଖ୍ୟାଗରିଷ୍ଠତା ହରାଇଥିବାରୁ ନୈତିକତା ଦୃଷ୍ଟିରୁ ମୁଁ ଇସ୍ତଫା ଦେଉଛି ବୋଲି ସେ ଉଲ୍ଲେଖ କରିଥିଲେ। ରାଷ୍ଟ୍ରପତି ଡିସେମ୍ବର ୪ରେ ପାର୍ଲାମେଣ୍ଟ ଭଙ୍ଗ କରିବା ପରେ ୧୯୯୮ ଫେବୃୟାରୀରେ ଦେଶରେ ସାଧାରଣ ନିର୍ବାଚନ ହୋଇଥିଲା। ଖଣ୍ଡିତ ଜନାଦେଶ ଫଳରେ ଭାଜପା ନେତା ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ମାତ୍ର ୧୩ ମାସ ଚାଲିପାରିଥିଲା।

ଉପରୋକ୍ତ ରାଜନୈତିକ ଘଟଣାକ୍ରମର ୨୪ ବର୍ଷ ପରେ ଏବେ ସମୟ ବଦଳିଛି। ଏଥିସହ ଜାତୀୟ ରାଜନୀତିର ଚିତ୍ର ମଧ୍ୟ ବଦଳିଛି। ୨୦୧୪ ସାଧାରଣ ନିର୍ବାଚନ ପରଠାରୁ କଂଗ୍ରେସ ପ୍ରାୟ କୌଣସି ବଡ଼ ନିର୍ବାଚନ ଜିତିପାରୁ ନାହିଁ। ରାଜୀବ ଗାନ୍ଧୀଙ୍କ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏ.ଜି. ପେରାରିଭଲନ୍ ବୁଧବାର ମୁକ୍ତ ହୋଇଛନ୍ତି। କରୁଣାନିଧିଙ୍କ ପୁଅ ତଥା ବର୍ତ୍ତମାନର ଡିଏମ୍‌କେ ଅଧ୍ୟକ୍ଷ ଏମ୍. କେ. ଷ୍ଟାଲିନ୍‌ଙ୍କ ଯୋଗୁ ସେ ମୁକୁଳିଥିବାରୁ ତାମିଲନାଡୁ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଷ୍ଟାଲିନ୍ ମଧ୍ୟ ଅବଶିଷ୍ଟ ୬ ଦୋଷୀଙ୍କ ମୁକ୍ତି ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ କଂଗ୍ରେସ ରାଜୀବ ହତ୍ୟାକାରୀଙ୍କ ମୁକ୍ତି ଦେଶ ପାଇଁ ଅଦୌ ଶୁଭଙ୍କର ନୁହେଁ ବୋଲି କହିଛି। ବର୍ତ୍ତମାନର ଏନ୍‌ଡିଏ ସରକାର ପେରାରିଭଲନ୍‌ଙ୍କ ପିଟିଶନ ବିରୋଧରେ ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଂଗ୍ରେସ ସମାଲୋଚନା କରିଛି। ତାମିଲନାଡୁ ସରକାରରୁ କଂଗ୍ରେସ ସମର୍ଥନ ପ୍ରତ୍ୟାହାର କଲେ ବି ସଂଖ୍ୟା ଦୃଷ୍ଟିରୁ ଷ୍ଟାଲିନ୍‌ଙ୍କୁ କିଛି ଫରକ୍ ପଡ଼ିବ ନାହିଁ। ହେଲେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଷ୍ଟାଲିନ୍‌ଙ୍କ ହାତ ଛାଡ଼ି ରହିପାରିବେ କି ଏବଂ ଆଉ ଏକ ଝଡ଼ ଉଠିବାକୁ ଦେବେ କି ବୋଲି ପ୍ରଶ୍ନ ଉଠୁଛି।

ଐତିହ୍ୟ, କୀର୍ତ୍ତିରାଜି ସୁରକ୍ଷାରେ ରାଜ୍ୟ ସରକାର ବିଫଳ: ସମ୍ବିତ

ଧୈର୍ଯ୍ୟ ରଖ, ସତ୍ୟପାଠରେ ସବୁ ସ୍ପଷ୍ଟ ହେବ: ପିନାକୀ ମିଶ୍ର

ପୁରୀ ଅଫିସ,୧୮।୫

ଇତିହାସ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହା ସୁରକ୍ଷିତ ରହିନପାରିଲେ ଭବିଷ୍ୟତ ପିଢ଼ୀ ଆମକୁ କ୍ଷମା କରିବେ ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧିନରେ ଯେଉଁଭଳି ବେଆଇନ ନିର୍ମାଣ କାର୍ଯ୍ୟ ଚାଲୁଛି ତାହା ଆଦୌ ଗ୍ରହଣୀୟ ନୁହେଁ। ପ୍ରକଳ୍ପ ଆରମ୍ଭ ବେଳେ ଯେଉଁ ଆଶଙ୍କା ହେଉଥିଲା ଏହାର ବାସ୍ତବ ପ୍ରତିଫଳନ ହୋଇଛି। ଶ୍ରୀମନ୍ଦିର ପରିଧି ମଧ୍ୟରୁ ଏମାର ମଠ ଖନନ ସ୍ଥଳୀରୁ ସିଂହମୂର୍ତ୍ତିର ଭଗ୍ନାବଶେଷ ମିଳିବା ଚିନ୍ତାଜନକ ପ୍ରସଙ୍ଗ ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି ମିଳିଥିବା କୀର୍ତ୍ତିରାଜି କେବଳ ଭଗ୍ନ ସିଂହ ମୂର୍ତ୍ତି ନୁହେଁ, ବରଂ ଓଡ଼ିଆ ଜାତିର ଇତିହାସ, ପ୍ରତୀକ ଓ ସ୍ୱାଭିମାନ। ବିନା ଅନୁମତିରେ କାର୍ଯ୍ୟ ହେଉଥିବା ବାରମ୍ବାର ତାଗିଦ ସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର ଶୁଣିଲେ ନାହିଁ। ସଂପ୍ରତି ଐତିହ୍ୟ ଓ ଇତିହାସକୁ ନେଇ ପ୍ରଶ୍ନ ଉଠୁଛି। ନୂଆଦିଲ୍ଲୀଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଭଳି

ସମ୍ବିତ ପାତ୍ର ପିନାକୀ ମିଶ୍ର

ପ୍ରତିକ୍ରିୟା ସମ୍ବିତ ରଖି ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ପରିକ୍ରମା ପ୍ରକଳ୍ପ ଖନନ ପୂର୍ବରୁ ଗ୍ରାଉଣ୍ଡ ପେନେଟ୍ରେଟିଂ ସର୍ଭେ କରାଗଲା ନାହିଁ। ବେଆଇନ ଖନନ ଦ୍ୱାରା କଣ କ୍ଷତି ହେବ ତାହା ଯାଞ୍ଚ ହେଲା ନାହିଁ। ବଡ଼ ବଡ଼ ମେସିନ ଦ୍ୱାରା ଖନନ କରାଗଲା, ଯାହା ଫଳରେ ପ୍ରାଚୀନ କିର୍ତ୍ତୀରାଜି ମାଟିରେ ମିଶିଗଲା। ବୈଜ୍ଞାନିକ ପଦ୍ଧତିକୁ ବାଦ ଦେଇ ବିନା ଅନୁମତିରେ ରାଜ୍ୟ ସରକାର ଖନନ କାର୍ଯ୍ୟ ଆଗକୁ ବଢ଼ାଇଲେ। ଆମ ଐତିହ୍ୟକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ହାଇକୋର୍ଟରେ ଦାଖଲ ହୋଇଥିବା ଏଏସଆଇ ସତ୍ୟପାଠରୁ ଏହା ସ୍ପଷ୍ଟ ହୋଇଛି ବୋଲି ସମ୍ବିତ୍ କହିଛନ୍ତି।

ତେବେ ସମ୍ବିତଙ୍କ ଏଭଳି ଅଭିଯୋଗକୁ ଭିତ୍ତିହୀନ କହିବା ସହ ଖନନ ପୂର୍ବରୁ ଜିପିଆରଏସ୍ ସର୍ଭେ କରାଯାଇଥିବା ଦୁଇଟି ଫଟୋ ପୋଷ୍ଟ କରି ଦାବି କରିଛନ୍ତି ପୁରୀ ଏମ୍‌ପି ପିନାକୀ ମିଶ୍ର। ଟୁଇଟ୍ କରି ସେ କହିଛନ୍ତି, ଦସ୍ତାବିଜ ଅନୁଯାୟୀ, ଜିପିଆରଏସ୍ ସର୍ଭେ କରାଯାଇଛି। ବିନା ଜିପିଆରଏସ୍‌ରେ ଖନନ କରାଯାଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ। ହାଇକୋର୍ଟ ସତ୍ୟପାଠରେ ଏହି ପ୍ରସଙ୍ଗରେ ସ୍ୱଚ୍ଛତା ଆସିଯିବ। ଆମମାନଙ୍କୁ ସ୍ୱଳ୍ପ ଧୈର୍ଯ୍ୟର ଆବଶ୍ୟକତା ରହିଛି। ମିଛ ଦାବି କରି ଶ୍ରୀମନ୍ଦିର ପରିକ୍ରମା, ଶ୍ରୀମନ୍ଦିର ସୁରକ୍ଷା ଓ ସଂରକ୍ଷଣ ଭଳି ବିକାଶ କାର୍ଯ୍ୟରେ ବାଧା ପହଞ୍ଚାଉଥିବା ବ୍ୟକ୍ତିମାନଙ୍କୁ ଇତିହାସ ଚିହ୍ନଟ କରିରଖିବ। କେତେଜଣ ବ୍ୟକ୍ତି ଓ ଦଳ ସ୍ୱାର୍ଥସାଧନ, କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏଭଳି କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଶ୍ରୀମନ୍ଦିର ପାଇଁ ସମସ୍ତ ରାଜନୈତିକ ବ୍ୟକ୍ତି ଦଳୀୟ ଓ ବ୍ୟକ୍ତିଗତ ଆଭିମୁଖ୍ୟରୁ ଉର୍ଦ୍ଧ୍ୱକୁ ଉଠି ନିଷ୍ପତ୍ତି ନିଅନ୍ତୁ।

ଶ୍ମଶାନ ଯାଇ ଭୋଟ ଭିକ୍ଷା

ବ୍ରଜରାଜନଗର, ୧୮।୫(ଡି.ଏନ୍.ଏ.)

ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ବ୍ରଜରାଜନଗର ଉପନିର୍ବାଚନରେ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବ। ଏଥିପାଇଁ ବିଭିନ୍ନ ଦଳ ସେମାନଙ୍କ ରଣକୌଶଳ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏ କ୍ଷେତ୍ରରେ ପାଦେ ଆଗକୁ ଯାଇ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ ବ୍ରଜରାଜନଗର ଶ୍ମଶାନ ଘାଟକୁ ଯାଇ ଭୋଟ ଭିକ୍ଷା କରିଛନ୍ତି। ସୂଚନା ଅନୁଯାୟୀ, ବ୍ରଜରାଜନଗର ପୌରାଞ୍ଚଳ ହରିଓମ୍ ବିହାରର ଜଣେ ମାରୱାଡ଼ି ସମ୍ପ୍ରଦାୟର ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିଲା। ତାଙ୍କ ସଂସ୍କାର କାର୍ଯ୍ୟ ଚାଲିଥିବା ସମୟରେ କିଶୋର ସେଠାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶେଷ ନିର୍ବାଚନ ଲଢୁଥିବାରୁ ତାଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଘଟଣା ବ୍ରଜରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଏଏପିରୁ ଇସ୍ତଫା ଦେଲେ ଅଜୟ କୋଠିୟାଲ୍

ଡେରାଡୁନ୍, ୧୮।୫

ଉତ୍ତରାଖଣ୍ଡ ଆମ୍ ଆଦମୀ ପାର୍ଟି(ଏଏପି)କୁ ଏକ ବଡ଼ ଝଟ୍‌କା ଲାଗିଛି। ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଏଏପି ମୁଖ୍ୟମନ୍ତ୍ରୀ ଚେହେରା ଥିବା କର୍ନଲ ଅଜୟ କୋଠିୟାଲ୍ ବୁଧବାର ପାର୍ଟିରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ପାର୍ଟି ସଂଯୋଜକ ଅରବିନ୍ଦ କେଜ୍‌ରିୱାଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅଜୟ ନିଜ ଇସ୍ତଫାରେ ଲେଖିଛନ୍ତି, ଏପ୍ରିଲ ୧୯, ୨୦୨୧ରେ ମୁଁ ଦଳରେ ସାମିଲ ହୋଇଥିଲି। ଆଜି ମେ ୧୮, ୨୦୨୨ରେ ଦଳ ଛାଡୁଛି। ପ୍ରାୟ ୧୩ ମାସ ଧରି ମୁଁ ଦଳରେ ରହିଛି। ଏବେ ପୂର୍ବତନ ସୈନିକ, ପୂର୍ବତନ ଅର୍ଦ୍ଧସୈନିକ, ବୃଦ୍ଧାବୃଦ୍ଧ, ମହିଳା, ଯୁବଗୋଷ୍ଠୀ ଏବଂ ବୁଦ୍ଧିଜୀବୀଙ୍କ ଭାବନାକୁ ଧ୍ୟାନରେ ରଖି ଦଳ ଛାଡୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ,ଅଜୟ କୋଠିୟାଲ୍ ଫେବୃୟାରୀ ୨୦୨୨ରେ ଗଙ୍ଗୋତ୍ରୀ ଆସନରୁ ନିର୍ବାଚନ ଲଢି ହାରିଯାଇଥିଲେ। ସେ ତୃତୀୟ ସ୍ଥାନରେ ରହିଥିଲେ। ଏଠାରୁ ଭାଜପାର ସୁରେଶ ଚୌହାନ ନିର୍ବାଚନ ଜିତିଥିଲେ। ଅଜୟଙ୍କୁ ମାତ୍ର ୫ ହଜାର ଭୋଟ ମିଳିଥିଲା।

ହାତ ଛାଡ଼ିଲେ ହାର୍ଦ୍ଦିକ ପଟେଲ

ଗୁଜରାଟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପଦରୁ ଇସ୍ତଫା

ଅହମ୍ମଦାବାଦ,୧୮।୫

୩ ବର୍ଷ ପୂର୍ବେ କଂଗ୍ରେସରେ ଯୋଗଦେଇଥିବା ପଟିଦାର ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ ବୁଧବାର ହାତ ଛାଡ଼ିଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଦେଇଛନ୍ତି। ଦଳର ଶୀର୍ଷ ନେତୃତ୍ୱ ଗୁଜରାଟ ଓ ଗୁଜରାଟୀଙ୍କୁ ଘୃଣ୍ୟ ବ୍ୟବହାର କରୁଥିବା ଦର୍ଶାଇ ଏହାର ପ୍ରତିବାଦରେ ଦଳ ଛାଡ଼ିଥିବା ହାର୍ଦ୍ଦିକ ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

୨୮ ବର୍ଷୀୟ ପଟିଦାର ନେତା ହାର୍ଦ୍ଦିକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହାଇକମାଣ୍ଡଙ୍କ ନିକଟକୁ ଲେଖିଥିବା ନିଜ ଇସ୍ତଫାପତ୍ରରେ ସେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାଙ୍କ ଭଳି ଦଳୀୟ କର୍ମକର୍ତ୍ତା ଦିନକୁ ୫୦୦–୬୦୦ କି.ମି. ଯାତ୍ରା କରି କର୍ମୀମାନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଆଲୋଚନା କରୁଥିବାବେଳେ ଦିଲ୍ଲୀରେ ଥିବା କଂଗ୍ରେସ ନେତାମାନେ ନିଜ ମୋବାଇଲ ଫୋନ୍‌ରେ ବ୍ୟସ୍ତ ଅଛନ୍ତି। ଏପରି କି କେତେଜଣ ନେତା ବିଦେଶ ଗସ୍ତ କରୁଛନ୍ତି ଯେତେବେଳେ କି ଦଳରେ ସେମାନଙ୍କ ଆବଶ୍ୟକତା ରହିଛି। ଦଳୀୟ ନେତାମାନେ କୌଣସି ପ୍ରସଙ୍ଗରେ ଗମ୍ଭୀର ନୁହନ୍ତି ବୋଲି ହାର୍ଦ୍ଦିକ ଉଲ୍ଲେଖ କରିଛନ୍ତି। କିଛିଦିନ ତଳେ ଭାଜପାକୁ ପ୍ରଶଂସା କରିଥିବା ହାର୍ଦ୍ଦିକ ଗୈରିକ ଦଳରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ୨୦୧୫ରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପଟିଦାର ସମୁଦାୟର ସଂରକ୍ଷଣ ଦାବିରେ ମୁଣ୍ଡ ଟେକିଥିବା ଆନ୍ଦୋଳନର ନେତୃତ୍ୱ ନେଇ ହାର୍ଦ୍ଦିକ ଏକ ଲୋକପ୍ରିୟ ଚେହେରା ପାଲଟିଥିଲେ। ୨୦୨୦ ଜୁଲାଇରେ ତାଙ୍କୁ କଂଗ୍ରେସ କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ଅନ୍ୟପକ୍ଷେ ହାର୍ଦ୍ଦିକ ଭାଜପା କଥାରେ ପରିଚାଳିତ ହେଉଥିବା କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ହାର୍ଦ୍ଦିକଙ୍କ ଇସ୍ତଫା କଂଗ୍ରେସକୁ ବଡ଼ ଝଟକା ଦେଇଛି। ଏହା ପୂର୍ବରୁ ପଞ୍ଜାବର ପୂର୍ବତନ କଂଗ୍ରେସ ସଭାପତି ସୁନୀଲ ଜାଖଡ଼, ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଏବଂ ଆର୍‌ପିଏନ୍ ସିଂଙ୍କ ଭଳି ନେତା କଂଗ୍ରେସରୁ ଇସ୍ତଫା ଦେଇଥିଲେ।

କର୍ମୀ ସମ୍ମିଳନୀ କରି ପ୍ରଚାର

ବ୍ରଜରାଜନଗର,୧୮।୫(ଡି.ଏନ.ଏ.)

ବ୍ରଜରାଜନଗର ପୌରାଞ୍ଚଳର ଇଟାଭାଟ, ତିନାଲାଇଁନ, ଲାଜକୁରା, ନୂଆଡିହି ଆଦି ୱାର୍ଡରେ ବୁଧବାର ବିଜେଡି ତରଫରୁ କର୍ମୀ ସମ୍ମିଳନୀ ମାଧ୍ୟମରେ ନିର୍ବାଚନ ପ୍ରଚାର କରାଯାଇଥିଲା। ମନ୍ତ୍ରୀ ପ୍ରତାପ ଜେନା, ସଞ୍ଜୟ ଦାସ ବର୍ମା, ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ନେତା ବିଶ୍ୱନାଥ ନାୟକ, ପ୍ରାର୍ଥିନୀ ଅଳକା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଲୋକାଭିମୁଖୀ ଯୋଜନା ତଥା ଅଞ୍ଚଳର ବିକାଶ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ ପରିଚାଳନା କରିଥିଲେ।

ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

ବୈଠକରେ ଯୋଗଦେଇଥିବା ଷ୍ଟାର କ୍ୟାମ୍ପେନର କମିଟି ସଦସ୍ୟମାନେ ।

ନିର୍ବାଚନ ପରିଚାଳନା ନେଇ ବିଜେଡି ଷ୍ଟାର କ୍ୟାମ୍ପେନର ବୈଠକ

ଝାରସୁଗୁଡ଼ା ଅଫିସ,୧୮।୫

ବ୍ରଜରାଜନଗର ଉପନିର୍ବାଚନ ଆସନ୍ତା ୩୧ତାରିଖରେ ହେବାକୁ ଥିବାବେଳେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନ ଲଢେଇ ପାଇଁ ରଣନୀତି ପ୍ରସ୍ତୁତ କରି ପ୍ରଚାର ଆରମ୍ଭ କରିଦେଲେ

୧୮।୫।୨୦୨୨

୩,୫୭,୧୮୩ ଟଙ୍କା	
ସୁନା	୭୧.୫୦୦ ଗ୍ରାମ୍
ରୁପା	୧୨.୮୦୦ ଗ୍ରାମ୍

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ନୂତନ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ 'ଷ୍ଟାର କିରଣ'ର ଉନ୍ମୋଚନ, ଆଇଟିସି ୱେଲକମ୍ ହୋଟେଲ, ଡି/୧, ଡୁମଡୁମା, ମଧ୍ୟାହ୍ନ ୧୨ଟା।
- ଚୌଧୁରୀ ଚାରୁଚନ୍ଦ୍ର ମିଶ୍ରଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର ପରିସର, ଅପରାହ୍ନ ୫ଟା ୪୫।
- ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ଶ୍ରୀବକ୍ରେଶ୍ୱର ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ 'ଗୁପ୍ତ ସମ୍ପର୍କ', ଭିଙ୍ଗାରପୁର ମଧଇଂରାଜୀ ସ୍କୁଲ ପଡିଆ, ରାତି ୧୧ଟା।
- ବାର୍ଷିକ ଯଜ୍ଞ ମହୋତ୍ସବ ପାଳନ ଅବସରରେ ଫ୍ରି-ସେଲ୍ ନାଟକ ପରିବେଷଣ, ଗଡ଼ ନହରକଣ୍ଟା ରୁଦ୍ରେଶ୍ୱର ମନ୍ଦିର ପଡ଼ିଆ, ରାତି ୧୧ଟା ୩୦।

ବଡ଼ମ୍ବା
- ୫ ଦିନିଆ ଚନ୍ଦନ ମହୋତ୍ସବ, ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ଟେନିସ ପଡିଆ, ସନ୍ଧ୍ୟା ୭ଟା।

କଟକ
- ୭୮ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀର ଚତୁର୍ଥ ସନ୍ଧ୍ୟା, ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସନ୍ଧ୍ୟା ୬ଟା ୩୦ ।

ସଂକ୍ଷେପରେ

ସୁଜନପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

ଡେଲାଙ୍ଗ,୧୮।୫(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ବଳଭଦ୍ର ତ୍ରିପାଠୀଙ୍କୁ ପୁରୀ ଜିଲାପାଳ ସମର୍ଥ ବର୍ମା ନିଲମ୍ବନ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା, ପଞ୍ଚାୟତ କାର୍ଯ୍ୟାଳୟକୁ ଠିକ୍ ଭାବେ ନ ଆସିବା, ବ୍ଲକରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅନୁପସ୍ଥିତ ରହିବା ଆଦି ନେଇ ଡେଲାଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିଲାପାଠଙ୍କ ନିକଟରେ ସୁପାରିସ କରିଥିଲେ। ଏହି ସୁପାରିସ କ୍ରମେ ଜିଲାପାଳ ତଦନ୍ତ କରିବା ପରେ ସୁଜନପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ବଳଭଦ୍ର ତ୍ରିପାଠୀଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବନ ପରେ ବଳଭଦ୍ର ତ୍ରିପାଠୀ ହେଡକ୍ୱାର୍ଟର୍ସ ପିପିଲି ବ୍ଲକରେ ଉପସ୍ଥିତ ରହିବେ ବୋଲି ଚିଠିରେ ଦର୍ଶାଯାଇଛି।

ପାଣିଟାଙ୍କି ନିକଟରେ ମୃତା ମହିଳା

■ ହତ୍ୟା ନା ଆତ୍ମହତ୍ୟା, ସନ୍ଦେହରେ ପୋଲିସ
■ ପରିଚୟ ଚିହ୍ନଟ ପାଇଁ ଫଟୋ ଜାରି

ଜବତ ବ୍ୟାଗ ଓ ଚପଲ।


ମୃତଦେହ ନିକଟରେ ପୋଲିସର ତଦନ୍ତ।

କଟକ ଅଫିସ,୧୮।୫

କଟକ ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାରସ୍ଥିତ ପାଣିଟାଙ୍କି ନିକଟରୁ ବୁଧବାର ସକାଳେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରଥମେ ସନ୍ଦେହ କରିଥିଲା। ହେଲେ ନିକଟରେ ଥିବା ପାଣିଟାଙ୍କି ଉପରେ ଏକ ପର୍ସ ମଧ୍ୟରେ ହାତଲେଖା ସୁଇସାଇଡ୍ ନୋଟ୍ ସହ ବିଷ ବୋତଲ, ପାଣି ବୋତଲ ଏବଂ ଚପଲ ଥିବା ଦେଖିବାକୁ ପାଇବା ପରେ ମହିଳା ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ମୃତା ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସବୁ ଦିଗକୁ ଦେଖି ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ଏହି ସୁଉଚ୍ଚ ପାଣିଟାଙ୍କିର ଚାରି ପାର୍ଶ୍ୱରେ ବାଡ଼ ନ ରହିବାରୁ ରାତିରେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ବୁଧବାର ସକାଳେ ପାଣିଟାଙ୍କି ନିକଟରେ ମହିଳାଙ୍କ ମୃତଦେହ ମୁହଁମାଡ଼ି ପଡ଼ିଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ବିଡ଼ାନାସୀ ପୋଲିସ, ଡିସିପି ମିଶ୍ର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରପକ୍ଷରେ ମହିଳାଙ୍କ ମୃତଦେହ ନିକଟରେ ଏକ ଖାଲି ମଦ ବୋତଲ, ବାଇକ୍ ଚକର ଚିହ୍ନ ଥିବା ଜଣାପଡ଼ିବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ମୃତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କର ଆନୁମାନିକ ବୟସ ୨୦ରୁ ୨୫ ମଧ୍ୟରେ ହେବ। ମହିଳା ଜଣକ ଜୁ (ଡେନିମ୍) ରଙ୍ଗର ଜିନ୍ସ ପିନ୍ଧିଥିବାବେଳେ ଜୁ-ହ୍ୱାଇଟ ଛିଟ ଏକ ଟପ୍ ପିନ୍ଧିଛନ୍ତି। ତେଣୁ ପରିଚୟ ଚିହ୍ନଟ ପାଇଁ ମହିଳାଙ୍କ ଫଟୋକୁ ପୋଲିସ ବିଭିନ୍ନ ସ୍ଥାନରେ ଜାରି କରିଛି।

ରାତିରେ ଜମୁଛି ଅସାମାଜିକଙ୍କ ଆଡ୍ଡା

କଟକ ଅଫିସ, ୧୮।୫

ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାରସ୍ଥିତ ପାଣିଟାଙ୍କି ଚାରିପାର୍ଶ୍ୱ ଆବଦ୍ଧ ହୋଇ ନ ଥିବାରୁ ଏଠାରେ ରାତିରେ ଅସାମାଜିକ କାର୍ଯ୍ୟକଳାପ ଜମୁଛି। ଏହା ଏକ ଖୋଲା ଜାଗା ହୋଇଥିବାବେଳେ ବିଡ଼ାନାସୀ ପୋଲିସର ରାତିସାରା ପଇଁତରା ସତ୍ତ୍ୱେ ଜଣେ ମହିଳାଙ୍କୁ କିଏ ଓ କେମିତି ହତ୍ୟାକଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସହରରେ ଥିବା ପାଣିଟାଙ୍କିଗୁଡ଼ିକର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ସିବି ମେଡିକାଲ, ଶିଶୁଭବନ, ଖାନ୍‌ନଗର, ସିଡିଏ, ବାଦାମବାଡ଼ି ଭଳି ଅନେକ ସମ୍ବେଦନଶୀଳ ଅଞ୍ଚଳରେ ପ୍ରାୟ ୪୦ ରୁ ୪୨ଟି ସୁଉଚ୍ଚ ପାଣି ଟାଙ୍କି ରହିଛି। ଉକ୍ତ ଟାଙ୍କି ଗୁଡ଼ିକର ଉଚ୍ଚତା ପ୍ରାୟ ୨୦ ମିଟର ରହିଛି । ହେଲେ ଏଥିରେ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧକୁ କୌଣସି ବ୍ୟବସ୍ଥା ନାହିଁ। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏଠାକୁ ଚଢ଼ି ଯାଇପାରିବେ। ବୁଧବାର ପାଣି ଟାଙ୍କି ନିକଟରେ ମହିଳାଙ୍କ ମୃତ୍ୟୁ ପରେ ଏହାର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ୱାଟ୍‌କୋ ଜେନେରାଲ ମ୍ୟାନେଜର ଦେବବ୍ରତ ମହାନ୍ତି କହିଛନ୍ତି ପାଣିଟାଙ୍କି ଚାରିପାର୍ଶ୍ୱ ଆବଦ୍ଧ ନିମନ୍ତେ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଯଦି ସରକାରଙ୍କ ପକ୍ଷରୁ ଏନେଇ କିଛି ନିର୍ଦ୍ଦେଶ ଆସେ ତେବେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି । ପାଣିଟାଙ୍କି ନିକଟରେ ବୁଧବାର ସକାଳେ ମହିଳାଙ୍କ ମୃତଦେହ ପଡ଼ିଥିବା ନେଇ କୃଷକ ବଜାର ବ୍ୟବସାୟୀ ସଂଘ ସମ୍ପାଦକ ନିରେନ୍ଦ୍ର ସେଠୀ ପଥମେ ଦେଖିଥଲେ। ମହିଳାଙ୍କ ଅଣ୍ଟା ଏବଂ ଗୋଡ଼ ନିକଟରେ ମଦ ବୋତଲ ପଡ଼ିଥିଲା। ଏପରି କି ନିକଟରେ ବାଇକ୍ ଚକର ଦାଗ ଦେଖିବାକୁ ମିଳିଥିଲା। ତେଣୁ ଏଥିରୁ ତାଙ୍କୁ କେହି ହତ୍ୟା କରିଥିବା ଜଣାପଡୁଛି ବୋଲି ସେଠୀ କହିଛନ୍ତି।

ସାଇକେଲ ଚଢ଼ି ବାହା ହେବାକୁ ଗଲେ ଶୁଭ୍ରାଂଶୁ

ଭୁବନେଶ୍ୱର, ୧୮।୫ (ବ୍ୟୁରୋ)

ତେଲଦର ବୃଦ୍ଧିର ନିଆରା ପ୍ରତିବାଦ

ତେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ସାଧାରଣ ଲୋକଙ୍କୁ ହନ୍ତସନ୍ତ କରୁଛି। ସାମାଜିକ ବ୍ୟବସ୍ଥାକୁ ବିଗାଡି ଦେଉଛି। ଆନ୍ଦୋଳନ, ଧର୍ମଘଟର ପ୍ରଭାବ ଦରବୃଦ୍ଧି ଉପରେ ପଡୁ ନ ଥିବାବେଳେ ରାଜଧାନୀର ଯୁବକ ଶୁଭ୍ରାଂଶୁ ସାମଲ ନିଆରା ପ୍ରତିବାଦ କରି ଚର୍ଚ୍ଚାକୁ ଆସିଛନ୍ତି। ବୁଧବାର ଥିଲା ତାଙ୍କ ବାହାଘର। ସେ ସାଇକେଲ ଚଢ଼ି ବର ବେଶରେ ଯାଇଥିବାବେଳେ ବରଯାତ୍ରୀମାନେ ମଧ୍ୟ ସାଇକେଲ ଓ ଚାଲିଚାଲି ଯାଇଥିଲେ। ଶୁଭ୍ରାଂଶୁ ୟୁନିଟ୍-୩ରେ ନିଜ ପରିବାର ସହିତ ରୁହନ୍ତି। ସେହି ଅଞ୍ଚଳର ସିପ୍ରାଙ୍କ ସହିତ ତାଙ୍କର ବିବାହ ସ୍ଥିର ହୋଇଥିଲା। ରୀତିନୀତି ଅନୁଯାୟୀ ବାହାଘର ପାଇଁ ଉଭୟ ପରିବାର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତେବେ ବିବାହର କିଛିଦିନ ପୂର୍ବରୁ ଶୁଭ୍ରାଂଶୁ ସାଇକେଲରେ ବର ହୋଇଯିବାକୁ ଇଚ୍ଛାପ୍ରକାଶ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ପୁଅର ନିଷ୍ପତ୍ତିରେ ପରିବାର ଲୋକ ଓ କନ୍ୟାପକ୍ଷ ମଧ୍ୟ ରାଜି ହୋଇଥିଲେ। ନିର୍ଦ୍ଧାରିତ ସମୟରେ ବର ସାଇକେଲ ଚଢି ଶୋଭାଯାତ୍ରାରେ ବାହାରିଥିଲେ। ବିଭିନ୍ନ ଅଞ୍ଚଳରୁ ବରଯାତ୍ରୀମାନେ ରବିଟକିଜ୍ ଛକଠାରେ ପହଞ୍ଚିବା ପରେ ସମସ୍ତେ ଏକାଠି ହୋଇ ପୁରୀ ରୋଡ୍‌ସ୍ଥିତ ବିବାହ ମଣ୍ଡପ ଅଭିମୁଖେ ଯାଇଥିଲେ। ବାଟସାରା ବର ଓ ବରଯାତ୍ରୀଙ୍କୁ ଲୋକେ ପ୍ରଶଂସା କରୁଥିବା ଦେଖାଯାଇଥିଲା। ମଣ୍ଡପ ନିକଟରେ ପହଞ୍ଚିବା ପରେ ବିଧି ଅନୁଯାୟୀ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଅଜୁ

@ ଅଭିନାଶ

@ ଆଲେକ୍ସ

@ ମାନସ

@ ରୋହନ

@ ରାଜେଶ

ଏଏସ୍‌ଆଇ ଡିଜିଙ୍କୁ ଦିଆଯିବ ଅନୁଧ୍ୟାନ ରିପୋର୍ଟ

ପୁରୀ ଅଫିସ,୧୮।୫

ଆହୁରି ଖନନ ହେଲେ ଐତିହ୍ୟ କୀର୍ତ୍ତିରାଜି ମିଳିପାରେ: ଅରୁଣ ମଲ୍ଲିକ

ଶ୍ରୀମନ୍ଦିର ଚୌହଦିରେ ପୁରାତନ କୀର୍ତ୍ତିରାଜି ଭରି ରହିଛି। ଏନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ସୂଚନା ଦିଆଯାଇଛି। ସାଂସ୍କୃତିକ ଓ ଐତିହ୍ୟ ଦୃଷ୍ଟିକୋଣରୁ ଶ୍ରୀକ୍ଷେତ୍ର ଯଥେଷ୍ଟ ଗୁରୁତ୍ୱ ବହନ କରେ। ଏଣୁ କୌଣସି ସ୍ଥାନରେ ଖନନ କରାଗଲେ ଐତିହ୍ୟ କୀର୍ତ୍ତିରାଜି ମିଳିବା ସମ୍ଭାବନା ଅଧିକ। ପୁରୀ ଶ୍ରୀମନ୍ଦିର ୧୨ଶହ ଶତାବ୍ଦୀରେ ନିର୍ମାଣ ହୋଇଥିଲା। ଏହାପରଠୁ ଶ୍ରୀମନ୍ଦିର ଚାରିପାଖରେ ସହର ବଢ଼ିବାରେ ଲାଗିଛି। ପୁରୀ ସହରର ପ୍ରତିଟି ଭାଗ ଐତିହ୍ୟ ଓ ଇତିହାସର ଅଂଶ। କ୍ରମାଗତ ଭାବେ ସଂସ୍କୃତି ଓ ସଭ୍ୟତାର ବିକାଶ ହୋଇଛି। ଏଣୁ ଆହୁରି ଖନନ ହେଲେ ଏଠାରେ ଅଧିକ ଐତିହ୍ୟ କୀର୍ତ୍ତିରାଜି ମିଳିବ ବୋଲି ଭୁବନେଶ୍ୱର ସର୍କଲର ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କହିଛନ୍ତି। ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ହୋଇଥିବା ଖନନ କାର୍ଯ୍ୟ ସମ୍ପର୍କରେ ସେ ଯେଉଁ ଅନୁଧ୍ୟାନ କରିଥିଲେ, ସେ ସଂକ୍ରାନ୍ତ ରିପୋର୍ଟ ଖୁବ୍‌ଶୀଘ୍ର ଏଏସ୍‌ଆଇ ଡିଜିଙ୍କୁ ଦେବେ। ସମ୍ପ୍ରତି କୋର୍ଟରେ ଏହି ମାମଲା ବିଚାରାଧୀନ ଥିବାରୁ ଅଧିକ ପ୍ରତିକ୍ରିୟା ଦେବାକୁ ମଲ୍ଲିକ ମନା କରିଦେଇଛନ୍ତି।

ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଶ୍ରୀମନ୍ଦିର ନିର୍ମାଣ ଆରମ୍ଭ ହୋଇ ଅନଙ୍ଗ ଭୀମଦେବଙ୍କ ସମୟରେ ଶେଷ ହୋଇଥିଲା। ୧୨ଶହ ବର୍ଷର ପୁରୁଣା ଏହି ମନ୍ଦିରର ସୁରକ୍ଷା ସବୁଠାରୁ ବଡ଼ ପ୍ରସଙ୍ଗ। ଏଏସ୍‌ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଦିଲୀପ ଖମାରିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଯୁଗ୍ମ ସମୀକ୍ଷା ରିପୋର୍ଟ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଖନନ ଦ୍ୱାରା କୀର୍ତ୍ତିରାଜି ପ୍ରଭାବିତ ହେବା ସମ୍ପର୍କରେ ମଧ୍ୟ ସେଥିରେ ଉଲ୍ଲେଖ ରହିଥିଲା। ଏବେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ମଲ୍ଲିକ ସମାନ କଥା ଦୋହରାଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୧୫ରୁ ୨୦ ଫୁଟ୍ ଖନନ ହେବା ଦ୍ୱାରା ଐତିହ୍ୟ ସ୍ଥଳୀର ଅପୂରଣୀୟ କ୍ଷତି ହୋଇଥିବା ହାଇକୋର୍ଟ ସତ୍ୟପାଠରେ ଦର୍ଶାଯାଇଥିଲା। ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଏଭଳି ଖନନ ଐତିହ୍ୟ ଓ କୀର୍ତ୍ତିରାଜି ସଂରକ୍ଷଣକୁ ବ୍ୟାପକ କ୍ଷତି ଘଟାଇଛି ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି।

ସଂଗ୍ରହାଳୟ ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୮। ୫(ବ୍ୟୁରୋ)

ରାଜ୍ୟ ସଂଗ୍ରହାଳୟ ପରିସରରେ ବୁଧବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରାଚୀନ କୀର୍ତ୍ତିରାଜିକୁ କିଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରାଯାଇ ପାରିବ ତାହା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଫାୟାର ଏକାଡେମୀ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମାଝି କହିଥିଲେ, ସାଧାରଣ ବିଲ୍ଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଭଳି ରାଜ୍ୟ ସଂଗ୍ରହାଳୟରେ ସେମିତି ବ୍ୟବସ୍ଥା କରାଯାଇ ନ ଥାଏ। ସଂଗ୍ରହାଳୟରେ ଦୁଇ ପ୍ରକାର ଯଥା ଅର୍ଗାନିକ ଓ ନନ୍‌ଅର୍ଗାନିକ କୀର୍ତ୍ତିରାଜି ରହିଥାଏ। ଏସବୁକୁ କିଭଳି ସୁରକ୍ଷା ଦିଆଯିବ ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ନିଆଁ ଲାଗିଥିବା ସ୍ଥାନକୁ ଯାଇ ହେଉ ନ ଥିଲେ ଫାୟାର ବଲ୍ ଫିଙ୍ଗି ବହୁତ କ୍ଷତିରୁ ବଞ୍ଚାଯାଇ ପାରିବ। ଅନ୍ୟପକ୍ଷରେ ରାଜ୍ୟ ସଂଗ୍ରହାଳୟ ଅତିଥିମାନେ ଐତିହାସିକ ରିସର୍ଚ୍ଚ ଜର୍ନାଲକୁ ଉନ୍ମୋଚନ କରୁଛନ୍ତି।

ଲାଗି କ'ଣ ସବୁ ଅଗ୍ନିସୁରକ୍ଷା ଦିଆଯାଇ ପାରିବ ତା'ର ବିବରଣୀ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି କହିଥିଲ ସହଯୋଗୀ ଅଗ୍ନିଶମ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ କହିଥିଲେ। ଏହି ଅବସରରେ ସଂଗ୍ରହାଳୟରେ ନିଆଁ ଲାଗିଲେ କିପରି ଆୟତ୍ତ କରାଯାଇ ପାରିବ ସେନେଇ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା 'ମକ୍ ଡ୍ରିଲ' ହୋଇଥିଲା। ପର୍ଯ୍ୟଟକଙ୍କୁ ସଚେତନ କରାଯିବା ସହ ରାଜ୍ୟ ସଂଗ୍ରହାଳୟ କର୍ମଚାରୀଙ୍କୁ ମଧ୍ୟ ବୈଷୟିକ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଐତିହାସିକ ରିସର୍ଚ୍ଚ ଜର୍ନାଲ ସହିତ ରାଜ୍ୟ ସଂଗ୍ରହାଳୟ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚିତ ହୋଇଥିଲା। ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶୁଚିସ୍ମିତା ମନ୍ତ୍ରୀ ଓ ଭାରତୀ ପାଲ୍ ଉପସ୍ଥିତ ଥିଲେ।

ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ
■ ନିଆଁ ଲିଭାଇବାକୁ ମକ୍ ଡ୍ରିଲ୍

ଅକ୍ଷର ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଫାଇନାନ୍ସ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଅନୁଷ୍ଠିତ 'ଆଜିର ଭାରତ ଓ ନେହେରୁ ବିଚାର' ଶୀର୍ଷକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଅକ୍ଷୟତୃତୀୟାଠାରୁ ଚାଲିଥିବା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ପୁରୀ ଚନ୍ଦନ ଚକଡ଼ା ପରିସରରେ ମୟୂର ସାଂସ୍କୃତିକ ଏକାଡେମୀ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଜ୍ୟ ସଂଗ୍ରହାଳୟ ପରିସରରେ ବୁଧବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭା ମକ୍‌ଡ୍ରିଲ୍ କରାଯାଉଛି।

ଏକାଗ୍ରରେ ୧କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୧୮।୫(ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ହାଟସାହିଠାରୁ ଶ୍ରୀରାମ ନଗର ପର୍ଯ୍ୟନ୍ତ ଡ୍ରେନ ଓ ଦୁଇଟି ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ମଙ୍ଗଳବାର ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୧କୋଟି ଟଙ୍କା ବ୍ୟୟବରାଦରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଦୁଇଟିର ଶିଳାନ୍ୟାସ କରିଥିଲେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କଅଁର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସଂକ୍ଷେପରେ

ବିଜୁ ଆଦର୍ଶ କଲୋନୀ ହେବ ଓମ୍‌କାର କିନ୍ନର ସାହି

ଭୁବନେଶ୍ୱର, ୧୮।୫ (ବ୍ୟୁରୋ): କଳିଙ୍ଗ ଷ୍ଟୁଡ଼ିଓ ଛକ ଓମ୍‌କାର କିନ୍ନର ସାହିର ବିକାଶ ପାଇଁ 'ବସ୍ତି ବିକାଶ ସଙ୍ଗଠନ' ଗଠନ କରାଯାଇଛି। ଜାଗା ମିଶନ ପରିପ୍ରେକ୍ଷୀରେ ଏସ୍‌ଡିଏ ପକ୍ଷରୁ ବୁଧବାର ଓମ୍‌କାର କିନ୍ନର ସାହିର ବିକାଶ ପାଇଁ 'ଜାଗା ସମ୍ପର୍କ ଯାତ୍ରା' ଶୁଭାରମ୍ଭ ହୋଇଛି। ଏଥିସହ ଓମ୍‌କାର ସାହିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରିବା ପାଇଁ ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ଏସ୍‌ଡିଏ ଅଧକ୍ଷା ରାଣୀଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର କିରଣବାଳା ମାଝୀ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ହ୍ୟୁମାନିଟି ସମ୍ପାଦକ ସଚ୍ଚିକାନ୍ତ ପ୍ରଧାନ, ସିଓ ସସ୍ମିତା ମୁଖୀ, ବିପିନ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ଦିଲୀପ ମାଝୀ ପ୍ରମୁଖ ଉପସ୍ଥିତ ରହି ସାହିର ନୂତନ ବିକାଶ କାର୍ଯ୍ୟ ଯଥା ରାସ୍ତା, ଡ୍ରେନ, ପାର୍କ, ସୌନ୍ଦର୍ଯ୍ୟକରଣ, ମିଶନଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାକୃତି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କିନ୍ନର ମା' ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ଥାର୍ଡ ଜେଣ୍ଡର ୱେଲ୍‌ଫେୟାର ଟ୍ରଷ୍ଟ ଅଧକ୍ଷା ମେଘନା ସାହୁ ପରିଚାଳନା କରିଥିଲେ।

୪ ଦୋକାନ, ୨ ବାଇକ୍‌କୁ ଧକ୍କା ଦେଲା ହାଇୱା

ବାରଙ୍ଗ, ୧୮।୫(ଡି.ଏନ୍.ଏ.) ତ୍ରିଶୂଳିଆ ଟ୍ରାଫିକ ଛକ ନିକଟରେ ବୁଧବାର ସକାଳେ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ୪ଟି ଦୋକାନକୁ ଧକ୍କା ଦେବା ପରେ ୨ଟି ବାଇକ୍ ଉପରେ ଚଢ଼ିଯାଇଛି। ବାଇକ୍ ଚାଳକଦ୍ୱୟ ନିକଟସ୍ଥ ଚା' ଦୋକାନରେ ବାଇକ୍ ରଖି ଚା' ପିଉଥିବାବେଳେ ସୌଭଗ୍ୟବଶତଃ ହାଇୱା କବଳରୁ ବଞ୍ଚିଯାଇଛନ୍ତି। ସୂଚନା ଅନୁଯାୟୀ, ବାଙ୍କୀ- ତ୍ରିଶୂଳିଆ ମୁଖ୍ୟରାସ୍ତାରେ ଓଡି ୦୫ ଜେ ୮୭୫୮ ନଂ. ବିଶିଷ୍ଟ ହାଇୱାଟି ସକାଳେ ଦ୍ରୁତଗତିରେ ଆସୁଥିଲା। ହେଲେ ତ୍ରିଶୂଳିଆ ଛକ ନିକଟରେ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତାକଡରେ ଥିବା ୪ଟି ଦୋକାନକୁ ଧକ୍କା ଦେଇଥିଲା। ଏଥିସହ ନିକଟରେ ଥିବା ଓଆର ୦୫ ଏକ୍ୟୁ-୯୩୩୭, ଓଡି ୦୫ଭି -୯୨୭୮ନଂ. ବିଶିଷ୍ଟ ୨ଟି ବାଇକ୍‌କୁ ମଧ୍ୟ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ହାଇୱାଟି ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ହାଇୱା ଗାଡିକୁ ପିଛା କରିବାରୁ କିଛିବାଟ ଯିବାପରେ ରାସ୍ତାକଡରେ ଚାଳକ ଗାଡିକୁ ଛାଡି ଫେରାର ହୋଇଯାଇଥିଲେ। ବାରଙ୍ଗ ପୋଲିସ ହାଇୱା ସହିତ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି।

ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୧୮।୫ (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ, ବିଏମ୍‌ସି, ଜିଏ ଏବଂ ପିଜି ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଉଚ୍ଛେଦକାରୀ ଦଳ ପ୍ଲଟ୍ ନଂ. ୩, ୪, ଖାତା ନମ୍ବର ୬୧୯ରୁ ୦.୬୬୦ ଡ଼ିସିମିଲ ଅଞ୍ଚଳକୁ ଜବରଦଖଲ ମୁକ୍ତ କରିଛି। ୨ଟି ଆର୍‌ସିସି ଛାତ ବିଶିଷ୍ଟ କୋଠା ସହିତ ଶୌଚାଳୟ, ୨୩ଟି ଏସି ଶେଡ୍ ରୁମ୍ ସହ ଶୌଚାଳୟ ଏବଂ ୨ଟି ସମ୍ପ୍ରସାରିତ ଗୃହ ସହିତ ୩୬ଟି ଅନଧିକୃତ ନିର୍ମାଣ ମାଟିରେ ମିଶିଛି। ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ସହକାରୀ ନିର୍ଦ୍ଦେଶକ ଏନଫୋର୍ସମେଣ୍ଟ ଅମିୟ ଦାସ, ବିଡିଏର ଯୋଗାଯୋଗ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଥାନା ଏଏସ୍‌ଆଇ ବି.ଆର୍. ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ତ୍ରୀଙ୍କ ବନ୍ଧୁକରୁ ଗୁଳି ଚଳାଇଥିଲେ ବିନୟ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପି ଛକରେ ସୋମବାର ରାତିରେ ଘଟିଥିବା ଗୁଳିମାଡ଼ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବରମୁଣ୍ଡା ପାଇକ ନଗରର ବିନୟ ଆଚାର୍ଯ୍ୟଙ୍କୁ ବୁଧବାର ପୋଲିସ ଗିରଫ କରିଛି। ତାଙ୍କଠାରୁ ଗୁଳିକାଣ୍ଡରେ ବ୍ୟବହୃତ ଏକ ବନ୍ଧୁକ ସହ ୫ ରାଉଣ୍ଡ ଗୁଳି ଓ ଅନେକ ଖୋକା ଜବତ କରାଯାଇଛି। ଏଥିସହ ଏହି ମାମଲାର ତଦନ୍ତବେଳେ ଅନେକ ନୂଆ ତଥ୍ୟ ପଦାକୁ ଆସିଛି। ବିନୟ ତାଙ୍କ ସ୍ତ୍ରୀ ସ୍ମିତପ୍ରଜ୍ଞା ରାୟଙ୍କ ବନ୍ଧୁକରେ ଗୁଳି ଫୁଟାଇଥିବା ଜଣାପଡିଛି। ସ୍ମିତପ୍ରଜ୍ଞା ହେଉଛନ୍ତି ଜଣେ ଶୁଟର ଏବଂ ଉକ୍ତ ବନ୍ଧୁକଟି ଲାଇସେନ୍ସପ୍ରାପ୍ତ ବୋଲି ପୋଲିସ କହିଛି। ତେବେ ଅନ୍ୟଜଣଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରେ ଅପରାଧ ଘଟାଇଥିବା ବିନୟଙ୍କ ନାମରେ ଆର୍ମ୍ସ ଆକ୍ଟ ସହ ଆଇପିସିର ଦଫା ୩୪୧, ୩୨୩, ୨୯୪, ୩୦୭, ୫୦୭ରେ ଏକ ମାମଲା (ନଂ.୩୩୭/୨୦୨୨)ରୁକୁ କରାଯାଇଛି। ବିନୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବଶତ୍ରୁତାରୁ ଏହି ଗୁଳିକାଣ୍ଡ ହୋଇଥିଲା ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

ସିଆର୍‌ପି ଛକ ଗୁଳିକାଣ୍ଡ ପଛରେ ପ୍ରତିଶୋଧ

- ଗତ ଅକ୍ଟୋବରରେ ବିନୟଙ୍କୁ ଆକ୍ରମଣ କରିଥିଲା କେବିଏନ୍ ଗ୍ୟାଙ୍ଗ
- ବୁବୁଙ୍କୁ ଖୋଜୁଥିବାବେଳେ ବଡ଼ଭାଇ ବିଭୁଙ୍କ ସହ ହୋଇଥିଲା ଯୁକ୍ତିତର୍କ
- ଅଭିଯୁକ୍ତ ଗିରଫ, ବନ୍ଧୁକ, ଖୋକା ଜବତ

ଅନ୍ୟପକ୍ଷରେ ଘଟଣା ପଛରେ ପ୍ରତିଶୋଧ ରହିଥିବା ପୋଲିସ ଜାଣିବାକୁ ପାଇଛି। ଗାଡ଼ି ସାଇଡ୍‌ମରାକୁ କେନ୍ଦ୍ର କରି ଗତବର୍ଷ ଅକ୍ଟୋବର ୨୧ ସନ୍ଧ୍ୟାରେ ସିଆର୍‌ପି ଲକ୍ଷ୍ମୀପୂଜା ମଣ୍ଡପରେ କେବିଏନ୍ ଗ୍ୟାଙ୍ଗ ମୁଖ୍ୟ ବୁବୁ ଜେନା ଓ ତାଙ୍କ ସହଯୋଗୀମାନେ ବିନୟ ଏବଂ ତାଙ୍କ ବନ୍ଧୁ ଆଶୁତୋଷଙ୍କୁ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ବିନୟ ଗୁରୁତର ହୋଇଥିଲେ। ଏହି ଘଟଣାରେ ବୁବୁଙ୍କ ସମେତ କେବିଏନ୍ ଗ୍ୟାଙ୍ଗର ୧୦ରୁ ଅଧିକ ଗିରଫ ହୋଇ ଜେଲ ଯାଇଥିଲେ। ଏହାପରଠାରୁ ବୁବୁଙ୍କ ଉପରେ ରାଗ ରଖିଥିଲେ ବିନୟ। ବୁବୁ ମାସେ ତଳେ ଜେଲରୁ ଫେରିଥିଲେ। ଏହା ଜାଣିବା ପରେ ପ୍ରତିଶୋଧ ନେବାକୁ ସୁଯୋଗକୁ ଅପେକ୍ଷା କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବୁବୁଙ୍କ ବଡ଼ଭାଇ ବିଭୁ ତାଙ୍କର ଜଣେ ବନ୍ଧୁଙ୍କ ସହ ସିଆର୍‌ପି ଛକ ନିକଟ ଏକ ପାନ ଦୋକାନ ସାମ୍ନାରେ ଛିଡ଼ା ହୋଇ କଥା ହେଉଥିଲେ। ଏହି ସମୟରେ ବିନୟ ସେଠାକୁ ଆସି ବିଭୁଙ୍କ ସହ ଯୁକ୍ତିତର୍କ କରିଥିଲେ। ବୁବୁ କୁଆଡ଼େ ଗଲେ ବୋଲି ମଧ୍ୟ ପଚାରିଥିଲେ। ଗଣ୍ଡଗୋଳ ବଢ଼ିବାରୁ ବିନୟ ପାଖରେ ରଖିଥିବା ସ୍ତ୍ରୀଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରେ ବିଭୁଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ହେଲେ ଗୁଳିଟି ବିଭୁଙ୍କ ଦେହରେ ବାଜି ନ ଥିଲା। ବିଭୁଙ୍କ ଅଭିଯୋଗ ପରେ ପୋଲିସ ବିନୟଙ୍କୁ ସୋମବାର ବିଳମ୍ବିତ ରାତିରେ କାବୁ କରିଥିଲା।

ପୋଖରୀର ପୁନରୁଦ୍ଧାର ପାଇଁ ମେୟରଙ୍କୁ ଦାବିପତ୍ର

ମେୟରଙ୍କ ସହ ଏକାମ୍ର ଜନଜାଗରଣ ମଞ୍ଚ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୧୮।୫(ଡି.ଏନ୍.ଏ.)

ସ୍ଥାନୀୟ ଗ୍ୟାରେଜ ଛକ ନିକଟରେ ଥିବା କଣ୍ଡରା ପୋଖରୀର ପୁନରୁଦ୍ଧାର ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବୁଧବାର ମେୟର ସୁଲୋଚନା ଦାସଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାୟ ୫ଏକର ଜମି ପରିମିତ ଏହି ବିଶାଳ ଜଳାଶୟଟି ଦୀର୍ଘଦିନ ଧରି ପରିତ୍ୟକ୍ତ ହୋଇପଡ଼ିରହିଛି। ଏଭଳିକି ଜମି ମାଫିଆ, ଜବରଦଖଲକାରୀମାନେ ଚତୁଃପାର୍ଶ୍ୱରୁ ମାଟି ପୋତି ସତ୍ତା ହରାଇବାକୁ ବସିଥିବାବେଳେ ଏକାମ୍ର ଜନଜାଗରଣ ମଞ୍ଚ ଅତୀତରେ ବାରମ୍ବାର ଅଭିଯୋଗ କରିଆସିଥିଲା। ଏପରିକି ଜଳାଶୟଟିର ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ନିମନ୍ତେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟାର ହୋଇଥିଲା। ଚିଠି ନଂ ଡବ୍ଲ୍ୟୁପି(ସି) ୮୭୬୨/୨୦୧୮ରେ ଉଚ୍ଚ ନ୍ୟାୟାଳୟ ଜଳାଶୟକୁ ତୁରନ୍ତ ପରିଷ୍କାର କରିବାକୁ ବିଏମ୍‌ସି ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ମାତ୍ର ୫ବର୍ଷ ବିତିଯାଇଥିଲେ ହେଁ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ଏବଂ ପୁନଃ ଜଳାଶୟଟିକୁ ଉଦ୍ଧାର କରିବାପାଇଁ ମଞ୍ଚ ପକ୍ଷରୁ ମେୟରଙ୍କୁ ଭେଟି ସଦସ୍ୟମାନେ ଦାବିପତ୍ର ଦେଇଥିଲେ। ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।

ପୁରୀରେ ମହାପ୍ରଭୁଙ୍କ ରଥ ନିର୍ମାଣ ହେଉଥିବାବେଳେ ବୁଧବାର ଚକରେ ପଇ ସଂଯୋଗ ପାଇଁ ବିଲେଇ ବାଡ଼ିଆ କାର୍ଯ୍ୟ ଚାଲିଛି ।

୨୦୦ ବସ୍ତା ସିମେଣ୍ଟ ଜବତ, ୭ ଗିରଫ

ବାରଙ୍ଗ,୧୮।୫(ଡି.ଏନ୍.ଏ.)

ଦାରୁଠେଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମ ଘରୁ ୭୦୦ ବସ୍ତା ସିମେଣ୍ଟ ଚୋରି କରିବା ଅଭିଯୋଗରେ ବୁଧବାର ଚନ୍ଦକା ଥାନା ପୋଲିସ ୭ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଚନ୍ଦକାଯୋଗୀ ସାହିର ରମେଶ ନାଥ, ଚକ୍ରଧର ଓରଫ ଚଗଲା ନାଥ, ହରି ନାଥ, ରାଜକିଶୋର ନାଥ, ଦାରୁଠେଙ୍ଗ ବାହୁବଳେନ୍ଦ୍ର ସାହିର ବଗ ଓରଫ ଭାଗା ସୁନ୍ଦରାୟ, ହୃଦାନନ୍ଦ ସାହୁ, ଜେଠୀ ସାହିର ଟିନା ଓରଫ ତ୍ରିନାଥ ନାୟକ। ପୋଲିସ ସେମାନଙ୍କଠାରୁ ୨୦୦ ବସ୍ତା ସିମେଣ୍ଟ ଜବତ କରିଛି। ସୂଚନା ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମଘରେ ଗଚ୍ଛିତ ଥିବା ସିମେଣ୍ଟ ମଧ୍ୟରୁ ୭୦୦ ବସ୍ତା ଚୋରି ହୋଇଥିବାର ମଙ୍ଗଳବାର ଚନ୍ଦକା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ତେବେ ବିଶେଷସୂତ୍ରରୁ ସ୍ଥାନୀୟ ଅଞ୍ଚଳର ଉକ୍ତ ୭ଜଣ ଚୋରି କରିଥିବା ଜାଣିବା ପରେ ପୋଲିସ ବୁଧବାର ଚଢ଼ାଉ କରି ଧରିବା ସହ ୨୦୦ ବସ୍ତା ସିମେଣ୍ଟ ଜବତ କରିଛି। ବଳକା ୫୦୦ ବସ୍ତା ସିମେଣ୍ଟ ବିକ୍ରି କରି ଦେଇଥିବାର ପୋଲିସ ଆଗରେ ସେମାନେ ସ୍ୱୀକାର କରିଥିଲେ।

ବିଶାଖାପାଟଣା ଆପୋଲୋରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ବିଶାଖାପାଟଣାସ୍ଥିତ ଆପୋଲୋ ହସ୍ପିଟାଲରେ ଏକ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ରାୟଗଡ଼ାର ୨୩ବର୍ଷ ବୟସ୍କ ଜଣେ ରୋଗୀଙ୍କ ଡାହାଣ ଗୋଡ଼ରେ ତ୍ରୁଟି ରହିଥିଲା, ଯାହାକି ଫାଇବୁଲାର ହେମିମେଲିଆ ବୋଲି କୁହାଯାଏ। ଏହି ବିରଳ ଅବସ୍ଥା କେବଳ ୪୦ହଜାର ମଧ୍ୟରୁ ଜଣକୁ ହୋଇଥାଏ। ହସ୍ପିଟାଲର ଶିଶୁ ଅର୍ଥପେଡିକ ସର୍ଜନ ଡା. ଭି. ରବି ଚନ୍ଦ୍ର ରୋଗୀଙ୍କ ପରୀକ୍ଷା କରିବାରୁ ଡାହାଣ ଗୋଡ଼ଟି ବାମ ଗୋଡ଼ ତୁଳନାରେ ୨.୫ସେମି କମ୍ ଉଚ୍ଚତା ଥିବାରୁ ତାଙ୍କର ଚାଲିବାରେ ଅସୁବିଧା ହେଉଥିଲା। ତେଣୁ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନିଆଯାଇ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଉକ୍ତ ରୋଗୀଙ୍କ କେବଳ ଗୋଟିଏ ଧମନୀ ରହିଥିବା ଜଣାପଡ଼ିଥିଲା। ଜଣେ ମଣିଷର ଅଙ୍ଗକୁ ପୁଷ୍ଟିକର ୩ଟି ଧମନୀ ଆବଶ୍ୟକ ଥିବାବେଳେ ଗୋଟିଏ ଧମନୀ ରହିବା ବିରଳ ଅବସ୍ଥା। ଏହାକୁ ପେରୋନିଆ ମାଗ୍‌ନା କୁହାଯାଏ। ଯଦିଓ ଏହି ହସ୍ପିଟାଲରେ ନିୟମିତ ଭାବେ ଗୋଡ଼ର ଲମ୍ବତା ଅସ୍ତ୍ରୋପଚାର କରାଯାଏ, କିନ୍ତୁ ଏହି ମାମଲା ଭିନ୍ନ ଥିଲା। କାରଣ ଅଙ୍ଗକୁ ରକ୍ତ ଯୋଗାଣ କେବଳ ଗୋଟିଏ ଧମନୀ ଉପରେ ନିର୍ଭରଶୀଳ ଥିଲା। ତେବେ ହାଉସ ଭାସ୍କୁଲାର ସର୍ଜନ, ଆନାସ୍ଥେସିଆ ଏବଂ କ୍ରିଟିକାଲ କେୟାର ଟିମ୍‌ର ମିଳିତ ସହଯୋଗରେ ଅସ୍ତ୍ରୋପଚାର ସଫଳ ହୋଇଥିଲା।

ବିଶ୍ୱବିଦ୍ୟାଳୟ ଗେଟ୍ ନ ଖୋଲିଲେ ଆନ୍ଦୋଳନ

ଭୁବନେଶ୍ୱର,୧୮।୫ (ବ୍ୟୁରୋ):

ଦୀର୍ଘ ୪୦ ବର୍ଷ ଧରି ଯିବା ଆସିବା କରୁଥିବା ରାସ୍ତାକୁ ରାତାରାତି ଉଚ୍ଛଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ବନ୍ଦ କରାଯାଇଛି। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଭିଏସ୍‌ଏସ୍ ନଗର ପାଖରେ ଥିବା ୩ନଂ. ଗେଟ୍ ରବିବାର ଓ ଛୁଟିଦିନରେ ବନ୍ଦ ରହିବ ବୋଲି ଏକ ନୋଟିସ ଲଗାଇ ବନ୍ଦ କରିଦେଇଛନ୍ତି। ସେହିଦିନ ଅପରାହ୍ନରେ ଗେଟ୍ ପାଖରେ ଖୋଲିବା ସହ ବୁଧବାର ସେଠାରେ ଏକ ବିରାଟ ପାଚେରି ନିର୍ମାଣ କରାଯାଇଛି। ଏହାଦ୍ୱାରା ଭିଏସ୍‌ଏସ୍ ନଗର ସହିତ ବହୁଲୋକଙ୍କର ଭୁବନେଶ୍ୱର ଭିତରକୁ ଯିବା ଆସିବା ରାସ୍ତା ସବୁ ଦିନ ପାଇଁ ବନ୍ଦ କରିଦେଇଛନ୍ତି । ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଜରୁରିକାଳୀନ ବୈଠକରେ ଏହାକୁ ପ୍ରତିବାଦ କରାଯାଇଛି। ପରିଷଦ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ରାସ୍ତାର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିବା ପରେ ବୈଠକରେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ସମ୍ପର୍କରେ ସମସ୍ତ ବିଭାଗକୁ ଜଣାଇବା ପରେ ରାସ୍ତା ନ ଖୋଲିଲେ ପ୍ରତିବାଦ ହେବ ବୋଲି ସୂଚନା ଦିଆଯାଇଛି। ପରିଷଦ ଉପସଭାପତି ଡ. ଜୟନ୍ତ ପରିଡ଼ା ଏଥିରେ ସଭାପତିତ୍ୱ କରିଥିବାବେଳେ କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ନିମାଇଁ ଚରଣ ଦାସ, ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଦାଣ୍ଡିମାଳ ସେବା ସଂଘର ସମ୍ମିଳନୀ

ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥିମାନେ।

ପୁରୁଣା ଭୁବନେଶ୍ୱର,୧୮।୫(ଡି.ଏନ୍.ଏ.)

ଦାଣ୍ଡିମାଳ ସେବକ ସଂଘ ପକ୍ଷରୁ ବାବା ସାହେବ ଡକ୍ଟର ବି.ଆର୍. ଆମ୍ବେଡରଙ୍କର ୧୨୩ତମ ଜୟନ୍ତୀ ପାଳନ ଅବସରରେ ଏକ ସମ୍ମିଳନୀ ଆୟୋଜନ ହୋଇଥିଲା। ବାବା ସାହେବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସଂଘ ପରିସରରେ ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରିବା ସହ ସଂଘର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ, କର୍ପୋରେଟର ସଂଞ୍ଜୁକ୍ତା ସୁନ୍ଦରାଏ, ରଶ୍ମିରଞ୍ଜନ ପାଟସାହାଣି ପାଣି, ବିଦ୍ୟାଧର ଦେହୁରି ପ୍ରମୁଖ ଯୋଗଦେଇ ଆମ୍ବେଡରଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ ପ୍ରକାଶ କରିଥିଲେ। ଆୟୋଜକ ଦାଣ୍ଡିମାଳ ସେବକ ସଂଘର ସଭାପତି ପ୍ରକାଶ କୁମାର ନାୟକ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ, ପଞ୍ଚାନନ ନାୟକ, ବାସୁଦେବ ନାୟକ, ବସନ୍ତ ନାୟକ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଡ଼ଗଡ଼ ବ୍ରିଟ୍‌ରେ ଅବ୍ୟବସ୍ଥିତ ଡ୍ରେନ୍ ନିର୍ମାଣ

ପୁରୁଣା ଭୁବନେଶ୍ୱର, ୧୮।୫(ଡି.ଏନ୍.ଏ.)

ବିଏମ୍‌ସି ୪୪ ନଂ. ୱାର୍ଡ଼ ବଡ଼ଗଡ଼ ବ୍ରିଟ୍ କଲୋନୀରୁ ଜଳ ନିଷ୍କାସନ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣଧୀନ ଡ୍ରେନ୍ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢାଇଦେଇଛି। ଏହା ଜଳବନ୍ଧୀ ସମସ୍ୟାକୁ ଦ୍ୱିଗୁଣିତ କରିବ ବୋଲି ସ୍ଥାନୀୟ ଲୋକେ ବିଏମ୍‌ସି ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷକୁ ଲିଖିତ ଅଭିଯୋଗ କରିଛନ୍ତି। ବଡ଼ଗଡ଼ ବ୍ରିଟ୍ ଅଞ୍ଚଳ ପଶ୍ଚିମରୁ ପୂର୍ବଦିଗକୁ ଗଡ଼ାଣିଆ। ଏଠାରେ ଡ୍ରେନଗୁଡ଼ିକ ଉତ୍ତରରୁ ଦକ୍ଷିଣ ଆଡ଼କୁ ନିର୍ମାଣ ହୋଇଥିବାରୁ ଅସରାଏ ବର୍ଷାହେଲେ ଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶୁଛି। ଏହାର ନିରାକଣ ଲାଗି ପୂର୍ତ୍ତ ବିଭାଗ ପକ୍ଷରୁ ଟଙ୍କପାଣି ରୋଡ଼ କଡ଼ରେ ମୁଖ

ତୃତୀୟ ଦିନରେ ଶେୟାର ବଜାରରେ ହ୍ରାସ

ମୁମ୍ବାଇ: ଚଳିତ ସପ୍ତାହର ପ୍ରଥମ ଦୁଇ କାରବାର ଦିବସରେ ପୁଞ୍ଜିବଜାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ତୃତୀୟ ଦିନ ଅର୍ଥାତ୍ ବୁଧବାର ସ୍ୱଳ୍ପ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସ ୧୦୯.୦୪ ପଏଣ୍ଟ (୦.୨୦%) ଏବଂ ନିଫ୍ଟିରେ ୧୯ ଅଙ୍କ (୦.୧୨%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୨୦୮.୫୩ ଇଣ୍ଡେକ୍ସ ଏବଂ ୧୬,୨୪୦.୩୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୮୭୧ଟି ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୪୩୦ ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଛି। ଦିନର ଟପ୍ ଗେନର୍ସ ତାଲିକାରେ ସୁଦର୍ଶନ କେମିକାଲ୍, ଗ୍ରେଟ୍ ଇଷ୍ଟର୍ନ ଶିପିଂ, ଏମ୍‌ଆର୍‌ପିଏଲ୍ ରହିଛନ୍ତି।

ସଂକ୍ଷେପରେ

ଇଣ୍ଡିଗୋର ନୂଆ ସିଇଓ ହେବେ ପିଟର ଏଲ୍‌ବର୍ସ

ନୂଆଦିଲ୍ଲୀ, ୧୮।୫: ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ପିଟର ଏଲ୍‌ବର୍ସଙ୍କୁ ନୂଆ ସିଇଓ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମନ ଇଣ୍ଡିଗୋ ଏୟାରଲାଇନ୍ସର ସିଇଓ ଦାୟିତ୍ୱରେ ଥିବା ରୋନୋଜୟ ଦତ୍ତ ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ଅବସର ନେବାକୁ ଯାଉଛନ୍ତି। ଦତ୍ତଙ୍କ ପରେ ଅକ୍ଟୋବର ୧ରୁ ଏଲ୍‌ବର୍ସ ଦାୟିତ୍ୱ ଗ୍ରହଣ କରିବେ। ଇଣ୍ଡିଗୋ ଆଭିଏସନ୍ ଲିମିଟେଡ୍ ବୋର୍ଡ ପକ୍ଷରୁ ଏନେଇ ମଞ୍ଜୁରୀ ମିଳିସାରିଛି। ରୋନୋଜୟ ଦତ୍ତ ୨୦୧୯ ଜାନୁୟାରୀରୁ ଇଣ୍ଡିଗୋ ଏୟାରଲାଇନ୍ସର ସିଇଓ ପଦବୀରେ ରହି ଆସିଛନ୍ତି। କୋଭିଡ୍ ମହାମାରୀ ଭଳି କଠିନ ସମୟରେ ଦତ୍ତ ଇଣ୍ଡିଗୋ ଏୟାରଲାଇନ୍ସକୁ ଅନେକ ସହଯୋଗ କରିଥିଲେ। ଅନ୍ୟପଟେ ପିଟର ଏଲ୍‌ବର୍ସ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଏଲ୍‌ଏମ୍ ରୟାଲ ଡଚ୍ ଏୟାରଲାଇନ୍ସର ସିଇଓ ପଦରେ କାର୍ଯ୍ୟ କରୁଛନ୍ତି। ଦତ୍ତଙ୍କର ଅବଦାନକୁ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ରାହୁଲ ଭାଟିଆ ପ୍ରଶଂସା କରିଥିବା ବେଳେ ଏଲ୍‌ବର୍ସଙ୍କ ନିଯୁକ୍ତି ଦ୍ୱାରା କମ୍ପାନୀ ଆହୁରି ସୁଦୃଢ଼ ହେବ ବୋଲି କହିଛନ୍ତି।

ରାଇସ୍ ବ୍ରାନ୍ ତେଲ ଉତ୍ପାଦନକାରୀ ସଂସ୍ଥା ଉପରେ ଚଢ଼ାଉ

କଟକ, ୧୮।୫: ଓଡ଼ିଶା ରାଜ୍ୟ ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଶାଖା ପାଖରେ ବିଭିନ୍ନ ରାଇସ୍ ବ୍ରାନ୍ ତେଲ ଉତ୍ପାଦନକାରୀ ସଂସ୍ଥା ବିରୋଧରେ ଟିକସ ଫାଙ୍କି ଅଭିଯୋଗ ବାରମ୍ବାର ଆସୁଥିଲା। ଏହି ଅଭିଯୋଗ ଭିତ୍ତିରେ ରାଜ୍ୟ ପ୍ରବର୍ତ୍ତନ ସଂସ୍ଥା ବିଭିନ୍ନ ରାଇସ୍ ବ୍ରାନ୍ ତୈଳ ଉତ୍ପାଦନକାରୀ କମ୍ପାନୀଙ୍କ ଉପରେ ନଜର ରଖିଥିଲା। କମ୍ପାନୀଗୁଡ଼ିକୁ ନେଇ ଥିବା ବିଭିନ୍ନ ତଥ୍ୟ ଏବଂ ଫଳାଫଳ ଆଧାରରେ ରାଜ୍ୟ ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଶାଖା ପକ୍ଷରୁ ସମ୍ବଲପୁର, ବରଗଡ଼ ଏବଂ କଳାହାଣ୍ଡି ଜିଲାରେ ଅବସ୍ଥିତ ୭ଟି ରାଇସ୍ ବ୍ରାନ୍ ତେଲ ଉତ୍ପାଦନକାରୀ ସଂସ୍ଥାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଉତ୍ପାଦନ ୟୁନିଟ୍, ବ୍ୟବସାୟ ସ୍ଥାନ ଏବଂ ଗୋଦାମ ଉପରେ ବୁଧବାର ଏକକାଳୀନ ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ମିଳିଥିବା କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଦଲିଲଗୁଡ଼ିକୁ ଅଧିକ ଅନୁସନ୍ଧାନ ପାଇଁ ଜବତ କରାଯାଇଛି।

ରୋଜଗାର ଗ୍ୟାରେଣ୍ଟି ଯୋଜନା ଆସିବ

ନୂଆଦିଲ୍ଲୀ, ୧୮।୫

କୋଭିଡ୍ ମହାମାରୀ କାରଣରୁ ମାନ୍ଦା ଅର୍ଥ ବ୍ୟବସ୍ଥା ଏବଂ ବଢୁଥିବା ବେରୋଜଗାରୀ ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ପକ୍ଷରୁ ସରକାରଙ୍କୁ ସହରାଞ୍ଚଳ ବେରୋଜଗାରୀଙ୍କ ପାଇଁ ରୋଜଗାର ଗ୍ୟାରେଣ୍ଟି ଯୋଜନା ଆଣିବାକୁ ପ୍ରସ୍ତାବ ଦିଆଯାଇଛି। ପରିଷଦ ପକ୍ଷରୁ ଦେଶର ଆୟରେ ଅସମାନତାକୁ କମ୍ କରିବା ପାଇଁ ଏକ ସମାନ (ୟୁନିଭର୍ସାଲ) ଢାଞ୍ଚାରେ ଆୟ ଯୋଜନା ଆରମ୍ଭ କରିବା ସହିତ ସାମାଜିକ କ୍ଷେତ୍ରରେ ଅଧିକ ଅର୍ଥ ଆବଣ୍ଟନ କରିବାକୁ ସୁପାରିସ ହୋଇଛି। ଇଏସି-ପିଏମ୍ ଦ୍ୱାରା ପ୍ରକାଶିତ ରିପୋର୍ଟ 'ଭାରତରେ ଅସମାନତା ସ୍ଥିତି'କୁ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କମ୍ପିଟେଟିଭ୍‌ନେସ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ପ୍ରକାଶିତ ରିପୋର୍ଟରେ ଇଏସି-ପିଏମ୍‌ର ଚେୟାରମ୍ୟାନ୍ ବିବେକ ଦେବରାୟ କହିଛନ୍ତି, ଗ୍ରାମୀଣ ଏବଂ ସହରାଞ୍ଚଳରେ ଶ୍ରମବଳର ଭାଗୀଦାରି ହାର ମଧ୍ୟରେ ଯେଉଁ ଅନ୍ତର ରହିଛି, ତାହାକୁ ନଜରରେ ରଖିଲେ ସହରାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଭଳି ଯୋଜନା ଆରମ୍ଭ କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସହରାଞ୍ଚଳର ଅଧିକରୁ ଅଧିକ ଲୋକ ନିଯୁକ୍ତି ପାଇବାକୁ ସକ୍ଷମ ହେବେ ବୋଲି ଦେବରାୟ କହିଛନ୍ତି। ତଥ୍ୟ ଅନୁସାରେ, ସର୍ବନିମ୍ନ ଆୟ ବୃଦ୍ଧି କରିବା, ସମାନ ଢାଞ୍ଚାରେ ଆୟ କରିବା ଏହି ପ୍ରସ୍ତାବର ମୂଳ ଉଦ୍ଦେଶ୍ୟ। ଏହାଦ୍ୱାରା ଶ୍ରମ କ୍ଷେତ୍ରରେ ଆୟ ମଧ୍ୟରେ ରହିଥିବା ତଫାତ୍ କମ୍ ହେବା ସହିତ ଆୟର ସମାନ ବିତରଣ ହୋଇପାରିବ ବୋଲି ଆଶା ରଖାଯାଇଥିବା ତଥ୍ୟରେ ଉଲ୍ଲେଖ କରାଯାଇଛି। ଆର୍ଥିକ ପରାମର୍ଶଦାତାମାନେ ସେମାନଙ୍କ ସୁପାରିସରେ କହିଛନ୍ତି, ସରକାରଙ୍କୁ ସାମାଜିକ ସେବା କ୍ଷେତ୍ରରେ ଖର୍ଚ୍ଚ କରିବା ପାଇଁ ଅଧିକ ଅର୍ଥ ଆବଣ୍ଟନ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ କୌଣସି ଅଚାନକ ଏବଂ ସମ୍ଭାବ୍ୟ ଅସୁବିଧା ସହିତ ଲଢ଼ିବାରେ ସହଯୋଗ କରିବ ଓ ସେମାନଙ୍କୁ ଅଧିକରୁ ଅଧିକ ଆର୍ଥିକ ଅନଗ୍ରସରତା ଆଡ଼କୁ ଟାଣିନେବାରୁ ରକ୍ଷା କରିବ ବୋଲି ପରାମର୍ଶଦାତା ପରିଷଦ ପକ୍ଷରୁ କୁହାଯାଇଛି। ଇଏସି-ପିଏମ୍‌ର ସୂଚନା ଅନୁସାରେ ସ୍ୱାସ୍ଥ୍ୟ, ଶିକ୍ଷା, ଘରୋଇ ବିଶେଷତା ଏବଂ ଶ୍ରମ ବଜାରରେ ଅସମାନତା ଆଧାରରେ ଏହି ତଥ୍ୟ ପ୍ରସ୍ତୁତ କରାଯାଇଛି।

ସହରାଞ୍ଚଳ ବେରୋଜଗାରୀଙ୍କ ପାଇଁ ଚିନ୍ତା

ଏଚ୍‌ସିସିବିର ୨୫ ବର୍ଷ ପୂର୍ତ୍ତି

ଭୁବନେଶ୍ୱର, ୧୮।୫

ଦେଶର ଅନ୍ୟତମ ଅଗ୍ରଣୀ ଏଫ୍‌ଏମ୍‌ସିଜି କମ୍ପାନୀ ହିନ୍ଦୁସ୍ଥାନ କୋକାକୋଲା ବେଭରେଜେସ୍ (ଏଚ୍‌ସିସିବି)ର ୨୫ ବର୍ଷ ପୂର୍ତ୍ତି ପାଳନ ହୋଇଛି। ବର୍ଷତମାମ ଏହାର ୨୫ ବର୍ଷ ପୂର୍ତ୍ତିକୁ ଏକାଧିକ କାର୍ଯ୍ୟକ୍ରମ ଜରିଆରେ ପାଳନ କରାଯିବ। ଓଡ଼ିଶାରେ ଏହି ଅବସର ପାଳନ ପାଇଁ କମ୍ପାନୀ ପକ୍ଷରୁ ଏକାଧିକ ପ୍ରୟାସ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା କାରଖାନାରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆହୁରି ୩୦୦ କୋଟି ଟଙ୍କା ନିବେଶ କରାଯିବ। ଏହାଛଡ଼ା ଏଚ୍‌ସିସିବି ପକ୍ଷରୁ ଓଡ଼ିଶାରେ ୧ ଲକ୍ଷ ବୃକ୍ଷଚାରା ରୋପଣ ଯୋଜନା କରାଯାଇଛି। ଏଥିସହିତ କମ୍ପାନୀ ନିଜର କ୍ୟାରିୟର ଡେଭଲପମେଣ୍ଟ ସେକ୍ଟରରେ ଅଧିକ ସଂଖ୍ୟକ ଶିକ୍ଷିତ ବେକାର ଯୁବଗୋଷ୍ଠୀଙ୍କୁ ସାମିଲ କରିବ। ଏଚ୍‌ସିସିବିର ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା କାରଖାନାରେ ସମ୍ପ୍ରତି ୫ଟି ଉତ୍ପାଦନ ଲାଇନ ରହିଛି ଯାହା ଜୁସ୍ ଏବଂ ସ୍ପାର୍କଲିଂ ବେଭରେଜ ପ୍ରସ୍ତୁତ କରୁଛି। କମ୍ପାନୀ ଏହି କାରଖାନାରେ ୫୦୦ କୋଟି ଟଙ୍କା ନିବେଶ କରିସାରିଛି। ଉକ୍ତ କାରଖାନାରେ ୫୫୦ ଜଣ ପ୍ରତ୍ୟକ୍ଷ ଏବଂ ୧୦୦୦ ଲୋକ ପରୋକ୍ଷ ନିଯୁକ୍ତି ପାଇଛନ୍ତି। ସମ୍ପ୍ରସାରଣ ଦ୍ୱାରା ଆଉ ୨୦୦ ନିଯୁକ୍ତି ସୃଷ୍ଟିହେବ। ଏହି ଅବସରରେ ଏଚ୍‌ସିସିବିର ଚେୟାରମ୍ୟାନ୍ ଓ ସିଇଓ ନିରଜ ଗର୍ଗ ରାଜ୍ୟରେ ଏଚ୍‌ସିସିବିକୁ ମିଳିଥିବା ବିପୁଳ ସମର୍ଥନ ଓ ଉତ୍ସାହକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବା କହିଛନ୍ତି।

ସୃଷ୍ଟି ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୮।୫



ରାଜ୍ୟରେ ପ୍ରଥମକରି ଏକ ଘରୋଇ ହସ୍ପିଟାଲରେ ପିଟ୍ୟୁଟାରି ସର୍ଜରି ସଫଳ ହୋଇଛି। ରୋଗୀର ମସ୍ତିଷ୍କରେ ବଢୁଥିବା ମାଂସ ପିଣ୍ଡୁଳାକୁ ଖପୁରିରୁ ଖୋଲି ସିଧାସଳଖ ଅସ୍ତ୍ରୋପଚାର କରା ନ ଯାଇ ନାକ ବାଟେ ଏଣ୍ଡୋସ୍କୋପିକ୍ ସର୍ଜରି ଦ୍ୱାରା ଉକ୍ତ ମାଂସକୁ କଢ଼ାଯାଉଛି। ପିଟ୍ୟୁଟାରି ସର୍ଜରି ଦ୍ୱାରା ସଫଳତାର ସହ ଟ୍ୟୁମରକୁ ବାହାର କରାଯାଇଛି। ପୂର୍ବରୁ ଏଭଳି ଅସ୍ତ୍ରୋପଚାର ଲାଗି ରୋଗୀଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ଏହା ଅତ୍ୟନ୍ତ ବ୍ୟୟବହୁଳ ଥିଲା। ଏବେ ଅଳ୍ପ ଖର୍ଚ୍ଚରେ କଟକରେ ଏହା ସମ୍ଭବ ହୋଇପାରିଛି। ଏହି ଅସ୍ତ୍ରୋପଚାର ଦ୍ୱାରା ୪ ଜଣ ରୋଗୀ ସୁସ୍ଥ ହୋଇସାରିଲେଣି। କାଠଗୋଲାସାହିସ୍ଥିତ ସୃଷ୍ଟି ହସ୍ପିଟାଲରେ ଏଭଳି ଚାରୋଟି ଅସ୍ତ୍ରୋପଚାର ସଫଳ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏ ନେଇ ନିକଟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଯାଜପୁରର ଜଣେ ମହିଳାଙ୍କ ଆଖିକୁ ଭଲ ଦେଖାଯାଉ ନ ଥିଲା। ସେ ବିଭିନ୍ନ ହସ୍ପିଟାଲାକୁ ଯାଇଥିଲେ ହେଁ ତାଙ୍କୁ ସୁଫଳ ମିଳି ନ ଥିଲା। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ତାଙ୍କ ମସ୍ତିଷ୍କରେ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ତେବେ ଏଠାରେ ପିଟ୍ୟୁଟାରି ସର୍ଜରି ମାଧ୍ୟମରେ ତାଙ୍କର ସଫଳ ଅସ୍ତ୍ରୋପଚାର କରାଯାଇପାରିଛି। ଅସ୍ତ୍ରୋପଚାରର ୩ ମାସ ପରେ ସେ ସୁସ୍ଥ ହୋଇଛନ୍ତି। ଇଏନ୍‌ଟି ବିଶେଷଜ୍ଞ ଡାକ୍ତର ଦୀପ୍ତିରଞ୍ଜନ ବଳିୟାରସିଂହ ଓ ନ୍ୟୁରୋ ସର୍ଜନ ଡାକ୍ତର ଆତ୍ମାରଞ୍ଜନ ଦାଶଙ୍କ ମିଳିତ ସହଯୋଗରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଅନ୍ୟ ଜଣେ ରୋଗୀଙ୍କର ଟ୍ୟୁମର ମସ୍ତିଷ୍କଠାରୁ ବଢ଼ି ନାକ ପର୍ଯ୍ୟନ୍ତ ୪ ସେଣ୍ଟିମିଟର ହୋଇଯାଇଥିଲା। ତାଙ୍କର ମଧ୍ୟ ଏହି ନୂତନ ପ୍ରଣାଳୀରେ ଅସ୍ତ୍ରୋପଚାର କରାଯାଇଛି।

ସ୍ୱଳ୍ପ ଖର୍ଚ୍ଚ ଏବଂ ମେଡିକାଲ ବୀମାରେ ଚିକିତ୍ସା ସମ୍ଭବ

ରୁଚି ସୋୟାର ନାମରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୮।୫

ଫାଷ୍ଟ ମୁଭିଂ କଞ୍ଜୁମର ଗୁଡ୍ସ (ଏଫ୍‌ସିଜି) ସେକ୍ଟରର ପ୍ରମୁଖ କମ୍ପାନୀ ରୁଚି ସୋୟାର ନାମ ପରିବର୍ତ୍ତନ କରାଯାଇ 'ପତଞ୍ଜଳି ଫୁଡ୍ସ ଲିମିଟେଡ୍' ରଖାଯାଇଛି। ଏହା ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍ (ପିଏଏଲ୍)ର ଫୁଡ୍ ରିଟେଲ ବ୍ୟବସାୟର ଅଧିଗ୍ରହଣ କରିବା ନେଇ କମ୍ପାନୀର ଷ୍ଟକ୍ ଫାଇଲିଂରେ ସୂଚନା ଦିଆଯାଇଛି। ଏହି ଏଗ୍ରିମେଣ୍ଟ ଅନୁସାରେ ରୁଚି ସୋୟା ପିଏଏଲ୍‌ର ଫୁଡ୍ ପ୍ରଡକ୍ଟର ଡିଆରି, ପ୍ୟାକେଜି, ଲେବଲିଂ ଏବଂ ରିଟେଲ ଟ୍ରେଡିଂ କାର୍ଯ୍ୟ କରିବ। ତେବେ ପତଞ୍ଜଳି ବ୍ରାଣ୍ଡ, ଟ୍ରେଡ୍ ମାର୍କ, କପିରାଇଟ୍, ବ୍ୟାଙ୍କ ବାଲାନ୍ସ ପିଏଏଲ୍ ସହିତ ଯୋଡ଼ିହୋଇ ରହିବ। ନାମରେ ପରିବର୍ତ୍ତନ ପାଇଁ ମିନିଷ୍ଟ୍ରି ଅଫ୍ କର୍ପୋରେଟ୍ ଆଫେୟାର୍ସ ଏବଂ ଅନ୍ୟ ରେଗୁଲେଟୋରି ଅଧିକାରୀଙ୍କଠାରୁ ଅନୁମୋଦନ ଆଣିବାକୁ ପଡ଼ିବ।

ଏଆଇପିଏନ୍‌ବିଓଏ ପକ୍ଷରୁ ବୈଠକ ଆୟୋଜିତ

ଭୁବନେଶ୍ୱର, ୧୮।୫

ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏସନ (ଏଆଇପିଏନ୍‌ବିଓଏ) ,ଓଡ଼ିଶା ଚ୍ୟାପ୍ଟର, ଭୁବନେଶ୍ୱର ପକ୍ଷରୁ ନୂତନ ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡି ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍କଲ ସଭାପତି ଅରବିନ୍ଦ ଶତପଥୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ରୀୟ କମିଟିର ସହାୟକ ସାଧାରଣ ସମ୍ପାଦକ ତଥା ସର୍କଲ ସଚିବ ବୈଲୋଚନ ସାହୁ ଭୁବନେଶ୍ୱର ଜୋନ୍‌ରେ ଆସୋସିଏସନ କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଜୋନ୍ ଛାଡ଼ି ଯାଇଥିବା ଏବଂ ଅବସର ଗ୍ରହଣ କରିଥିବା ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ଆସୋସିଏସନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସୋସିଏସନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ପର୍ଯ୍ୟବସିତ ଏକ ବୁକ୍‌ଲେଟ୍‌କୁ ଭୁବନେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ରେଡ୍ଡି ଉନ୍ମୋଚନ କରିଥିଲେ। ଅଞ୍ଚଳ ପ୍ରଶାସନିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ମୁକ୍ତିକାନ୍ତ ରାୟଙ୍କ ସମେତ ଜୋନାଲ ଅଡିଟ୍ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ଲକ୍ଷ୍ମୀକାନ୍ତ ମିଶ୍ର, ଭୁବନେଶ୍ୱର ସର୍କଲ ମୁଖ୍ୟ ଚିତ୍ତରଞ୍ଜନ ପୃଷ୍ଟି, କଟକ ସର୍କଲ ମୁଖ୍ୟ ଜିତେନ୍ଦ୍ର ସ୍ୱାଇଁ, ଭୁବନେଶ୍ୱର ଉପ ଆଞ୍ଚଳିକ ପ୍ରବନ୍ଧକ ଜନ୍ମେଜୟ ଦୀକ୍ଷିତ, ଭୁବନେଶ୍ୱର ସର୍କଲର ଉପସର୍କଲ ମୁଖ୍ୟ ବିଜୟ ମିଶ୍ର ଏବଂ ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଫୁରସତ୍

ସୋସିଆଲ ମିଡିଆରୁ ବିରତି: ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି

ନୂଆଦିଲ୍ଲୀ: ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ଲୋକଙ୍କ ମଧ୍ୟରେ ଦୂରତା କମିଛି, ଯାହା ସୋସିଆଲ ମିଡିଆ ଜରିଆରେ ସହଜ ହୋଇଛି। ମୋବାଇଲ୍ ଦେଖୁ ଦେଖୁ କେତେବେଳେ ଏକାଧିକ ଘଣ୍ଟା ବିତିଯାଉଛି ତାହା ଜଣାପଡୁନାହିଁ। ଯଦିଓ ଏଥିରୁ ଆମେ ନୂଆ କଥା ଜାଣିବାକୁ ପାଉଛୁ କିନ୍ତୁ ଏହାର ବହୁଳ ବ୍ୟବହାର ମନୁଷ୍ୟ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଉଥିବା ଦେଖାଯାଉଛି। ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି, ବହୁଳଭାବେ ବ୍ୟବହାର ହେଉଥିବା ସୋସିଆଲ ମିଡିଆରୁ ବିରତିର ଆବଶ୍ୟକତା ରହିଛି। ଏହାଦ୍ୱାରା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ବୋଲି କୁହାଯାଇଛି। ଅନ୍ୟୂନ ଗୋଟିଏ ସପ୍ତାହ ଯଦି ସୋସିଆଲ ମିଡିଆରୁ ବ୍ରେକ୍ ନିଆଯାଏ ତେବେ ଏହା ମାନସିକ ଚାପ, ବିରକ୍ତିଭାବ ଏବଂ ମେଣ୍ଟାଲ୍ ହେଲ୍‌ଥ ସୁଧାରିବାରେ ସାହାଯ୍ୟ କରିବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଅଧ୍ୟୟନରେ ସାମିଲ ୟୁଜରଙ୍କୁ ଗୋଟିଏ ସପ୍ତାହ ସୋସିଆଲ ମିଡିଆର ବ୍ୟବହାରରୁ ନିବୃତ ରହିବା ପାଇଁ କୁହାଯାଇଥିଲା। ପ୍ରତ୍ୟେକ ଦିନ ଏମାନଙ୍କର ମାନସିକ ସ୍ଥିତିର ନିରୀକ୍ଷା କରାଯାଉଥିବା ବେଳେ ସପ୍ତମ ଦିନ ଏହା ସକାରାତ୍ମକ ଫଳାଫଳ ଦେଇଥିଲା। ପ୍ରତ୍ୟେକ ଦିନ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମ ବ୍ୟବହାର କରୁଥିବା ୟୁଜରଙ୍କ ମାନସିକ ସ୍ଥିତି ତୁଳନାରେ ସର୍ଭେରେ ସାମିଲ ହୋଇଥିବା ୟୁଜରଙ୍କ ମାନସିକ ସ୍ଥିତି ଉତ୍ତମ ରହିଥିଲା। ପ୍ରତ୍ୟେକ ୬ ଜଣରୁ ଜଣେ ଏବେ ମାସିକ ଚାପଗ୍ରସ୍ତ। ୧୮ରୁ ୭୨ ବର୍ଷର ବୟସ ବର୍ଗଙ୍କଠାରେ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ୧୫୨ ଜଣ ସୋସିଆଲ ମିଡିଆ ୟୁଜରଙ୍କୁ ସାମିଲ କରାଯାଇଥିଲା। ଏବେକା ସମୟରେ ସୋସିଆଲ ମିଡିଆ ପ୍ରତ୍ୟେକ ବ୍ୟକ୍ତିଙ୍କ ଏକ ଅଂଶ ପାଲଟିଯାଇଛି। ଶଯ୍ୟା ତ୍ୟାଗଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ମୋବାଇଲ ସ୍କ୍ରିନ୍ ସ୍କ୍ରୋଲ୍ କରିଥାନ୍ତି । ଏହା ନୂଆ ଲୋକ ଏବଂ ସମ୍ପର୍କୀୟଙ୍କ ସହ ଯୋଡ଼ି ହେବା ପାଇଁ ଏକ ମାଧ୍ୟମ ପାଲଟିଥିଲେ ହେଁ ଏହା ଆମ ମେଣ୍ଟାଲ୍ ହେଲ୍‌ଥ ଉପରେ ନକାରାତ୍ମକ ପ୍ରଭାବ ପକାଉଥିବାର ଦେଖିବାକୁ ମିଳିଛି। ୧୫ ବର୍ଷ ପୂର୍ବେ ଲୋକଙ୍କ ସହ ଯୋଗାଯୋଗ ସ୍ଥାପନ ପାଇଁ ସୋସିଆଲ ମିଡିଆର ଅଭ୍ୟୁଦୟ ହୋଇଥିଲା। ବର୍ତ୍ତମାନ ଏହା ଏକ ଯୋଗାଯୋଗର ମୁଖ୍ୟ ଉତ୍ସ ପାଲଟିଯାଇଛି। ବିଶ୍ୱରେ ୧୬ରୁ ୪୪ ବର୍ଷ ବୟସର ୯୭ ପ୍ରତିଶତ ଲୋକ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି।

କମେଡି ପାଇଁ ହଟହଟା

ମୁମ୍ବାଇ: କମେଡିଆନ୍ ଭାରତୀ ସିଂଙ୍କୁ ଶିଖ୍ ସମ୍ପ୍ରଦାୟଙ୍କ ଉପରେ କମେଣ୍ଟ କରିବା ଭାରି ପଡ଼ିଛି। ନିକଟରେ ଭ

ସଂକ୍ଷେପରେ

ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୧୮।୫(ଡି.ଏନ୍.ଏ.): ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଗୋଡିସାହି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ମହିଳାଙ୍କା ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଶୁଭଦର୍ଶିନୀ ବେହେରା(୨୬)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁଭଦର୍ଶିନୀଙ୍କ ସ୍ୱାମୀ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଛନ୍ତି। ତେବେ ମଙ୍ଗଳବାର କୌଣସି କାର୍ଯ୍ୟରେ ଶୁଭଦର୍ଶିନୀଙ୍କ ପରିବାର ଲୋକେ ବାହାରକୁ ଯାଇଥିଲେ। ରାତିରେ ସେମାନେ ଫେରିବାବେଳେ ବୋହୂଙ୍କୁ ଡାକିବାରେ ସେ ଶୁଣି ନ ଥିଲେ। ସନ୍ଦେହରେ ଝରକା ବାଟେ ଦେଖିବାବେଳେ ସେ ବେକରେ ଲୁଗା ଲଗାଇ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ଏ ନେଇ ପରିବାର ଲୋକ ଶୁଭଦର୍ଶିନୀଙ୍କ ସ୍ୱାମୀ ଓ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ପରେ ତାଙ୍କ ସ୍ୱାମୀ ଆସି ପହଞ୍ଚିବା ସହ ବାପଘର ଲୋକଙ୍କ ସହାୟତାରେ ଗୋଡିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

'ନ୍ୟାୟିକ ବ୍ୟବସ୍ଥାରେ ନଦୀ ସମସ୍ୟା ସମାଧାନ ହେଉନି'

ଫୁଲନଖରା, ୧୮।୫(ଡି.ଏନ୍.ଏ.)

ମହାନଦୀ ବଞ୍ଚାଅ ଆନ୍ଦୋଳନ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନସ୍ଥିତ ଆମ୍ରପାଲି ରିସର୍ଟରେ ଓଡ଼ିଶା ନଦୀ ବଞ୍ଚାଅ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ପେନିନ୍‌ସୁଲାର ରିଭର ବେସିନ କାଉନ୍‌ସିଲ୍ ସହଯୋଗରେ ଅନୁଷ୍ଠିତ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଜଳପୁରୁଷ ଡ. ରାଜେନ୍ଦ୍ର ସିଂ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଆଜିପର୍ଯ୍ୟନ୍ତ ଦେଶର କୌଣସି ନଦୀ ସମସ୍ୟାର ସମାଧାନ ନ୍ୟାୟିକ ବ୍ୟବସ୍ଥା ଭିତରେ ହୋଇପାରିନି। ଆଲୋଚନା ମାଧ୍ୟମରେ ମହାନଦୀ ସମସ୍ୟା ସମାଧାନ ପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ଆପୋସ ଆଲୋଚନା କରନ୍ତୁ। ନଦୀ ସୁରକ୍ଷା ପାଇଁ ସ୍ୱାକ୍ଷରତା ଅଭିଯାନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ସେ କହିଥିଲେ। ପ୍ରଦୂଷଣ, ଶୋଷଣରୁ ଓଡ଼ିଶାର ନଦୀଗୁଡିକୁ

ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଶା ନଦୀ ବଞ୍ଚାଅ ସମ୍ମିଳନୀ

■ ସଚେତନତା ଉପରେ ଗୁରୁତ୍ୱ

ସୁରକ୍ଷା ଦେବା ଲାଗି ସମସ୍ତ ସାମାଜିକ କର୍ମୀ ମିଳିତ ପ୍ରୟାସ କରିବା ଦରକାର। ନଦୀ ସୁରକ୍ଷା ଏକ ରାଜନୈତିକ ପ୍ରସଙ୍ଗ ହେବାର ଆବଶ୍ୟକତା ରହିଛି ବୋଲି ସିଂ କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ. ରମେଶ ଚନ୍ଦ୍ର ତ୍ରିପାଠୀ, ଓଡ଼ିଶା ନଦୀ ସୁରକ୍ଷା ସମିତି ଆବାହକ ଅଶ୍ୱିନୀ କୁମାର ମହାପାତ୍ର ଉପସ୍ଥିତ ରହି ନଦୀ ସୁରକ୍ଷା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

ଉଦ୍‌ଘାଟନୀ ଉତ୍ସବ ପରେ ଅନୁଷ୍ଠିତ ୪ଟି ଅଧିବେଶନରେ ଇଣ୍ଡିଆନ୍ ପେନିନ୍‌ସୁଲାର ରିଭର ବେସିନ କାଉନସିଲ୍‌ର ଆବାହକ ବିନୋଦ ବୁଧଙ୍କର, ମହାରାଷ୍ଟ୍ରର ନରେନ୍ଦ୍ର ଟୁଗ, ତେଲେଙ୍ଗାନା ରିମୋଟ୍ ସେନ୍‌ସିଂ ସେଣ୍ଟରର ମ୍ୟାନେଜିଂ ଡାଇରେକ୍ଟର ଡି.ଏସ୍. ରେଡ୍ଡୀ, କ୍ରୀଷ୍ଣା ନଦୀ ଆନ୍ଦୋଳନର ଅଧ୍ୟକ୍ଷ ଶ୍ୟାମପ୍ରସାଦ ରେଡ୍ଡୀଙ୍କ ସମେତ ଓଡ଼ିଶାର ବିଭିନ୍ନ ନଦୀ ଆନ୍ଦୋଳନର କର୍ମୀମାନେ ଯୋଗଦେଇ ନଦୀ ସୁରକ୍ଷା ନେଇ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ନଦୀର ସୁରକ୍ଷା ପାଇଁ ସଂଗ୍ରାମରତ ସାମାଜିକ କର୍ମୀ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଏଥିରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଯୁଗ୍ମ ଆବାହକ ବାସୁଦେବ

କଟକରୁ କଲମା ମହାନଦୀ ଯାତ୍ରା

ରାଜେନ୍ଦ୍ର ସିଂଙ୍କ ନେତୃତ୍ୱରେ ଛତିଶଗଡ଼ କଲମା ପର୍ଯ୍ୟନ୍ତ ମହାନଦୀ ଯାତ୍ରା ଆରମ୍ଭ ହୋଇଛି। ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ଅନୁଷ୍ଠିତ ଏହି ଯାତ୍ରା ମାଧ୍ୟମରେ ନଦୀର ସ୍ଥିତି ଅନୁଧ୍ୟାନ କରାଯିବା ସହ ଲୋକଙ୍କ ମତାମତ ସଂଗ୍ରହ କରି ମହାନଦୀ ବଞ୍ଚାଅ ଆନ୍ଦୋଳନକୁ ଓଡ଼ିଶାର ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଇଁ ପ୍ରୟାସ କରାଯିବ। କଲମା ବ୍ୟାରେଜ ଏବଂ ଓଡ଼ିଶାକୁ ମହାନଦୀ ପ୍ରବେଶ କରିଥିବା ସ୍ଥାନ ସୁଖାସୋଡ଼ା ପରିଦର୍ଶନ ପରେ ଝାରସୁଗୁଡା, ସୋନପୁରଠାରେ ମହାନଦୀ ଅବବାହିକାର ବାସିନ୍ଦାଙ୍କ ସହ ଆଲୋଚନା ସଭା ଅନୁଷ୍ଠିତ ହେବ। ରାଜେନ୍ଦ୍ର ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଭଟ୍ଟ, ସଂଯୋଜକ ବିଜୟ ପ୍ରଧାନ, ପ୍ରବକ୍ତା ପ୍ରସନ୍ନ ବିଶୋଇ, ନୀରଦ ଖୁଣ୍ଟିଆ, ଅଶୋକ ଠାକ୍କର, ହାଁସନାଥ ସାହୁ, ଅକ୍ଷୟ ଜେନା, ପରେଶ ଜାଲି ପ୍ରମୁଖ ଯୋଗଦେଇଥିଲେ।

ୱାଟ୍‌କୋକୁ ବିଶିଷ୍ଟ ଗ୍ଲୋବାଲ୍ ୱାଟର ଲିଡର ମାନ୍ୟତା

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ସ୍ପେନ୍‌ରେ ଅନୁଷ୍ଠିତ ଗ୍ଲୋବାଲ୍ ୱାଟର ସମ୍ମିଳନୀରେ ୱାଟର କର୍ପୋରେଶନ୍ ଅଫ୍ ଓଡ଼ିଶା (ୱାଟ୍‌କୋ)କୁ ସମ୍ମାନଜନକ ବିଶିଷ୍ଟ ଗ୍ଲୋବାଲ୍ ୱାଟର ଲିଡର-୨୦୨୨ ପୁରସ୍କାର ପ୍ରଦାନ କରାଯାଇଛି। ଗ୍ଲୋବାଲ୍ ୱାଟର ଇଣ୍ଟେଲିଜେନ୍ସ (ଜିଡବ୍ଲ୍ୟୁଆଇ) ଦ୍ୱାରା ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ୨୦୨୧ ପାଇଁ ସର୍ବଶ୍ରେଷ୍ଠ ସଫଳତାର ସ୍ୱୀକୃତି ଭାବେ ଏହି ପୁରସ୍କାର ଘୋଷଣା କରାଯାଇଛି। ରାଜ୍ୟରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମାନର ପାନୀୟ ଜଳ ଯୋଗାଣ ଏବଂ ୱାଟ୍‌କୋ ଅଧୀନରେ ଥିବା ସହରାଞ୍ଚଳରେ ୧୦୦ ପ୍ରତିଶତ ଘରେ ପାଣି ପାଇପ୍ ସଂଯୋଗ ପାଇଁ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଓ ୱାଟ୍‌କୋର ଅଧ୍ୟକ୍ଷ ଜି. ମାଥିଭାଥାନନ୍ ମାଦ୍ରିଦଠାରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏ ନେଇ ୱାଟ୍‌କୋ ମୁଖ୍ୟ ନିର୍ବାହୀ ଅଧିକାରୀ ଇଞ୍ଜିନିୟର ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି, ପୂର୍ବରୁ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ୍ ଏବଂ ସହରାଞ୍ଚଳ ବାସିନ୍ଦାଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ୱାଟ୍‌କୋର ଉତ୍କର୍ଷତାକୁ ପ୍ରଶଂସା କରାଯାଇଥିଲା। ବର୍ତ୍ତମାନ ପୁଣିଥରେ ୱାଟ୍‌କୋ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ହୋଇଛି। ଫଳରେ ସାରା ଦେଶରେ ଏହା ଏକ ଅନୁକରଣଯୋଗ୍ୟ ମଡେଲ ଭାବେ ଉଭା ହୋଇଛି। ଏହି ବର୍ଷ ପୁରସ୍କାର ପାଇଁ ୱାଟ୍‌କୋ ସହିତ ଚାଇନାର ବେଜିଂ ଡ୍ରେନେଜ୍ ଗ୍ରୁପ୍, ପେରୁର ସେଡାପର, ଜାମ୍ବିଆର ଲୁସାକା ଜଳଯୋଗାଣ ଏବଂ ପରିମଳ ସଂସ୍ଥା ପ୍ରମୁଖ ମନୋନୀତ ହୋଇଥିଲେ।

ବିଜେଡି ବ୍ଲକ ସଭାପତିଙ୍କ ନାମରେ ହତ୍ୟା ମାମଲା

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଦୀର୍ଘ ୧୮ବର୍ଷ ତଳେ ନୟାଗଡ଼ର ତପସ୍ୱିନୀ ପଟ୍ଟନାୟକ ମୃତ୍ୟୁ ଘଟଣା ନୂଆ ମୋଡ଼ ନେଇଛି। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ୟାପିଟାଲ ଥାନା ପୋଲିସ ନୟାଗଡ଼ ଜିଲା ଭାପୁର ବ୍ଲକର ବିଜେଡି ସଭାପତି ଗୟାଧରଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୨୭୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଫଳରେ ଗୟାଧରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ତପସ୍ୱିନୀ ଓ ଗୟାଧରଙ୍କ ଘର ଫତେଗଡ଼ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ସୁକପୋଖରୀ ସାହିରେ। ତପସ୍ୱିନୀଙ୍କୁ ଗୟାଧର ଅପହରଣ ଓ ବଳାତ୍କାର ପରେ ହତ୍ୟା କରିଥିବା ସମ୍ପର୍କରେ ସୂଚନା ପାଇ ବାପୁଜୀ ନଗରର ରବି ନାୟକ କ୍ୟାପିଟାଲ ଥାନାରେ ଗତ ଏପ୍ରିଲ ୬ରେ ଗୟାଧରଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏହାକୁ ଗ୍ରହଣ ନ କରିବାରୁ ସେ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗ ଅନୁଯାୟୀ, ରବି ଗତ ଏପ୍ରିଲ ୫ତାରିଖରେ ଏୟାରପୋର୍ଟ ଛକ ନିକଟରେ ଛିଡ଼ା ହୋଇ ତାଙ୍କ ବନ୍ଧୁଙ୍କୁ ଅପେକ୍ଷା କରିଥିଲେ। ସେହି ସମୟରେ ୩ ଜଣ ବ୍ୟକ୍ତି ତାଙ୍କ ପାଖରେ ପହଞ୍ଚି ଏୟାରପୋର୍ଟ ପାଖ ଜଙ୍ଗଲ ଓ ବିଭିନ୍ନ ସ୍ଥାନ

୧୮ ବର୍ଷ ତଳ ତପସ୍ୱିନୀ ମୃତ୍ୟୁ ମାମଲାର ନୂଆ ମୋଡ଼

ବିଷୟରେ ପଚାରିଥିଲେ। କାହିଁକି ଏପରି ପଚାରୁଛ ବୋଲି ପଚାରିବାରୁ ସେମାନଙ୍କ ଜୀବନ ପ୍ରତି ଭୟ ଥିବା ଦର୍ଶାଇ ଅନେକ କଥା କହିଥିଲେ। ସେମାନେ ରବିଙ୍କୁ କହିଥିଲେ, ତପସ୍ୱିନୀଙ୍କୁ ଗୟାଧର ବିବାହର ପ୍ରତିଶ୍ରୁତି ଦେଇ ପ୍ରେମଜାଲରେ ଫସାଇବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ଏକାଧିକ ଥର ବଳପୂର୍ବକ ବେଆଇନ ଗର୍ଭପାତ ମଧ୍ୟ କରିଥିଲେ। ହେଲେ ବିବାହ ନ କରିବାରୁ ତପସ୍ୱିନୀ ପ୍ରତିବାଦ କରି ଗୟାଧରଙ୍କ ସହ ସମ୍ପର୍କ କାଟି ଦେଇଥିଲେ। ତପସ୍ୱିନୀ ଜଣେ ଉଚ୍ଚଶିକ୍ଷିତ ଝିଅ ହୋଇଥିବାରୁ ସେ ଘଟଣା ବିଷୟରେ ପ୍ରକାଶ କରିଦେବାର ଗୟାଧରଙ୍କ ସନ୍ଦେହ ହୋଇଥିଲା। ତେଣୁ ଗୟାଧର ତାଙ୍କ ସହଯୋଗୀଙ୍କ ସହ ମିଶି ଗାଁ ପାଖରୁ ତପସ୍ୱିନୀଙ୍କୁ ଅପହରଣ କରିଥିଲେ। ତପସ୍ୱିନୀଙ୍କୁ ବଞ୍ଚାଇବା ପାଇଁ ଉପରୋକ୍ତ ୩ଜଣଙ୍କ ମଧ୍ୟରୁ ଜଣେ ଚେଷ୍ଟା କରି ବିଫଳ ହୋଇଥିଲେ। ଗୟାଧର ଓ ସହଯୋଗୀମାନେ ଉକ୍ତ ବ୍ୟକ୍ତିଙ୍କୁ ହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ। ପରେ ଉକ୍ତ ବ୍ୟକ୍ତିଜଣକ ତପସ୍ୱିନୀଙ୍କ ମା' ରାଜଲକ୍ଷ୍ମୀ ଓ ବାପା ଅଜୟଙ୍କୁ ଘଟଣା ବିଷୟରେ ଜଣେଇଥିଲେ। ତାର ୩ ଦିନ ପରେ ତପସ୍ୱିନୀ ମୃତ ବୋଲି ସେ ଜାଣିବାକୁ ପାଇଥିଲେ। ୨୦୦୩ ଜାନୁୟାରୀ ୧ରେ ମୃତ୍ୟୁ ହୋଇଥିବା ତପସ୍ୱିନୀଙ୍କ ସମାଧିରେ ଉଲ୍ଲେଖ ରହିଛି। ସେହିପରି ଉପରୋକ୍ତ ଅନ୍ୟଜଣେ ବ୍ୟକ୍ତିଙ୍କ କହିବା ହେଲା ସେ ଗୟାଧରଙ୍କ ଜଣେ ଭଲ ବନ୍ଧୁ ଥିଲେ। ଗତ ହୋଲି ପରଦିନ ସାମାନ୍ୟ ବଚସାକୁ କେନ୍ଦ୍ରକରି ଗୟାଧର ତାଙ୍କୁ ଜୀବନରେ ମାରି ଦେବାକୁ ଧମକ୍ ଦେଇଥିଲେ। ଏପରି କି ତପସ୍ୱିନୀଙ୍କୁ ଯେପରି ଏୟାରପୋର୍ଟ ପାଚେରି ପାଖ ଜଙ୍ଗଲରେ ହତ୍ୟା କରିଥିଲି, ସେପରି ତାଙ୍କୁ ହତ୍ୟା କରିବେ ବୋଲି ଧମକ୍ ଦେଇଥିଲେ। ଏହିସବୁ ଘଟଣା ଶୁଣିବା ପରେ ରବି କ୍ୟାପିଟାଲ ଥାନାରେ ଜଣାଇଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା। ଏନେଇ କ୍ୟାପିଟାଲ ଥାନାଧିକାରୀ ଗିରିଜାଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଶୁଣାଖବରକୁ ଆଧାର କରି ଏହି ଅଭିଯୋଗ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୟାଧରଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ବିଷୟରେ ସେ କିଛି ଜାଣି ନ ଥିବା ଗୟାଧର ପରିଡ଼ା କହିଛନ୍ତି। ଅପରପକ୍ଷରେ ଏହି ମାମଲା ରୁଜୁ ପରେ ଅଭିଯୋଗକାରୀ ରବିଙ୍କୁ ବିଭିନ୍ନ ନମ୍ବରରୁ ଧମକପୂର୍ଣ୍ଣ କଲ ଆସୁଥିବା ସେ କହିଛନ୍ତି।

ପରାଜିତ ଘୋଷିତ ୱାର୍ଡସଭ୍ୟ ପ୍ରାର୍ଥୀ ବିଜୟୀ ହେଲେ

ସାଲେପୁର, ୧୮।୫(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପରାଜିତ ହୋଇଥିବା ପ୍ରାର୍ଥୀ କୋର୍ଟର ଆଶ୍ରୟ ନେବା ପରେ ବିଜୟୀ ହୋଇଛନ୍ତି। ଏଭଳି ଘଟଣା ଘଟିଛି ସାଲେପୁର ବ୍ଲକ ଅନ୍ତର୍ଗତ ଶିଣ୍ଡୁଆ ପଞ୍ଚାୟତର ୭ ନଂ. ୱାର୍ଡରେ। ଏଠାରେ ୱାର୍ଡସଭ୍ୟ ପ୍ରାର୍ଥୀ ଭାବେ ଜଗନ୍ନାଥ ବେହେରା ଓ ଜୟଦେବ ରାଉତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଭୋଟ ଗଣତି ସମୟରେ ଜୟଦେବ ୧୯୧ ଖଣ୍ଡ ଭୋଟ ପାଇଥିବାବେଳେ ଜଗନ୍ନାଥ ବେହେରା ୮୨ଟି ଭୋଟ ପାଇ ପରାଜିତ ହୋଇଥିଲେ। ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର କରାଯାଇଥିଲା। କିନ୍ତୁ ପ୍ରଶାସନିକସ୍ତରରେ ପଞ୍ଚାୟତକୁ ଦିଆଯାଇଥିବା ଲିଖିତ ତାଲିକାରେ ଜଗନ୍ନାଥ ବିଜୟୀ ହୋଇଥିବା ଦର୍ଶାଯାଇଥିଲା। ଏହାକୁ ବିରୋଧ କରି ଜୟଦେବ ସାଲେପୁର ସିଭିଲ୍ ଜଜ୍ ଜୁନିୟର ଡିଭିଜନ୍ କୋର୍ଟର ଆଶ୍ରୟ ନେଇଥିଲେ। ଏନେଇ ନିର୍ବାଚନ ମାମଲା (ନଂ. ୨/୨୨) ରୁଜୁ ହୋଇଥିଲା। ବୁଧବାର ଉଭୟ ପକ୍ଷର ଓକିଲ ଓ ସରକାରୀ ଓକିଲଙ୍କ ଉପସ୍ଥିତିରେ କୋର୍ଟରେ ପୁନର୍ବାର ଭୋଟ ଗଣତି ହୋଇଥିଲା। ଏଥିରେ ନିର୍ବାଚନ ପରେ ହୋଇଥିବା ଗଣତିକୁ ଠିକ୍ ବୋଲି ଦର୍ଶାଯିବା ସହ ଜୟଦେବଙ୍କୁ ବିଜୟୀ ଘୋଷଣା କରାଯାଇଛି। କୋର୍ଟ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଭାବେ ଏ ସମ୍ପର୍କରେ ଘୋଷଣା କରାଯିବ ବୋଲି ତାଙ୍କ ଓକିଲ ପ୍ରକାଶ କରିଛନ୍ତି।

ଶୈଳବାଳା କଲେଜ ଜମି ଅଧିଗ୍ରହଣ ନିଷ୍ପତ୍ତି ପ୍ରତ୍ୟାହାର ଦାବି

କଟକ ଅଫିସ,୧୮।୫: ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଜମିକୁ ରାଜ୍ୟ ସଂସ୍କୃତି ବିଭାଗ ଅଧିଗ୍ରହଣ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ମହାବିଦ୍ୟାଳୟ ରାଜ୍ୟର ଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ସରକାର ଏହି କଲେଜକୁ ବିକାଶ ଦିଗରେ ନେବା ପରିବର୍ତ୍ତେ ସଂସ୍କୃତି ବିଭାଗ ଏହାର ଜମି ଓ ଭିତ୍ତିଭୂମିକୁ ଅଧିଗ୍ରହଣ କରିବାକୁ ଯୋଜନା କରିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ମହାବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହେବ। ଏଣୁ ଛାତ୍ରୀଙ୍କ ସ୍ୱାର୍ଥ ତଥା ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସଂସ୍କୃତି ବିଭାଗ ଏଭଳି ନିଷ୍ପତ୍ତିରୁ ନ ଓହରିଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

SAMBALPUR MUNICIPAL CORPORATION
Notice No.4618/SMC, Date:17.05.2022
QUOTATION CALL NOTICE

No.C-302: Sealed quotations are invited from intending reputed Agency /Firm/ Stockiest/Suppliers for supply of "Sanitation material" for use of Sanitation purpose within Sambalpur Municipal Corporation area. All quotations should be reached on or before dt.27.05.2022 by 11.00 A.M. The detailed tender document is available in SMC website i.e., www.smcsambalpur.nic.in.
Authority reserves the right to accept or reject any or all tenders without assigning any reason thereof.

Sd./- Municipal Commissioner
Sambalpur Municipal Corporation
OIPR-13122/11/0012/2223

PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
OFFICE OF THE SUPERINTENDING ENGINEER, RWS&S DIVISION, Nabarangpur
Tel-(06858)222643, E-Mail: eerwss ngp@rediffmail.com /eerwssngp@gmail.com
INVITATION FOR BIDS
No: RWSS_NGP_ONLINE_03/ 2022-23 DATED: - 12/05/2022

No.O-228: The Superintending Engineer, RWS&S Division, Nabarangpur on behalf of Additional Chief Engineer, RWSS Circle, Koraput invites percentage rate bid through e-procurement in double cover system according to norm of e- procurement system in on-line mode.
1. Name of Works : As mentioned in Table "A" which includes Construction of different capacity ESR/OGR,laying of pipeline , FHTC and its ancillary work in commissioned Pipe water supply scheme of different Block in the Nabarangpur District (Clubbed up projects). 2.No. of Works : **11 (ELEVEN) Nos.** (Detailed in Tender Call Notice available in the website). 3.Estimated Cost :As mentioned in Table "A".4.Tender Paper Cost: As mentioned in Table "A". 5.Class of Contractor : As mentioned in Table "A". 6.Period of Completion: 365 Days. 7.Critical Dates : * Further details can be seen in the bidding documents, which is available in the e-procurement Portal https://www.tendersodisha.gov.in. * Subsequent corrigendum if required shall be appeared in the website. * Authority reserves the right to reject any or all tenders without assigning any reason thereof.

Procurement Officer	Bid Identification No.	Availability of Tender online for bidding		Last date of seeking tender clarification	Last date of receipt of confirmation letter & other documents	Date of Opening of Bid
		From	To			
Superintending Engineer, RWSS Division, Nabarangpur	RWSS_NGP_ ONLINE_03 of 2022-23	31.05.2022 at 11.00 A.M.	08.06.2022 at 05.00 P.M.	07.06.2022 upto 5.30 P.M.	08.06.2022 upto 05.30 P.M.	09.06.2022 at 11.00 A.M.

Superintending Engineer, RWS&S Division, Nabarangpur
OIPR-25028/11/0004/2223

ODISHA ADARSHA VIDYALAYA SANGATHAN
N-1/9, NAYAPALLI, PO.- SAINIK SCHOOL, BHUBANESWAR-751005
NOTICE TO THE SHORTLISTED CANDIDATES FOR INTERVIEW - ADVT. 1/2021
No. 2469 DATE: 18.05.2022

No.n-12: Interview of the shortlisted candidates for the post of **Principal, TGT Math., TGT Social Studies, TGT English, TGT Odia, TGT Science, PGT English, PGT Chemistry, PGT Biology, PGT Physics, PGT Math., PGT Comp. Sc. , PGT Commerce, PGT Economics, Initial appointee PET ,Initial appointee Computer Teacher & Initial appointee Librarian** who are found provisionally eligible on the basis of their performance in the Computer Based Test(CBT) held from 01.04.2022 to 04.04.2022 will be conducted from **28.05.2022 to 07.06.2022 (except 30.05.2022)** along with verification of their original documents.
Accordingly SMS & E-Mail intimation will be sent to them in their registered E-Mail IDs. Call letters issued to all the shortlisted candidates for the purpose of interview is purely provisional subject to verification of original documents and fulfilling the eligibility conditions as stipulated in the advertisement and subsequent notices. In case any candidate does not receive the E-Mail intimation or is unable to download the interview call letter, he/she may report at the interview venue on the date & time as per the interview schedule with original documents for verification.
VENUE FOR INTERVIEW
Prasar Bharati, National Academy of Broadcasting & Multimedia, Chandrashekharpur, OMFED Square, Bhubaneswar - 751017.
For

ଜିଲା ପରିଷଦରେ ବିଲୟ ହେବ ଡିଆର୍‌ଡିଏ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟରେ ଆଉ ଡିଆରଡିଏ (ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା) ରହିବ ନାହିଁ। ଏହା ଜିଲା ପରିଷଦରେ ବିଲୟ ହେବ। ରାଜ୍ୟ କ୍ୟାବିନେଟରେ ଆଜି ଏହି ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର କହିଛନ୍ତି ଯେ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସଶକ୍ତ ଓ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ସମ୍ବିଧାନର ୭୩ତମ ସଂଶୋଧନର ନିର୍ଦ୍ଦେଶ ଆଧାରରେ, ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ରାଜ୍ୟ ସରକାର ଜିଲାସ୍ତରରେ ଥିବା ଡିଆର୍‌ଡିଏ ସଂସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଡିଆର୍‌ଡିଏରେ କାର୍ଯ୍ୟରତ କର୍ମଚାରୀମାନେ ଏଣିକି ଜିଲା ପରିଷଦର କର୍ମଚାରୀ ଭାବେ କାର୍ଯ୍ୟ କରିବେ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

୧୩ ମଠ ଲାଗ ବନା ଦେୟରେ ସରକାରୀ ଜମି

ଜଗନ୍ନାଥ ମନ୍ଦିରର ସୁରକ୍ଷା ବଳୟର ଉନ୍ନତି ପାଇଁ ରାଜ୍ୟ ସରକାର ମେଘନାଦ ପାଚେରୀର ଚତୁଃପାର୍ଶ୍ୱର ୭୫ ମିଟର ଦୂରତା ମଧ୍ୟରେ ଥିବା ବେସରକାରୀ ଜମି, ବାସଗୃହ, ଦୋକାନ, ମଠ, ଲଜ ଆଦିକୁ ଅଧିଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ପୁନର୍ବାସ ଓ ଥଇଥାନ ପ୍ୟାକେଜ ଅନୁଯାୟୀ ବିସ୍ଥାପିତ ହେଉଥିବା ମଠଗୁଡ଼ିକର ଥଇଥାନ ଲାଗି ଉଦ୍ଧିଷ୍ଟ ୧.୩୨୦ ଡିସିମିଲ ସରକାରୀ

ଛାଡ଼ ହେଲା ଷ୍ଟାମ୍ପ ଦେୟ, ରେଜିଷ୍ଟ୍ରେଶନ ଫି

ଜମି ବିନାଦେୟରେ ପ୍ରଦାନ କରିବା ଲାଗି ନିଷ୍ପତ୍ତି ହୋଇଛି। ଏଥିସହ ଉକ୍ତ ସରକାରୀ ଜମିକୁ ବିସ୍ଥାପିତ ହୋଇଥିବା ୧୩ ମଠ ଗୁଡିକ ନାମରେ ପଞ୍ଜୀକରଣ କରିବା ଲାଗି ଆବଶ୍ୟକୀୟ ଷ୍ଟାମ୍ପ ଦେୟ ଓ ରେଜିଷ୍ଟ୍ରେଶନ ଫି ମଧ୍ୟ ଛାଡ଼ ଲାଗି ନିଷ୍ପତ୍ତି ହୋଇଛି।

ନୂତନ ଟେକ୍ନୋଲୋଜି ସେଣ୍ଟର ପାଇଁ ୧୪ ଏକରରୁ ଊର୍ଦ୍ଧ୍ୱ ଜମି

ରାଉରକେଲା ତହସିଲ ଅନ୍ତର୍ଗତ ଟାଉନ ୟୁନିଟ୍ ନମ୍ବର-୩୦ କଣ୍ଟାଝାରଠାରେ ଟେକ୍ନୋଲୋଜି ସେଣ୍ଟର ସ୍ଥାପନ ହେବ। ଏଥିପାଇଁ ୧୪ ଏକର ୪୫୦ ଡିସିମିଲ ସରକାରୀ ଜମି ବିନା ଦେୟରେ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ରାଉରକେଲାରେ ହେବାକୁ ଥିବା ନୂତନ ଟେକ୍ନୋଲୋଜି ସେଣ୍ଟର ଭୁବନେଶ୍ୱର ସିଟିସିର ଅଗ୍ରୀମ ସଂସ୍କରଣ ହେବାସହ ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ପ୍ରସ୍ତୁତ ହେବ।

୨ୟ ସୈନିକ ସ୍କୁଲ ପ୍ରତିଷ୍ଠା ଲାଗି ଲିଜ୍ ସୂତ୍ରରେ ଜମି

ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ହେବାକୁ ଥିବା ରାଜ୍ୟର ୨ୟ ସୈନିକ ସ୍କୁଲ ପାଇଁ ସମ୍ବଲପୁର ତହସିଲ ଅନ୍ତର୍ଗତ ବସନ୍ତପୁର ମୌଜାର ଏ ୧୦୦.୦୫ ଡି ସରକାରୀ ଜମି ବିନା ମୂଲ୍ୟରେ ଓ ଆନୁଷଙ୍ଗିକ ଖର୍ଚ୍ଚରେ ଲିଜ ସୂତ୍ରରେ ଦେବା ଲାଗି ନିଷ୍ପତ୍ତି ହୋଇଛି। ସମ୍ବଲପୁର ସୈନିକ ସ୍କୁଲ ପ୍ରିନ୍ସିପାଲଙ୍କୁ ବାର୍ଷିକ ଭୂ-ରାଜସ୍ୱ ବାବଦକୁ ଏକର ପିଛି ଏକ ଟଙ୍କା ହିସାବରେ ଓ ସେସ ବାବଦକୁ ଭୂ-ରାଜସ୍ୱର ୭୫ ପ୍ରତିଶତ ଦେବାକୁ ପଡିବ।

ଇ-ଶାସନ ପଦକ୍ଷେପ: ଆଇଟି ବିଭାଗକୁ ରେଫରାଲ ବିଭାଗ ଘୋଷଣା

ରାଜ୍ୟ ସରକାରଙ୍କ ସମସ୍ତ ଇ-ଶାସନ ପଦକ୍ଷେପ ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି (ଆଇଟି) ବିଭାଗକୁ ରେଫରାଲ ବିଭାଗ ଘୋଷଣା କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହାଦ୍ୱାରା ପ୍ରୟାସ ଓ ଭିତ୍ତିଭୂମି ଯଥା ପ୍ରୟୋଗ ବିକଶିତ କରିବା, ଡାଟା ସେଣ୍ଟର ଓ କଲ ସେଣ୍ଟର ନକଲିକରଣକୁ ଏଡାଇ ସାମଗ୍ରିକ ଖର୍ଚ୍ଚ କମାଯାଇପାରିବ। ଏହି କାର୍ଯ୍ୟକୁ ସୁଚାରୁପେ ସମ୍ପାଦନ କରିବା ଲାଗି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଏହାର ନୋଡାଲ ଏଜେନ୍ସି ଓକାକ୍ ସହିତ ପ୍ରସ୍ତୁତ ରହିଛି। ଏଥିଲାଗି ଭାରତୀୟ ସମ୍ବିଧାନର ଧାରା ୧୬୬ ଅଧୀନରେ ପ୍ରସ୍ତୁତ ନିୟମର ରୁଲ୍-୧୪ରେ ଜାରି ସରକାରୀ କାର୍ଯ୍ୟ ନିୟମାବଳୀର ନିର୍ଦ୍ଦେଶନାମାରେ ଏକ ନୂତନ 'ଭାଗ -ଭାୟା' ସଂଯୋଗ କରାଯିବ।

ବାରଙ୍ଗ ଥର୍ମାଲ୍ ପାୱାର ପ୍ଲାଣ୍ଟ

ଟାଟାଠାରୁ ଜମି ଫେରାଇ ଆଣିବ ଇଡ୍‌କୋ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଟାଟା ପାୱାର କମ୍ପାନୀ କଟକ ଜିଲାର ବାରଙ୍ଗ ତହସିଲ ଅନ୍ତର୍ଗତ କୋଇଲାଭିତ୍ତିକ ଥର୍ମାଲ ପାୱାର ପ୍ଲାଣ୍ଟରୁ ଓହରିଯାଇଛି। କମ୍ପାନୀକୁ ଲିଜ୍‌ରେ ଦିଆଯାଇଥିବା ୮୭୧.୪୨୭ ଏକର ଜମିକୁ ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କ ଅଧୀନକୁ ଆଣିବ। ଏହି ପ୍ରସ୍ତାବକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଟାଟା କମ୍ପାନୀକୁ ଥର୍ମାଲ ପାୱାର ପ୍ଲାଣ୍ଟ କରିବା ପାଇଁ ଉକ୍ତ ଜମି ଯୋଗାଇ ଦେଇଥିଲେ। ଏହି ଜମି ନୂତନ ଶିଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଆକର୍ଷିତ କରିବା ପାଇଁ ବ୍ୟବହାର କରାଯିବ। ଏଥିପାଇଁ ରାଜ୍ୟ ସରକାର ଇଡ୍‌କୋକୁ ୬୨,୮୩, ୪୮, ୫୧୭ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବେ।

ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଓଡ଼ିଶା ଆଇନ ୨୦୧୯ ସଂଶୋଧନ ହେବ। ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ସୁନ୍ଦରଗଡ଼ ଜିଲାର କୋପସିଙ୍ଗା ଗ୍ରାମ ନିକଟରେ ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ଯୋଜନାରେ ଏକ ସେତୁ ନିର୍ମାଣ ହେବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ୩୦ ମାସ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ ଶେଷ ହେବ। ଏଥିଯୋଗୁ ଜିଲାର ଟାଙ୍ଗରାପଲ୍ଲୀ ଓ ସଦର ବ୍ଲକର ୧୪ ଗ୍ରାମର ଲୋକମାନଙ୍କ ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହେବ।

ସଂଶୋଧନ ହେବ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଓଡ଼ିଶା ଆଇନ ୨୦୧୯

ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍: ୧ ଲକ୍ଷ ଏକର ଜମି ସଂଗ୍ରହ ହେବ

ରାଜ୍ୟରେ ବିଭିନ୍ନ ଧରଣର ଶିଳ୍ପ ୟୁନିଟ୍ ସ୍ଥାପନ କରିବା ନେଇ ରାଜ୍ୟ ସରକାର ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ନାମକ ନୂତନ ଯୋଜନା ଆରମ୍ଭ କରିଛନ୍ତି। ଇଡ୍‌କୋ ଜରିଆରେ ଏହି ଯୋଜନାରେ ୧ ଲକ୍ଷ ଏକର ଜମି ବିଶିଷ୍ଟ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୃହତ୍ ଶିଳ୍ପ ୟୁନିଟ୍ ପାଇଁ ପ୍ଲଗ୍-ଏଣ୍ଡ-ପ୍ଲେ ସୁବିଧା ସହିତ ଶିଳ୍ପାଞ୍ଚଳ ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ଇଡ୍‌କୋକୁ ଦାୟିତ୍ୱ ଦେଇଛନ୍ତି। ଏହି ଯୋଜନା ଶିଳ୍ପ ଅଭିବୃଦ୍ଧି ପାଇଁ ସହାୟକ ହେବ। ନୂତନ ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ଅଧୀନରେ ବଜେଟ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟ ସରକାର ୮୫୬ କୋଟି ଟଙ୍କା ଆସନ୍ତା ୫ ବର୍ଷ ମଧ୍ୟରେ ଇଡ୍‌କୋକୁ ଯୋଗାଇଦେବେ। ଏହି ଯୋଜନା ନିବେଶକମାନଙ୍କୁ ଶିଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ପାଇଁ ବିନିଯୋଗ କରିବାକୁ ଉତ୍ସାହିତ କରିବ। ଶିଳ୍ପ କ୍ଷେତ୍ରରେ ରାଜ୍ୟର ନିରନ୍ତର ବିକାଶ ପାଇଁ ଇଡ୍‌କୋ ଉକ୍ତ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକୁ ହାତକୁ ନେଇଛି।

ନବମ ଜନ୍ମଦିନ ଶୁଭେଚ୍ଛା

ଅକ୍ଳେଶ କୁମାର ବରାଡ଼
ଅଶୋକ ନଗର, କୋରାପୁଟ
ଶୁଭେଚ୍ଛା ସହ: ବାବା, ମାଆ, ଅଜୁ ବାବା, ବିଜୁ ବାବା, ମିଲି ବୋଉ, ପିଲି ବୋଉ, ବୋଉ, ଅଜା, ଆଈ, ମାମୁ, ମାଈ, ସୋନୁଭାଇ, ମୁନୁ ଭାଇ, ମାମା ବିଦି, ରୁନୁ ବିଦି।
ଧ-୪୯୦

ଫାର୍ମ ପାୱାର ଇନ୍‌ପୁଟ୍: ଆର୍ଥିକ ଆବଣ୍ଟନକୁ ଅନୁମୋଦନ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଯୁବଗୋଷ୍ଠୀ ପାଇଁ କୃଷିକୁ ଅଧିକ କାର୍ଯ୍ୟକ୍ଷମ, ଲାଭଜନକ ଏବଂ ଆକର୍ଷଣୀୟ କରିବା ନିମନ୍ତେ କୃଷି ଯନ୍ତ୍ରପାତିର ଲୋକପ୍ରିୟତାକୁ ରାଜ୍ୟ କୃଷିନୀତି ଏକ ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପ ଭାବେ ବିଚାର କରିଛି। ଏହି ଆର୍ଥିକ ସହାୟତା, ରାଜ୍ୟରେ ଫାର୍ମ ପାୱାର ଇନ୍‌ପୁଟ ହେଉଛି ୧.୯୩ କେଡବ୍ଲ୍ୟୁ/ଏଚ୍‌ଏ ଏବଂ ପ୍ରସ୍ତାବିତ ଯାନ୍ତ୍ରିକୀକରଣ ହସ୍ତକ୍ଷେପ ମାଧ୍ୟମରେ ୨୦୨୫-୨୬ ଶେଷ ସୁଦ୍ଧା ରାଜ୍ୟର ଫାର୍ମ ପାୱାର ଇନ୍‌ପୁଟ ୨.୩୦କେଡବ୍ଲ୍ୟୁ/ଏଚ୍‌ଏ ହେବ ବୋଲି ଆଶା କରାଯାଇଛି। ଏହି ଯୋଜନାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ପରିମାଣର ସୁବିଧା ଯୋଗାଇବାକୁ ବ୍ୟୟ ଅଟକଳ କମିଟି(ଇଏଫ୍‌ସି) ୧୩୦୦ କୋଟି ଟଙ୍କା ଆର୍ଥିକ ଆବଣ୍ଟନକୁ ଅନୁମୋଦନ କରିଛି।

ସ୍ଥାପନ ହେବ ୫୦୦ ମିଶନ ଶକ୍ତି ବଜାର

୫ ବର୍ଷରେ ମିଶନ ଶକ୍ତିକୁ ଦିଆଯିବ ୫୦ ହଜାର କୋଟି ଋଣ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଆସନ୍ତା ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦିଆଯିବ। ଏଥିସହିତ ୧୨୦୦ କୋଟି ଟଙ୍କାର ସୁଧ ରିହାତି , ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୫୦୦ ମିଶନ ଶକ୍ତି ବଜାର ଓ ଆଉଟଲେଟ୍ ସ୍ଥାପନ କରାଯିବ। ଏଥିସହିତ ୩୦ରୁ ୩୫ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଦକ୍ଷତା ତାଲିମ, ପ୍ରତ୍ୟେକ ଜିଲା, ବ୍ଲକ, ପଞ୍ଚାୟତ ଏବଂ ସହରୀ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ। ଆସନ୍ତା ୫ ବର୍ଷ ପାଇଁ ମିଶନ ଶକ୍ତି ଯୋଜନା ସକାଶେ ବଜେଟରେ ୪୯୬୩.୩୯ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଗ୍ରାମାଞ୍ଚଳ ମହିଳାଙ୍କୁ ସଶକ୍ତ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ।

ବଦଳିଲା ଉଚ୍ଚଶିକ୍ଷା ବିଭାଗ ଋଣ ଖିଲାପକାରୀଙ୍କ ସୁଧ ହାର

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଉଚ୍ଚଶିକ୍ଷା ଲାଗି ପୂର୍ବରୁ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ବିଭାଗରୁ ନେଇଥିବା ଶିକ୍ଷା ଋଣର ସୁଧ ହାରରେ ପରିବର୍ତ୍ତନ କରାଯାଇଛି। ଓଡିଶାର ଗରିବ ଏବଂ ମେଧାବୀ ଛାତ୍ରୀଛାତ୍ରମାନଙ୍କ ଉଚ୍ଚଶିକ୍ଷାର ସୁବିଧା ସକାଶେ ଅତୀତରେ ଓଡ଼ିଶା ଲୋନ୍ ଷ୍ଟାଇପେଣ୍ଡ୍ ଫଣ୍ଡରୁ ଋଣ ଆକାରରେ ଆର୍ଥିକ ସହାୟତା ଯୋଗାଇ ଆସୁଥିଲେ। ଏହି ପ୍ରକ୍ରିୟା ୧୯୫୪ରୁ ୨୦୧୬ ପର୍ଯ୍ୟନ୍ତ ସାଧାରଣ, ବୈଷୟିକ ଏବଂ ବ୍ୟବସାୟିକ ଶିକ୍ଷା ନିମନ୍ତେ ଦିଆଯାଉଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଋଣ ପରିଶୋଧ ନ କଲେ ଋଣ ରାଜିନାମା ଅନୁଯାୟୀ ବାର୍ଷିକ ୧୦ % ସୁଧ ଧାର୍ଯ୍ୟ ହୋଇଥିଲା। ହେଲେ ନିଯୁକ୍ତି ପାଇ ନ ଥିବା ଓ ନିଯୁକ୍ତି ପାଇଥିବା ଋଣ ଖିଲାପକାରୀଙ୍କ ଠାରୁ ୧୫% ସୁଧ ଆଦାୟ କରାଯିବା ନିୟମ ଥିଲା। ଆଗରୁ ନିଯୁକ୍ତି ସ୍ଥିତିର ଯାଞ୍ଚ ପାଇଁ ବିଦ୍ୟାର୍ଥୀଙ୍କ ନିଯୁକ୍ତି ପ୍ରମାଣପତ୍ର, ଶିକ୍ଷା ସମାପ୍ତିର ବର୍ଷ ଆଦି ପରଖିବା ଓ ତାପରେ ସୁଧ ହାର ହିସାବ କରି ସେମାନଙ୍କୁ ସୂଚିତ କରିବା ଜଟିଳ ଥିଲା। ହେଲେ ଉଚ୍ଚଶିକ୍ଷା ବିଭାଗ ଏବେ ନିଷ୍ପତ୍ତି ନେଇଛି ଯେ, ନିଯୁକ୍ତି ପାଇଥିବା ଏବଂ ପାଇ ନ ଥିବା ବିଦ୍ୟାର୍ଥୀଙ୍କଠାରୁ ଋଣ ଉପରେ ୧୦% ସୁଧ ଧାର୍ଯ୍ୟ ହୋଇଛି। ସେମାନଙ୍କଠାରୁ କୌଣସି ପ୍ରମାଣପତ୍ର ମଗାଯାଇ ଯାଞ୍ଚ କରିବାର ଆବଶ୍ୟକତା ନାହିଁ। ବିଭାଗ ପକ୍ଷରୁ ସମସ୍ତ ଋଣ ଖିଲାପକାରୀଙ୍କ ସୁଧ ପରିମାଣ ହିସାବ କରି ଏହାର ୱେବସାଇଟ୍‌ରେ ସୂଚିତ କରାଯିବ। ଫଳରେ ବିଦ୍ୟାର୍ଥୀମାନେ ଅନ୍‌ଲାଇନ୍‌ରେ ମୂଳ ଏବଂ ସୁଧ ଦାଖଲ କରିବା ପରେ ଋଣ ପରିଶୋଧ ପ୍ରମାଣପତ୍ର ନେଇଯିବେ।

ଓଡ଼ିଶା ଅଧସ୍ତନ ଅର୍ଥସେବା ନିଯୁକ୍ତି ଓ ସେବା ସର୍ତ୍ତ ନିୟମାବଳୀରେ ସଂଶୋଧନ

ସହାୟକ ବାଣିଜ୍ୟକର ଓ ସେବାକର ଅଧିକାରୀଙ୍କ ନିମନ୍ତେ ୫୯୬ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ଓଡ଼ିଶା ଅଧସ୍ତନ ଅର୍ଥସେବା ନିଯୁକ୍ତି ଓ ସେବା ସର୍ତ୍ତ ନିୟମାବଳୀର ନିୟମ-୫ ଅନୁସାରେ ଉକ୍ତ ପଦବୀର ମୋଟ୍ ୫୦ ପ୍ରତିଶତ ସିଧାସଳଖ ନିଯୁକ୍ତି ଓ ବାକି ୫୦ ପ୍ରତିଶତ ଚୟନ ମାଧ୍ୟମରେ ପୂରଣ ହୋଇଥାଏ। ଚୟନ ମାଧ୍ୟମରେ ପୂରଣ ହେବାକୁ ଥିବା ପଦବୀଗୁଡିକ ମଧ୍ୟରୁ ୩୦ ପ୍ରତିଶତ ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ତଥା ବିକ୍ରିକର ନ୍ୟାୟାଧୀକରଣଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ସହାୟକ ଓ ଆଶୁ ଲିପିକମାନଙ୍କ ଲାଗି ଉଦ୍ଦିଷ୍ଟ। ବାକି ୭୦ ପ୍ରତିଶତ ବାଣିଜ୍ୟକର ଓ ଜିଏସ୍‌ଟି କମିଶନରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ଥିବା ରେଞ୍ଜ ଓ ସର୍କଲରେ କାର୍ଯ୍ୟରତ ବରିଷ୍ଠ କିରାଣି ଏବଂ ଷ୍ଟେନୋଗ୍ରାଫରମାନଙ୍କ ପାଇଁ ଉଦ୍ଦିଷ୍ଟ। ବର୍ତ୍ତମାନ ନିୟମ ୭ର ଉପନିୟମ ୧ର ସଂଶୋଧନ କରି ଉକ୍ତ ଅବଧିକୁ ୧୨ ବର୍ଷରୁ ୧୦ ବର୍ଷକୁ କମାଇ ଦିଆଯିବା ପ୍ରସ୍ତାବ ଅଛି। କନିଷ୍ଠ କିରାଣି ଓ ବରିଷ୍ଠ କିରାଣି ଶବ୍ଦଗୁଡ଼ିକୁ ପ୍ରତିସ୍ଥାପିତ କରାଯାଇଛି। ଏହାସହ ନିୟମାବଳୀରେ ଥିବା ବରିଷ୍ଠ କିରାଣି ଶବ୍ଦଗୁଡ଼ିକ ବଦଳରେ ବରିଷ୍ଠ ସହାୟକ ଶବ୍ଦ ପ୍ରତିସ୍ଥାପିତ କରାଯାଇଛି।

ପାନୀୟ ଜଳ ପ୍ରକଳ୍ପ: ୭୧୧.୯୦ କୋଟିର ଟେଣ୍ଡରକୁ ଅନୁମୋଦନ

ମୟୂରଭଞ୍ଜ, ସମ୍ବଲପୁର ଜିଲା ୮୬୯ ଗ୍ରାମର ୫.୨୭ ଲକ୍ଷ ଲୋକ ଉପକୃତ ହେବେ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଗ୍ରାମାଞ୍ଚଳରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ମୟୂରଭଞ୍ଜ ଓ ସମ୍ବଲପୁର ଜିଲାର ୮୬୯ ଗ୍ରାମର ୫.୨୭ ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଛି। ଓମ୍ବାଡସି ଯୋଜନାରେ ରାଜ୍ୟର ମୟୂରଭଞ୍ଜ ଜିଲାରେ ୨ଟି ବୃହତ୍ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୩୭୭.୨୩ କୋଟି ଟଙ୍କାର ଟେଣ୍ଡରକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପ ଦ୍ୱାରା ଜିଲାର ୪ଟି ବ୍ଲକ ଅଧୀନରେ ଥିବା ୬୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୪୮୪ ଗ୍ରାମରେ ବାସ କରୁଥିବା ୩.୨୩ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ଉଦଳା ବ୍ଲକ ଅଧୀନରେ ଥିବା ୧୨ଟି ପଞ୍ଚାୟତର ୮୮ଟି ଗ୍ରାମର ୭୨, ୭୬୩, ଖୁଣ୍ଟା ବ୍ଲକର ୧୪ ପଞ୍ଚାୟତର ୧୨୮ ଗ୍ରାମର ୭୩,୮୮୨, ବଡ଼ସାହି ବ୍ଲକ ୩୦ ପଞ୍ଚାୟତର ୨୧୦ ଗ୍ରାମର ୧,୪୬,୨୩୨ ଏବଂ ଜି.ବି. ନଗର ବ୍ଲକ ଅଧୀନରେ ଥିବା ୬ ପଞ୍ଚାୟତର ୫୮ ଗ୍ରାମର ୩୦, ୫୩୭ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ। ସେହିପରି ଏହି ଯୋଜନାରେ ରରୁଆଁ ଏବଂ ଶୁକୃଳି ବ୍ଲକର ୧୯ଟି ପଞ୍ଚାୟତ ଅଧୀନରେ ଥିବା ୧୬୪ ଗ୍ରାମର ୧,୧୩,୫୪୦ ଜଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ରରୁଆଁ ବ୍ଲକର ୭୭ ଗ୍ରାମର ୫୦,୯୪୬ ଓ ଶୁକୃଳି ବ୍ଲକର ୮୭ ଗ୍ରାମର ପ୍ରାୟ ୬୨,୫୯୪ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଆହୂତ ୧୫୧ କୋଟି ୪୩ ଲକ୍ଷ ୨୮ ହଜାର ୨୪୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ।

ସେହିପରି ରାଜ୍ୟ ସରକାର ଜଳଜୀବନ ମିଶନ ଯୋଜନାରେ ସମ୍ବଲପୁର ଜିଲାର ୨ଟି ବ୍ଲକକୁ ଗୋଟିଏ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଆହ୍ୱାନ କରାଯାଇଥିବା ୧୮୩ କୋଟି ୨୩ ଲକ୍ଷ ୮୨ ହଜାର ୬୭୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୨ଟି ବ୍ଲକ ଅଧୀନରେ ଥିବା ୩୭ ପଞ୍ଚାୟତର ୨୨୧ ଗ୍ରାମର ୧,୩୧,୫୮୭ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ।

ବରଗଡ଼ ମୁଖ୍ୟ କେନାଲ ମରାମତି ପାଇଁ ୧୬୦ କୋଟି

ବର

କଥା ସେଦିନର

ଲିପ୍‌ଷ୍ଟିକ୍ କଥା ଭୁଲି ହେଉନି

ସୈଫ ତନୟା ସାରା ଅଲ୍ଲୀ ଖାଁ ନିଜ ପିଲାଦିନର ଏକ ଘଟଣାକୁ ଏ ପର୍ଯ୍ୟନ୍ତ ଭୁଲି ପାରୁନାହାନ୍ତି। ସେତେବେଳେ ସୈଫ-ପ୍ରୀତି ଜିଣ୍ଟାଙ୍କୁ ନେଇ 'କ୍ୟା କହେନା'ର ଶୁଟିଂ ଚାଲିଥାଏ। ସେଦିନ ଶୁଟିଂ ସେଟ୍‌କୁ ତାଙ୍କ ସହ ସାରା ଯାଇଥିଲେ। ତା'ପରେ କ'ଣ ହେଲା ସେ ନେଇ ସାରା କହନ୍ତି, 'ମୁଁ ଶୁଟିଂ ସେଟ୍‌ରେ ପହଞ୍ଚିଲା ପରେ ଦେଖିଲି ଯେ ପ୍ରୀତି ଜିଣ୍ଟା ମେକ୍‌ଅପ୍ ନେଉଛନ୍ତି। ମୁଁ ସିଧା ସେହି ରୁମ୍ ଭିତରକୁ ଯାଇଥିଲି। ଏତେଗୁଡାଏ ଲିପ୍‌ଷ୍ଟିକ୍ ଦେଖି ସେଗୁଡିକୁ ଲଗାଇବାକୁ ଚାହିଁଥିଲି। ମୁଁ ଯେତେବେଳେ ସେ କଥା ପ୍ରୀତି ମ୍ୟାଡାମଙ୍କୁ କହିଲି ସେ ପ୍ରଥମେ ହସିଥିଲେ। ତା'ପରେ ମୋତେ କହିଥିଲେ ଯେ ତୁମ ଚଏସ୍ ଅନୁସାରେ ଲିପ୍‌ଷ୍ଟିକ୍ ନେଇ ଲଗାଇପାର। ମୋର ତ ପିଲାଟି ଦିନରୁ ଅଭିନୟ ପ୍ରତି ଆଗ୍ରହ ଥିଲା। ତେଣୁ ମୁଁ ମେକ୍‌ଅପ୍‌ମ୍ୟାନ୍‌ଙ୍କୁ କହିଥିଲି ଯେ ମୋତେ ଟିକେ ମେକ୍‌ଅପ୍ କରିଦିଅନ୍ତୁ। ମେକ୍‌ଅପ୍ ନେବା ପରେ ମୁଁ ଲିପ୍‌ଷ୍ଟିକ୍ ଲଗାଇ ଯେତେବେଳେ ପାପାଙ୍କ ସାମନାକୁ ଆସିଲି ସେ ମୋତେ ଦେଖି ହସି ହସି ଗଡି ଯାଇଥିଲେ। ଏହି ଘଟଣା ଏବେ ମୋର ମନେପଡିଲେ ଭାରି ହସ ଲାଗିଥାଏ।'

ଗାର୍ଡେନିଂ ନିଶା

କଥାରେ ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ସେ କିଏ ଜାଣନ୍ତି ? ରକୁଲ୍ ପ୍ରୀତ ସିଂ। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନ୍‌ରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି। ଅନ୍ୟପକ୍ଷରେ ଏବେ ରକୁଲ୍‌ଙ୍କ ହାତରେ ୨-୩ଟି ଅଫର ରହିଛି। ତେବେ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।

ଅପେକ୍ଷାର ଫଳ ମିଠା

କୋଭିଡ୍ ଆତଙ୍କ ଅନେକାଂଶରେ ଦୂର ହେବା ପରେ ଏବେ ବଲିଉଡ୍ ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି। ଶୁଟିଂ ଚାଲୁ ରହିବା ସହ ଅନେକ ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଛି। ନିକଟରେ 'ଆର୍‌ଆର୍‌ଆର୍' ଏବଂ 'କେଜିଏଫ୍-୨' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ଚଳିତ ମାସ ୨୦ରେ ଦୁଇଟି ସିନେମା- 'ଭୁଲ୍ ଭୁଲେୟାଁ-୨' ଏବଂ 'ଧକଡ' ରିଲିଜ ହେଉଛି। ଆନିଶ ବାଜମୀଙ୍କ ନିର୍ଦ୍ଦେଶିତ 'ଭୁଲ୍ ଭୁଲେୟାଁ-୨'ରେ କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଆଡଭାନୀ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ 'ଧକଡ'ର ମୁଖ୍ୟ ଆକର୍ଷଣ ସାଜିବେ କଙ୍ଗନା ରାଣାୱତ। ଏହି ଫିଲ୍ମରେ କଙ୍ଗନାଙ୍କୁ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବ। ସେପଟେ ନିଜ ସିନେମାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି କିଆରା। ସେ କହନ୍ତି, 'କଥାରେ ଅଛି ଅପେକ୍ଷାର ଫଳ ମିଠା। ଏହି ଫିଲ୍ମର କାହାଣୀ ବଳିଷ୍ଠ। ଏହା ବ୍ୟତୀତ ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଅନ୍ୟପକ୍ଷରେ 'ଧକଡ' ମାଧ୍ୟମରେ ପୁଣି ନିଜ ଇମେଜ ବଜାୟ ରଖିବାକୁ ଚେଷ୍ଟା କରିବେ କଙ୍ଗନା। ତେବେ ଫିଲ୍ମଦ୍ୱୟ ବକ୍ସ ଅଫିସରେ କେତେ ସକସେସ ହେଉଛି ତାହା ଦେଖିବାକୁ ବାକି ରହିଲା।

କିଆରା

ନାୟିକା ହେବ ଏମିତି

ଦିନ ଥିଲା ବଲିଉଡ୍‌ରେ ମାଧୁରୀ ଦୀକ୍ଷିତ ରାଜ୍ କରୁଥିଲେ। ସେ ଅଭିନୟ କରିଥିବା ଅଧିକାଂଶ ସିନେମା ତାଙ୍କ ଅଭିନୟ ଦକ୍ଷତାର ସ୍ୱାକ୍ଷର ବହନ କରେ। ତେବେ 'ପୁକାର୍' ସିନେମାର ଶୁଟିଂ ସମୟରେ ଏପରି ଏକ ଘଟଣା ଘଟିଥିଲା, ଯାହା ସମ୍ପର୍କରେ ନିକଟରେ ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି। ଏହି ଫିଲ୍ମର ଶୁଟିଂ ଉଜ୍ଜିରେ ଚାଲିଥାଏ। ସେତିକିବେଳେ ମାଧୁରୀଙ୍କୁ ଏକ କମେଡି ଶଟ୍ ଦେବାର ଥାଏ। ହେଲେ ସେ ଟିକେ ବିଚଳିତ ଦେଖାଯାଉ ଥାଆନ୍ତି। ଏ ନେଇ ସଞ୍ଜୟ କହନ୍ତି, 'ସେଦିନ ଜଣେ ସ୍ପଟ୍ ବୟ ଆସି ମୋତେ କହିଲେ ଯେ, ମାଧୁରୀ ଅପରାହ୍ନରେ ଏକ ଜରୁରୀ କାମରେ ବମ୍ବେ ଫେରିବେ। ତେଣୁ ତିନିଟା ଭିତରେ ପ୍ୟାକ୍ କରିବାକୁ ସେ ଅନୁରୋଧ କରିଛନ୍ତି। ଲଞ୍ଚ୍ ବ୍ରେକ୍ ସମୟରେ ମୁଁ ମାଧୁରୀଙ୍କ ସହ କଥା ହୋଇ ଜାଣିଲି ଯେ ତାଙ୍କ ବାପାଙ୍କ ଘରେ ରେଡ୍ ହେବାର ଅଛି। ଯେହେତୁ ତାଙ୍କର ମମି ତାଙ୍କ ସହ ଅଛନ୍ତି ତେଣୁ ଦୁହେଁ ଶୀଘ୍ର ଘରକୁ ଯିବାକୁ ଚାହୁଁଛନ୍ତି। ହେଲେ ଶଟ୍ ଦେବା ସମୟରେ ମୁଁ ମାଧୁରୀଙ୍କୁ ଚାହିଁଲା ବେଳକୁ ସତେ ଯେମିତି ଜଣାପଡୁଥିଲା ସେ ଟେନ୍‌ସନ ଫ୍ରି ଅଛନ୍ତି। ପାଖାପାଖି ଘଣ୍ଟାଏ ସେ କ୍ୟାମେରା ସାମନା କରିଥିଲେ ଏବଂ କେତୋଟି ଶଟ୍ ଏକାଥରେ ଓକେ ହୋଇଥିଲା।' ଏହି ଫିଲ୍ମରେ ମାଧୁରୀଙ୍କ ନାୟକ ସାଜିଥିଲେ ଅନିଲ କପୁର।

ମାଧୁରୀ

ରିଲିଜ୍ ଅପେକ୍ଷାରେ

ପ୍ରେମମ୍

ଓଲିଉଡ୍‌ର ଲଭର ବୟ ବାବୁସାନ୍‌ଙ୍କୁ ଦର୍ଶକ ଖୁବ୍‌ଶୀଘ୍ର ବଡ଼ ପରଦାରେ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଫିଲ୍ମଟିର ଟାଇଟଲ ରହିଛି 'ପ୍ରେମମ୍'। ଇମୋଜି ଫିଲ୍ମସ୍ ବ୍ୟାନରରେ ଏହାର ସମସ୍ତ କାମ ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଏଥିରେ ବାବୁସାନ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ପ୍ରକୃତି ମିଶ୍ର। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଶିଶିର କୁମାର ଷଡ଼ଙ୍ଗୀ। ଖାସ୍ କଥା ହେଲା ଏହି ଫିଲ୍ମର ସହ ପ୍ରଯୋଜକ ସାଜିଛନ୍ତି ବାବୁସାନ୍। କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ଅନିମା ପ୍ରଡକ୍ସନ। କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ତାପସ ସରଘରିଆ। ଭରଦ୍ୱାଜ ପଣ୍ଡା ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଗୌରବ ଆନନ୍ଦ। ଚିତ୍ରନାଟ ସହ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସୁବ୍ରତ ଖଟୋଇ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇ ଥିବାବେଳେ ଏଡିଟିଂ ଭାର ସମ୍ଭାଳିଛନ୍ତି ରାଜେଶ ଦାଶ। ଗିରିଶ ମହାନ୍ତିଙ୍କ କୋରିଓଗ୍ରାଫି ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେବ। କାହାଣୀରେ ଲଭ୍, ଇମୋଶନ, ଆକ୍ସନ ଏବଂ କମେଡି ଭରି ରହିଛି ଯାହା ବର୍ତ୍ତମାନର ଯୁବପିଢ଼ିକୁ ଆକର୍ଷିତ କରିବ ବୋଲି କହନ୍ତି ନିର୍ଦ୍ଦେଶକ ତାପସ। ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଏଥିରେ ଏକ ଖାସ୍ ଚରିତ୍ର ଓ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବ।

'ପ୍ରେମମ୍' ଚଳଚ୍ଚିତ୍ରରେ ବାବୁସାନ୍-ପ୍ରକୃତି

ରଜରେ 'ବିଶ୍ୱନାଥ'

'ବିଶ୍ୱନାଥ' ଚଳଚ୍ଚିତ୍ରରେ ସମ୍ମିତ

ସମୟ ଚକ୍ରରେ ପଡି ଜଣେ ଅନାଥ ଯୁବକ ସହରରୁ ଗୋଟିଏ ଗାଁକୁ ଫେରିଛି। ହେଲେ ସେ ଜାଣିନି ଯେ ଏହି ଗାଁ ହେଉଛି ତାହାର ଜନ୍ମଭୂମି। ତାହାର କିଛି ଦୋଷ ଥିବାରୁ ତାକୁ ସହରରେ ଛାଡି ଦିଆଯାଇଥିଲା। ନିଜ ଗାଁକୁ ଫେରି ଆସିଥିବା ଜଣେ ଯୁବକ କେତେକ ପରିସ୍ଥିତିର ସାମନା କରୁଛି। ତାହାକୁ ସେ ମୁକାବିଲା କରୁଛି ନା ପୁଣି ଥରେ ଗାଁରୁ ଫେରିଯାଉଛି ତାହାର ଉତ୍ତର ରହିଛି କାହାଣୀରେ। ଏପରି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବିଶ୍ୱନାଥ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସମ୍ମିତ। ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ସମ୍ଭାବନା ମହାନ୍ତି। ଏଚ୍‌ଏମ୍‌ଟି ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦିନ୍ଦୁ ଶେଖର ଗୌଡ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବବ୍‌ଲି କିରନ୍। ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ସମ୍ମିତ-ସମ୍ଭାବନାଙ୍କ ବ୍ୟତୀତ ମିହିର ଦାସ, ରାଇମୋହନ, ପୃଥ୍ୱୀରାଜ, ସଲିଲ ମିତ୍ର, ମନୀଷା ମିଶ୍ର, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏପରି ଏକ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସମ୍ମିତ। ରଜ ଅବସରରେ ଫିଲ୍ମଟି ରିଲିଜ ହେବାର ଯୋଜନା ରହିଛି।

ଆସିଲା ରିଲିଜ ଋତୁ

ଚଳିତ ମାସ ୨୦ରେ ଦୁଇଟି ସିନେମା-'ଲଭ୍ ଫିଭର' ଏବଂ 'ଆଉ ଗୋଟେ ଲଭ୍ ଷ୍ଟୋରି' ମୁକ୍ତିଲାଭ କରିବାକୁ ଯାଉଛି। ଅନ୍ୟପକ୍ଷରେ 'ଦେଲେ ଧରା କଥା ସରେ' ପରେ ଦେବୋଲିନା ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହୋଇଛି ଓଡ଼ିଆ ଚିତ୍ର 'ଭାବେ ସିନା କହି ପାରେନା' ଆସନ୍ତା ମାସ ୩ରେ ରିଲିଜ ହେବାର ଯୋଜନା ରହିଛି। ଖାସ୍ କଥା ହେଲା ଖଳନାୟକ ଭାବରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅସିତ ପତିଙ୍କର ଏହା ହେଉଛି ପ୍ରଥମ ନିର୍ଦ୍ଦେଶିତ ସିନେମା। ପଙ୍କଜ କୁମାର ରାଉତଙ୍କ ପ୍ରଯୋଜିତ ଏହି ଚିତ୍ରର ନାୟକ ସାଜିଛନ୍ତି ଅଭିଷେକ ରଥ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବେଶ୍ କେତୋଟି ଧାରାବାହିକରେ ଅଭିନୟ କରିସାରିଥିବା ଅର୍ଚ୍ଚିତା। ଉକ୍ତ ସିନେମାରୁ ସେ ଓଲିଉଡ୍‌ରେ ଡେବ୍ୟୁ କରୁଛନ୍ତି। ଏମାନଙ୍କ ବ୍ୟତୀତ ଦୁଷ୍ମନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ମନୀଷା ରଥ ଏବଂ ପୁପୁନ୍ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। 'ଏହି ସିନେମାଟିର ନିର୍ମାଣ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି। ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀ, ସଙ୍ଗୀତ ଫିଲ୍ମଟିକୁ ସଫଳ ତାଲିକାଭୁକ୍ତ କରିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ଅସିତ। ଅନ୍ୟପକ୍ଷରେ ଚନ୍ଦନ ଜାନାଙ୍କ ନିର୍ଦ୍ଦେଶିତ 'ଲଭ୍ ଫିଭର'ରେ ରାଜବୀର ଦେଓ-ବନ୍ଦନା ଯୋଡିଙ୍କୁ ଦେଖିବାକୁ ମିଳିବ। ଏ ସମ୍ପର୍କରେ ରାଜବୀର କହନ୍ତି, 'ବିଶେଷଭାବରେ ମୁଁ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଥାଏ। ଏହି ଫିଲ୍ମରେ ଲଭ୍, ଆକ୍ସନ ଭରି ରହିଛି। ମୋ ଅଭିନୀତ 'ଅରୁନ୍ଧତୀ'କୁ ଦର୍ଶକ ଗ୍ରହଣ କରିଥିଲେ। ଏଥର 'ଲଭ୍ ଫିଭର' ମଧ୍ୟ ସେମାନଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।' ଏହାବ୍ୟତୀତ ରମେଶ ବାରିକଙ୍କ ପ୍ରଯୋଜିତ ଏବଂ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ 'ଆଉ ଗୋଟେ ଲଭ୍ ଷ୍ଟୋରି' ମଧ୍ୟ ଚଳିତ ମାସ ୨୦ରେ ରିଲିଜ ହେଉଛି। କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ନିର୍ଦ୍ଦେଶକ ସଞ୍ଜୟ ନାୟକ ମଇଦାନକୁ ଓହ୍ଲାଉଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୋର ପୂର୍ବ ଫିଲ୍ମ ପରି ଏଥିରେ ମଧ୍ୟ ଭିନ୍ନତା ରହିଛି। ଏଥିରୁ ଦର୍ଶକ ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମାର ଚାର୍ମ ପାଇବେ। ଏହାର ନାୟକ ସାଜିଛନ୍ତି ଜ୍ୟୋତି ନାୟକ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଭୂମିକା ଦାଶ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦିନାଥ ଦାଶ। ଅନ୍ୟପକ୍ଷରେ ଏଥର ରଜରେ 'ବିଦ୍ୟାରାଣ' (ବାବୁସାନ୍-ଶିବାନୀ), 'ଦିଲ୍ ମୋର ମାନେନା' (ସ୍ୱରାଜ-ଶିବାନୀ) ଏବଂ 'ବିଶ୍ୱନାଥ' (ସମ୍ମିତ-ସମ୍ଭାବନା) ରିଲିଜ ହେବାର ଯୋଜନା ରହିଛି।

ରାଜବୀର-ବନ୍ଦନା

ଭୂମିକା-ଜ୍ୟୋତି

ଅର୍ଚ୍ଚିତା-ଅଭିଷେକ

ବଡ଼ ବ୍ରେକ୍ ଆଶାରେ ସ୍ନେହା

ମିସ୍ ବେଙ୍ଗଲ ଟାଇଟଲ ବିଜୟିନୀ ସ୍ନେହା ଖୁବ୍‌ଶୀଘ୍ର ଓଡ଼ିଆ ସିନେମା 'ମାୟାବୀ'ରୁ ନିଜ ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଅନିଶ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହି ଚିତ୍ରର ଶୁଟିଂ ଚାଲୁରହିଛି। ଅନ୍ୟପକ୍ଷରେ ଏହି ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ମ୍ୟୁଜିକ ଆଲବମ୍ 'ଚାରୁ ଚିତ୍ରଲେଖା'ରେ ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଆଲବମ୍ ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍‌ମେଣ୍ଟ ଦେବ ବୋଲି ଆଶା ରଖିଛନ୍ତି ସେ। ଖାସ୍ କଥା ହେଲା, ଏହି ବ୍ୟାନରରେ ନିର୍ମାଣାଧୀନ 'ମାୟାବୀ'ରେ ସେ ମଧ୍ୟ ଅଭିନୟ କରୁଛନ୍ତି। ତା' ସହ ଓଲିଉଡ୍‌ରେ ଏକ ବଡ଼ ବ୍ରେକ୍ ସନ୍ଧାନରେ ଅଛନ୍ତି ଏହି ଅଭିନେତ୍ରୀ। ସ୍ନେହା ବେଶ୍ କେତୋଟି ନାମୀ ବ୍ରାଣ୍ଡ ପ୍ରଡକ୍ଟଗୁଡିକର ବିଜ୍ଞାପନ ପାଇଁ କାମ କରିସାରିଛନ୍ତି ଏବଂ ମଡେଲିଂ ଜଗତରେ ସକ୍ରିୟ ଅଛନ୍ତି। ତପନ ଦାଶଙ୍କ ପ୍ରଯୋଜିତ ଏହି ଆଲବମ୍‌ରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅଙ୍କିତ ପଟ୍ଟନାୟକ। ବାପୁ ଗୌସ୍ୱାମୀଙ୍କ ରଚିତ ଗୀତକୁ ସ୍ୱର ଦେଇଛନ୍ତି ବନିଗୌରବ ଏବଂ କଣ୍ଠଦାନ କରିଛନ୍ତି କୁଲଦୀପ ପଟ୍ଟନାୟକ। 'ଚାରୁଚିତ୍ରଲେଖା'ରେ ଅଙ୍କିତ-ସ୍ନେହାଙ୍କ ଅଭିନୟକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛନ୍ତି ପ୍ରଯୋଜକ। କୋରିଓଗ୍ରାଫି ସାଙ୍ଗକୁ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି ଜୟା ବିଶ୍ୱାସ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୧୯/୨୦୨୨ Bhubaneswar, Thursday, May 19/ 2022

ପ୍ଲେ-ଅଫ୍‌ରେ ଲକ୍ଷ୍ନୌ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କ୍ୱିଣ୍ଟନ ଡି'କକ୍।

ମୁମ୍ବାଇ,୧୮।୫

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ହାଇସ୍କୋରିଂ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ମାତ୍ର ୨ ରନରେ କୋଲକାତା ନାଇଟ ରାଇଡର୍ସକୁ ହରାଇ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଲକ୍ଷ୍ନୌ କୌଣସି ଉଇକେଟ ନ ହରାଇ ୨୦ ଓଭରରେ ୨୧୦ ରନ କରିଥିବାବେଳେ କୋଲକାତା ୨୦ ଓଭରରେ ୮ ଉଇକେଟ ହରାଇ ୨୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଲକ୍ଷ୍ନୌର ପଏଣ୍ଟ ସଂଖ୍ୟା ୧୮ରେ ପହଞ୍ଚି ଯାଇଥିବାବେଳେ କୋଲକାତା ୧୪ ମ୍ୟାଚରୁ ୮ମ ପରାଜୟ ସହ ଅଭିଯାନ ଶେଷ କରିଛି। ଶେଷ ଓଭରରୁ ୨୧ ରନ ଆବଶ୍ୟକ ଥିବାବେଳେ ମାର୍କୁସ ଷ୍ଟୋଇନିସଙ୍କ ପ୍ରଥମ ୩ ବଲ୍‌ରୁ ୧୬ ରନ ସଂଗ୍ରହ କରି କୋଲକାତାକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ ରିଙ୍କୁ ସିଂ। ମାତ୍ର ଷ୍ଟୋଇନିସ ୪ର୍ଥ ବଲ୍‌ରେ ୨ ରନ ଦେଇଥିବାବେଳେ ୫ମ ଓ ୬ଷ୍ଠ ବଲ୍‌ରେ ଉଇକେଟ ହାସଲ କରି ଲକ୍ଷ୍ନୌକୁ ରୋମାଞ୍ଚକ ବିଜୟ ଦେଇଥିଲେ। କୋଲକାତା ପକ୍ଷରୁ ଅଧିନାୟକ ଶ୍ରେୟସ ଆୟାର ସର୍ବାଧିକ ୫୦ (୨୯ ବଲ, ୪ ଚୌକା, ୩ ଛକା), ନୀତୀଶ ରାଣା ୪୨(୨୨ ବଲ, ୯ ଚୌକା) ଓ ରିଙ୍କୁ ସିଂ ୪୦ (୧୫ ବଲ, ୨ ଚୌକା, ୪ ଛକା) ରନ କରିଥିଲେ। ଲକ୍ଷ୍ନୌ ବୋଲର ମହସିନ ଖାଁ ଓ ଷ୍ଟୋଇନିସ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଡି'କକ୍ ୧୪୦*, ରାହୁଲ ୬୮*

ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଲକ୍ଷ୍ନୌ ପକ୍ଷରୁ ଡି'କକ୍ ଓ ରାହୁଲ ଛକା, ଚୌକା ବର୍ଷା ସହ ଏକାଧିକ ରେକର୍ଡ଼ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୨୧୦ ରନର ଭାଗୀଦାରି ଗଢ଼ିଥିଲେ। ଆଇପିଏଲ ଇତିହାସରେ ଏହା ସର୍ବାଧିକ ଓପନିଂ ପାର୍ଟନରଶିପ୍। ଏହା ବ୍ୟତୀତ ଆଇପିଏଲରେ କୌଣସି ଦଳ ପୂରା ୨୦ ଓଭର ଖେଳି ଗୋଟିଏ ହେଲେ ଉଇକେଟ ନ ହରାଇବା ପ୍ରଥମ ଦୃଷ୍ଟାନ୍ତ ଥିଲା। ଡି'କକ୍ ୧୨ ରନ୍ କରିଥିବା ବେଳେ ପଦାର୍ପଣକାରୀ ଅଭିଜିତ ତୋମାର କ୍ୟାଚ୍ ହାତଛଡ଼ା କରି ତାଙ୍କୁ ଜୀବନ ଦାନ ଦେଇଥିଲେ। ଏହାପରେ ଦୁଇ ଓପନର ପୂରା ଇନିଂସରେ କେକେଆର୍‌ର କୌଣସି ବୋଲରଙ୍କୁ କ୍ଷମା ଦେଇ ନ ଥିଲେ। ଡି'କକ୍ ୭୦ ବଲରେ ୨୦୦ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳିଥିଲେ ୧୪୦ ରନ୍‌ର ଇନିଂସ। ତାଙ୍କର ଏହି ଇନିଂସରେ ସାମିଲ ଥିଲା ୧୦ ଲେଖାଏ ଚୌକା ଓ ଛକା। ଏହାର ଅର୍ଥ ସେ କେବଳ ଚୌକା ଓ ଛକାରେ ହିଁ ୧୦୦ ରନ୍ ପୂରଣ କରିଥିଲେ। ଅଧିନାୟକ ଲୋକେଶ ୫୧ ବଲରେ ୬୮ (୩ ଚୌକା ଓ ୪ ଛକା) ରନ୍ କରିଥିଲେ।

ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ: ୨୦ ଓଭରରେ ୨୧୦/୦ (କ୍ୱିଣ୍ଟନ ଡି'କକ୍-୧୪୦*, ଲୋକେଶ ରାହୁଲ-୬୮*)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୦୮/୮ (ଶ୍ରେୟସ ଆୟାର-୫୦, ନୀତୀଶ ରାଣା-୪୨, ରିଙ୍କୁ ସିଂ-୪୦, ସାମ୍ ବିଲିଙ୍ଗ୍ସ-୩୬, ମହସିନ ଖାଁ-୩/୨୦, ମାର୍କୁସ ଷ୍ଟୋଇନିସ-୩/୨୩, କ୍ରିଷ୍ଣାପ୍ପା ଗୋଥାମ-୧/୨୩, ରବି ବିଷ୍ଣୋଇ-୧/୩୪)।

ଆଇପିଏଲ୍-୧୫

ଆଜିର ମ୍ୟାଚ

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଗୁଜରାଟ ଟାଇଟାନ୍ସ

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନହାର
ଗୁଜରାଟ ଟାଇଟାନ୍ସ	୧୩	୧୦	୩	୨୦	+୦.୩୯୧
ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ	୧୪	୯	୫	୧୮	+୦.୨୫୧
ରାଜସ୍ଥାନ ରୟାଲ୍ସ	୧୩	୮	୫	୧୬	+୦.୩୦୪
ଦିଲ୍ଲୀ କ୍ୟାପିଟାଲ୍ସ	୧୩	୭	୬	୧୪	+୦.୨୫୫
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର	୧୩	୭	୬	୧୪	-୦.୩୨୩
କୋଲକାତା ନାଇଟ ରାଇଡର୍ସ	୧୪	୬	୮	୧୨	+୦.୧୪୬
ପଞ୍ଜାବ କିଙ୍ଗ୍ସ	୧୩	୬	୭	୧୨	+୦.୦୪୩
ସନ୍‌ରାଇଜର୍ସ ହାଇଦ୍ରାବାଦ	୧୩	୬	୭	୧୨	-୦.୨୩୦
ଚେନ୍ନାଇ ସୁପର କିଙ୍ଗ୍ସ	୧୩	୪	୯	୮	+୦.୨୦୬
ମୁମ୍ବାଇ ଇଣ୍ଡିଆନ୍ସ	୧୩	୩	୧୦	୬	-୦.୫୭୭

ହୁଇଲ୍ ଚେୟାର ଫେନ୍ସିଂ ବିଶ୍ୱକପ୍‌ରେ ୪ ଓଡ଼ିଆ

ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି): ଥାଇଲାଣ୍ଡର ପଟାୟାଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ହୁଇଲ୍ ଚେୟାର ଫେନ୍ସିଂ ବିଶ୍ୱକପ୍‌ରେ ଓଡ଼ିଶାର ୪ ଖେଳାଳି ଭାଗନେବେ। ସେମାନେ ହେଲେ ପୂଜାସ୍ୱିନୀ ନାୟକ, ଭି.ରମେଶ ରାଓ, ରାଖାଲ୍ କୁମାର ସେଠୀ ଓ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାଏ। ପୂର୍ବରୁ ଭି.ରମେଶ ରାଓ, ରାଖାଲ୍ ସେଠୀ ଓ ପୂଜାସ୍ୱିନୀ ବିଶ୍ୱକପରେ ଖେଳିବାର ଅଭିଜ୍ଞତା ରଖିଥିବାବେଳେ ପ୍ରଥମ ଥର ପାଇଁ ପ୍ରଫୁଲ୍ଲ କୁମାର ଚୟନ ହୋଇଛନ୍ତି। ୨୦୨୧-୨୨ ଜାତୀୟ ଚାମ୍ପିୟନଶିପ୍‌ରେ ରାଖାଲ ଓ ପୂଜାସ୍ୱିନୀ ବ୍ୟକ୍ତିଗତ ଓ ଦଳଗତ ୬ ପଦକ ହାସଲ କରିଥିଲା ବେଳେ ଭି.ରମେଶ ରାଓ ବ୍ୟକ୍ତିଗତ ଓ ଦଳଗତ ଏବଂ ପ୍ରଫୁଲ୍ଲ ବ୍ୟକ୍ତିଗତ ଓ ଦଳଗତ ୪ଟି ଲେଖାଏ ପଦକ ପାଇଥିଲେ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଉପରୋକ୍ତ ୪ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରତିଯୋଗିତା ୨୨ ତାରିଖରେ ଶେଷ ହେବ।

'ଜେଡ୍' ସିମ୍ବଲ ପାଇଁ ରୁଷିଆ ଜିମ୍ନାଷ୍ଟ ବାସନ୍ଦ

ଲାଉସାନେ (ସୁଇଜରଲାଣ୍ଡ), ୧୮।୫ (ଏପି): ୟୁକ୍ରେନ ଉପରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରି ପୋଷାକରେ ଏକ 'ଜେଡ୍' ସିମ୍ବଲ ଦେଖାଇବାରୁ ରୁଷିଆନ ଜିମ୍ନାଷ୍ଟ ଭାନ କୁଲିଆକଙ୍କୁ ୧ ବର୍ଷ ଲାଗି ବାସନ୍ଦ କରାଯାଇଛି। କୁଲିଆକ ମାର୍ଚ୍ଚରେ ବିଶ୍ୱକପ୍ ପଦକ ବିତରଣ ଉତ୍ସବ ବେଳେ ନିଜ ପୋଷାକରେ 'ଜେଡ୍' ପ୍ରତୀକ ଟେପ୍ ଲଗାଇଥିଲେ, ଯାହାକି ୟୁକ୍ରେନ ଉପରେ ଆକ୍ରମଣ କରିଥିବା ରୁଷିଆ ଟ୍ୟାଙ୍କ୍ସ ଏବଂ ସାମରିକ ଗାଡ଼ିର ପ୍ରତୀକ। ବାସନ୍ଦାଦେଶ ସହିତ କୁଲିଆକଙ୍କୁ ପାରାଲାଲ ବାର୍ସରେ ଜିତିଥିବା ବ୍ରୋଞ୍ଜ ପଦକ ମଧ୍ୟ ଫେରାଇବାକୁ ପଡ଼ିବ। ଏ ନେଇ ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ ପକ୍ଷରୁ କୁହାଯାଇଛି। ୨୦ ବର୍ଷୀୟ କୁଲିଆକ ସ୍ୱର୍ଣ୍ଣ ପଦକ ବିଜେତା ୟୁକ୍ରେନ ଆଥ୍‌ଲେଟ୍‌ଙ୍କ ସହ ପୋଡିୟମରେ ଛିଡ଼ା ହୋଇଥିଲେ। କୁଲିଆକ 'ଜେଡ୍' ପ୍ରତୀକ ପରିଧାନ କରି ଫେଡେରେଶନର ଶୃଙ୍ଖଳା, ନୈତିକତା, କୋଡ୍ ଅଫ୍ କଣ୍ଡକ୍ଟ ଓ ଟେକନିକାଲ ରେଗୁଲେଶନ ଭଙ୍ଗ କରିଥିବା ଘଟଣାର ତଦନ୍ତକାରୀ କମିଶନ ପକ୍ଷରୁ କୁହାଯାଇଛି। ଟୋକିଓ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରି ନ ଥିବା କୁଲିଆକ ଫେଡେରେଶନର ଦଣ୍ଡାଦେଶ ବିରୋଧରେ ୨୧ ଦିନ ମଧ୍ୟରେ ଆବେଦନ କରିପାରିବେ।

ବିଶ୍ୱ ମହିଳା ବକ୍ସିଂ ଫାଇନାଲରେ ଜରିନ

ନୂଆଦିଲ୍ଲୀ, ୧୮।୫ (ପି.ଟି.)

ଇସ୍ତାନବୁଲରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ନିଖତ ଜରିନ (୫୨ କେଜି)। ଅନ୍ୟ ୨ ଭାରତୀୟ ବକ୍ସର ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମାନେ ହେଲେ ମନୀଷା ମୌନ (୫୭ କେଜି) ଓ ପରବୀନ ହୁଦା (୬୩ କେଜି)। ସେମିଫାଇନାଲରେ ବ୍ରାଜିଲର କାରୋଲିନ ଡି ଆଲମେଇଦାଙ୍କୁ ୫-୦ରେ ହରାଇ ଭାରତର ଏକମାତ୍ର ବକ୍ସରଭାବେ ଜରିନ ଟାଇଟଲ ମୁକାବିଲାରେ ପହଞ୍ଚିଛନ୍ତି। ମନୀଷା ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଇଟାଲିର ଇରମା ଟେଷ୍ଟାଙ୍କଠାରୁ ୦-୫ ଓ ପରବୀନ ୟୁରୋପିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଆମି ବ୍ରଡ୍‌ହୁର୍ଷ୍ଟଙ୍କଠାରୁ ହାରିଯିବାରୁ ବ୍ରୋଞ୍ଜ ପଦକ ପାଇଥିଲେ।

ନିଖତ ଜରିନ

ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ଜରିନ ଧୈର୍ଯ୍ୟର ସହିତ ମୁକାବିଲା କରି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଆଧିପତ୍ୟ ବିସ୍ତାର କରିଥିଲେ। କାରୋଲିନଙ୍କୁ ସେ ପ୍ରତ୍ୟାବର୍ତ୍ତନର ସୁଯୋଗ ନ ଦେଇ ପୂରା ୫ ପଏଣ୍ଟ ହାସଲ କରିଥିଲେ। ୬ ଥର ଚାମ୍ପିୟନ ଏମ୍.ସି. ମେରୀକମ୍, ସରିତା ଦେବୀ, ଜେନି ଆର.ଏଲ୍. ଓ ଲେଖା ସି. ପୂର୍ବରୁ ଭାରତୀୟ ମହିଳାଭାବେ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଏବେ ହାଇଦ୍ରାବାଦ୍ ଭିତ୍ତିକ ଜରିନ ଏହି ଏଲିଟ ତାଲିକାରେ ସାମିଲ ହେବାକୁ ସୁବର୍ଣ୍ଣ ସୁଯୋଗ ପାଇଛନ୍ତି। ନିଜର ଦ୍ୱିତୀୟ ବିଶ୍ୱ ଚାମ୍ପିୟନଶିପ୍‌ରେ ଅବତୀର୍ଣ୍ଣ ହୋଇଥିବା ୨୦୧୯ ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ମନୀଷା ଶକ୍ତିଶାଳୀ ପଞ୍ଚ୍ ମାଧ୍ୟମରେ ବିଜୟ ପାଇଁ ବହୁ ଚେଷ୍ଟା କରିଥିଲେ। ମାତ୍ର ବୈଷୟିକ ଦୃଷ୍ଟିରୁ ଉନ୍ନତ ଟେଷ୍ଟା ଚମତ୍କାର ଭାବେ ଡିଫେଣ୍ଡକରି ଫାଇଦାରେ ରହିଥିଲେ। ୨୦୦୬ରେ ଭାରତକୁ ପ୍ରତିଯୋଗିତାରୁ ସର୍ବାଧିକ ସଫଳତା ମିଳିଥିଲା। ଏହି ସଂସ୍କରଣରେ ଭାରତ ୪ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସମେତ ମୋଟ ୮ଟି ପଦକ ପାଇଥିଲା।

ଆଇଡବ୍ଲ୍ୟୁଏଲ୍: ସୁପ୍ରିୟାଙ୍କ ହ୍ୟାଟ୍ରିକ

ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି): ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ବୁଧବାର ୭ମ ବାଟାଲିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୬-୦ ଗୋଲରେ ହଂସ ଓମେନ ଫୁଟବଲ କ୍ଲବକୁ ପରାସ୍ତ କରିଛି। ଦଳ ପକ୍ଷରୁ ସୁପ୍ରିୟା ରାଉତରାୟ ୫୩, ୬୮ ଓ ୮୨ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିତା ୨୧, ସୁଭଦ୍ରା ସାହୁ ୩୯ ଓ ପ୍ୟାରୀ ଖାଖା ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୯ ମ୍ୟାଚରୁ ସ୍ପୋର୍ଟ୍ସ ଓଡ଼ିଶାର ଏହାଥିଲା ୫ମ ବିଜୟ। ୨ଟି ମ୍ୟାଚ ହାରିଥିବାବେଳେ ଦଳ ଅନ୍ୟ ୨ଟି ମ୍ୟାଚ ଡ୍ର ରଖି ମୋଟ ୧୭ ପଏଣ୍ଟ ହାସଲ କରିଛି।

ରାଜ୍ୟ ପୁରୁଷ ରଗ୍‌ବୀ: କିସ୍ ଚାମ୍ପିୟନ

ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି): କିଟ୍ ଓ କିସ୍‌ର ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ୭ମ ରାଜ୍ୟ ସିନିୟର ପୁରୁଷ ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୪ଟି ଜିଲା ଦଳ ଅଂଶଗ୍ରହଣ କରିଥିବାବେଳେ କିସ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ରନର୍ସଅପ୍ ଏବଂ ଜଗତ୍‌ସିଂହପୁର ତୃତୀୟ ସ୍ଥାନ ଅଧିକାର କରିଛି। ଫାଇନାଲରେ କିସ୍ ୨୫-୦୫ ପଏଣ୍ଟରେ ଭୁବନେଶ୍ୱରକୁ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ଶକ୍ତି ରଞ୍ଜନ ମହାନ୍ତି, କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା, ରଗ୍‌ବୀ ଇଣ୍ଡିଆ ହାଇପରଫର୍ମାନ୍ସ ସଂଯୋଜକ ମାନସ କୁମାର ଜେନା ଓ ଧିରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

କ୍ରିକେଟ୍‌ର ବିକାଶ ପାଇଁ ବିସିଏ ବଦ୍ଧପରିକର

ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି)

ରାଜଧାନୀ ଭୁବନେଶ୍ୱରରେ କ୍ରିକେଟ ଖେଳ ଓ ଖେଳାଳିଙ୍କ ଉନ୍ନତି ତଥା ପ୍ରତିଭାର ବିକାଶ ପାଇଁ ନବଗଠିତ ଭୁବନେଶ୍ୱର କ୍ରିକେଟ ଆସୋସିଏଶନ (ବିସିଏ) ବଦ୍ଧପରିକର। ଏହାକୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ଥାୟୀ ସ୍ୱୀକୃତି ଓ ସରକାରଙ୍କଠାରୁ ଅନୁଦାନ ମିଳିଲେ କ୍ରିକେଟ ଓ କ୍ରିକେଟରଙ୍କ ବିକାଶ ପାଇଁ ଥିବା ଲକ୍ଷ୍ୟ ହାସଲ ସହଜ ହୋଇପାରିବ ବୋଲି ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିସିଏ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ରାଜଧାନୀରେ ବିଭିନ୍ନ ଖେଳ ଓ ଖେଳାଳିଙ୍କ ବିକାଶର ଲକ୍ଷ୍ୟ ରଖି ୧୯୬୭ ମସିହାରେ ଗଠିତ ହୋଇଥିବା ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ଭୂମିକା ଯେପରି ରହିବା କଥା ତାହା ହୋଇନାହିଁ। ଯେଉଁ କ୍ରିକେଟ ଖେଳ ହେଉଛି କିମ୍ବା ଖେଳାଳି ବାହାରୁଛନ୍ତି ତାହା କ୍ଲବଗୁଡ଼ିକର ନିଷ୍ଠା ଓ ସମ୍ପୃକ୍ତ ଖେଳାଳିଙ୍କ ବ୍ୟକ୍ତିଗତ ସାଧନା ଯୋଗୁ ସମ୍ଭବ ହୋଇ ପାରିଛି। ତେଣୁ ଭୁବନେଶ୍ୱରର କ୍ରିକେଟ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏବଂ ରାଜଧାନୀର କ୍ରିକେଟ କ୍ଲବଗୁଡ଼ିକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ନିମନ୍ତେ ନୂଆ ସଙ୍ଗଠନର ପରିକଳ୍ପନା କରାଯାଇଛି। ଭୁବନେଶ୍ୱରର ବହୁ ପୂର୍ବତନ କ୍ରିକେଟର, କ୍ରିକେଟ ପ୍ରଶିକ୍ଷକ, କ୍ରିକେଟ କ୍ଲବମାନଙ୍କର ମିଳିତ ପ୍ରୟାସରେ ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର କ୍ରିକେଟ ଆସୋସିଏଶନ ଜନ୍ମ ନେଇଛି। ଏହା ସୋସାଇଟି ଆଇନ୍‌ରେ ପଞ୍ଜୀକୃତ ହୋଇଛି ଏବଂ ଲୋଧା କମିଶନ ସୁପାରିସ କରିଥିବା ନିୟମକୁ ପାଳନ କରାଯାଇଛି। ତେବେ ଆଗକୁ ବଢ଼ିବା ପାଇଁ ସଂଘକୁ ସ୍ୱୀକୃତି ଓ ମାନ୍ୟତାର ଆବଶ୍ୟକତା ରହିଛି। ତେଣୁ ବିସିଏକୁ ଭୁବନେଶ୍ୱରର ଅଧିକୃତ କ୍ରିକେଟ ଆସୋସିଏଶନ ଭାବେ ସ୍ୱୀକୃତି ଦେବାକୁ ଆମେ ଓସିଏ ସମ୍ପାଦକଙ୍କୁ ଅନୁରୋଧ କରିଛୁ ବୋଲି ସଭାପତି ମିହିର କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଏଥିସହିତ ଭୁବନେଶ୍ୱର ସବ୍‌ଡିଭିଜନର ସମସ୍ତ ପଞ୍ଜୀକୃତ କ୍ରିକେଟ କ୍ଲବଗୁଡ଼ିକ ସଂଘ ସହିତ ଅନୁବନ୍ଧିତ ହୋଇ କ୍ରିକେଟ ଖେଳକୁ ଆଗେଇ ନେବାପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିସିଏ ସମ୍ପାଦକ ବିଜୟ କୁମାର ରାୟ, ପ୍ରତିଷ୍ଠାତା ସଦସ୍ୟ ମନୋଜ ମହାପାତ୍ର, ରାଧାମାଧବ ହରିଚନ୍ଦନ, ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ସଭାପତି ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀ ଅବସରରେ ବିସିଏ କର୍ମକର୍ତ୍ତା ଓ ଅନ୍ୟମାନେ।

ଭୋପାଳରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ହକିରେ ଚାମ୍ପିୟନ ଓଡ଼ିଶା ଦଳକୁ ବୁଧବାର ଭୁବନେଶ୍ୱର ଫେରିବାପରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

ହକି ୫ଏସ୍ ପାଇଁ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୧୮।୫

ସୁଇଜରଲାଣ୍ଡର ଲାଉସାନେରେ ଜୁନ ୫ ଓ ୬ ତାରିଖରେ ହେବାକୁଥିବା ସର୍ବପ୍ରଥମ ଏଫ୍‌ଆଇଏଚ୍ ହକି ୫ଏସ୍ ଟୁର୍ନାମେଣ୍ଟ ପାଇଁ ବୁଧବାର ଭାରତୀୟ ଦଳ ଘୋଷିତ ହୋଇଛି। ୯ ଜଣିଆ ଦଳର ନେତୃତ୍ୱ ନେବେ ଗୁରିନ୍ଦର ସିଂ ଏବଂ ତାଙ୍କ ଡେପୁଟି ରହିବେ ସୁମିତ। ଭାରତୀୟ ପୁରୁଷ ହକି ଦଳ ମାଲେସିଆ, ପାକିସ୍ତାନ, ପୋଲାଣ୍ଡ ଓ ଆୟୋଜକ ସୁଇଜରଲାଣ୍ଡ ସହ ମ୍ୟାଚ ଖେଳିବ। **ଭାରତୀୟ ଦଳ:** ପଓ୍ୱନ, ସଞ୍ଜୟ, ମନଦୀପ ମୋର, ଗୁରିନ୍ଦର ସିଂ (ଅଧିନାୟକ), ସୁମିତ (ଉପ-ଅଧିନାୟକ), ରବିଚନ୍ଦ୍ର ସିଂ, ଦିଲପ୍ରୀତ ସିଂ, ମହମ୍ମଦ ରାହିଲ ମୌସିନ, ଗୁରସାହିବଜିତ ସିଂ। ଷ୍ଟାଣ୍ଡବାଇ: ପ୍ରଶାନ୍ତ କୁମାର ଚୌହାନ, ବବି ସିଂ ଧାମି, ସୁଦୀପ ଚିରମାକୋ।

ଏଫ୍‌ଆଇଏଚ୍ ହକି ୫ଏସ୍ ପାଇଁ ମନୋନୀତ ଭାରତୀୟ ଦଳ।

ଶୁଟିଂ ପ୍ରଶିକ୍ଷଣ ଶିବିରରେ ୯ ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାରଆର୍ମ ଟ୍ରେନିଂର ସାର୍ଟିଫିକେଟ କୋର୍ସ ଆରମ୍ଭ ହୋଇଛି। ପ୍ରଶିକ୍ଷଣର ଦ୍ୱିତୀୟ ବ୍ୟାଚ୍‌ରେ ୯ ଜଣ ପରୀକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ହାସଲ କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାରଆର୍ମ ଶୁଟିଂ ରେଞ୍ଜ୍‌ରେ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଶା ରାଇଫଲ ଆସୋସିଏଶନ ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ଓ ଓଡ଼ିଶାର ଏକମାତ୍ର ଆଇଏସ୍‌ଏସ୍‌ଏଫ୍ ସାର୍ଟିଫାଏଡ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩ ଦିନିଆ ଶିବିରରେ ପରୀକ୍ଷାର୍ଥୀ ମାନଙ୍କୁ ରାଇଫଲ, ପିସ୍ତଲ ଓ ଶଟ୍‌ଗନ୍ ସମ୍ବନ୍ଧିୟ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ ଓ ବନ୍ଧୁକର ଯତ୍ନ ସହ ବନ୍ଧୁକ ଚାଳନା ପ୍ରଶିକ

ପ୍ରାଣୀ ସହାୟକ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ବୋଲଗଡ,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସାନପଦର ଗ୍ରାମରେ ଏକ ପ୍ରାଣୀ ସହାୟକ କେନ୍ଦ୍ରର ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ୨୦୧୨/୧୩ ମସିହା ଆର୍ଥିକ ବର୍ଷରେ ସାନପଦରରେ ନିର୍ମାଣ ହେବାକୁ ଥିବା ଏହି ପ୍ରାଣୀ ସହାୟକ କେନ୍ଦ୍ରଟି କିଛି ବିବାଦ କାରଣରୁ ହୋଇପାରି ନ ଥିଲା। ତେବେ ୧୦ ବର୍ଷ ଧରି ଲାଗିଥିବା ବିବାଦର ଅନ୍ତ ଘଟାଇ ଶେଷରେ ସାନପଦର ପଞ୍ଚାୟତର ସମିତି ସଭ୍ୟ ଦିଲୀପ କୁମାର ମହାପାତ୍ରଙ୍କ ସହଯୋଗରେ ବ୍ଲକ ଉପାଧକ୍ଷ ରମେଶ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସାନପଦର ପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ତରଣ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିବା ବେଳେ ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ, ଶିକ୍ଷାବିତ ତ୍ରିଲୋଚନ ମହାନ୍ତି, ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ସଂକ୍ଷେପରେ

ଦନ୍ତା ଆକ୍ରମଣରେ ମହିଳା ଗୁରୁତର

ନିରାକାରପୁର,୧୮।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ବୁଧବାର ଗୋଟିଏ ଦନ୍ତା ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସେ ହେଲେ ସ୍ଥାନୀୟ କମାଗୁରୁ ପଞ୍ଚାୟତ ଅରିସଲ ଗ୍ରାମର ବିଳାସ ପ୍ରଧାନ। ଗ୍ରାମବାସୀ କହିବା ଅନୁଯାୟୀ, ବୁଧବାର ସକାଳ ୭ଟା ୧୫ରେ ବିଳାସ ତାଙ୍କ ଦୁଇ ନାତିଙ୍କୁ ନେଇ ନିଜ କାଜୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଗୋଠରୁ ଅଲଗା ହୋଇଯାଇଥିବା ଗୋଟିଏ ଦନ୍ତା ହାତୀ ଆସିଯାଇଥିଲା। ହାତୀଟି ବିଳାସଙ୍କୁ ଶୁଣ୍ଢରେ ଠେଲି ଦେବା ବେଳେ ନାତିଦ୍ୱୟ ଭୟରେ ଦୌଡ଼ି ଯାଇ ଗ୍ରାମବାସୀଙ୍କୁ କହିଥିଲେ। ଖବରପାଇ ଗ୍ରାମର କେତେଜଣ ଲୋକ ଓ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ହାତୀଟି ଛାଡି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା। ପରିବାର ଲୋକେ ଆହତ ମହିଳାଙ୍କୁ ସେଠାରୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଛି।

ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ବାଲୁଗାଁ,୧୮।୫(ଡି.ଏନ୍.ଏ.): ବାଲୁଗାଁ ବଜାରସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଏକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଶ୍ରମିକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସେ ହେଲେ କଟକ ସଦର ଥାନା ଅଧୀନ ଛଅତୋଳା ଗ୍ରାମର ବିଭୂତି ଭୂଷଣ ମଲ୍ଲିକ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଂ.୧୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଘଟଣାରୁ ପ୍ରକାଶ, ବିଭୂତି ତା'ର ସମ୍ପର୍କୀୟ ଭାଇ ସହ ବାଲୁଗାଁରେ ଏକ ଗୃହ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସକାଳ ପ୍ରାୟ ୯ଘଟିକା ସମୟରେ ବିଭୂତି ପାଣି ମୋଟର ପମ୍ପକୁ ବିଦ୍ୟୁତ୍ ସଂଯୋଗ କରୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ଏହା ଦେଖି କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଲୁଗାଁ ସରକାରୀ ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଡାକ୍ତର ବିଭୂତିଙ୍କୁ ମୃତ ଘୋଷଣା କରିଥିଲେ।

ବଜରଙ୍ଗବଲୀଙ୍କ ପଞ୍ଚମ ବାର୍ଷିକୋତ୍ସବ ଉଦ୍‌ଯାପିତ

ବୋଲଗଡ଼,୧୮।୫(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତର ସଂପୁର ଗ୍ରାମ ପଥରଚକଡାସ୍ଥିତ ହନୁମାନ ମନ୍ଦିର ପରିସରରେ ଶ୍ରୀ ବଜରଙ୍ଗବଲୀଙ୍କ ପଞ୍ଚମ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସୋମବାରଠାରୁ ଶୁଭାରମ୍ଭ ହୋଇଥିବା ଏହି ତ୍ରିଦିନାତ୍ମକ ଉତ୍ସବରେ ଅଖଣ୍ଡ ହନୁମାନ ଚାଳିଶା ନାମଯଜ୍ଞରେ ବୁଧବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ବଜରଙ୍ଗବଲୀ ଯୁବ ସଂସଦ ଓ ସଂପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଧର୍ମାନୁଷ୍ଠାନରେ ପ୍ରତ୍ୟହ ଅନେକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁପ୍ରସାଦ ଲାଭ କରିଥିଲେ। ଶେଷଦିନର କଳସ ଯାତ୍ରାରେ ଗ୍ରାମର ମହିଳା ପୁରୁଷମାନେ ନିକଟସ୍ଥ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରିବା ପରେ ଜଳ କଳସ ମୁଣ୍ଡରେ ଧରି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପରେ ଅନ୍ୟାନ୍ୟ ନୀତିକାନ୍ତି ସହ ମଙ୍ଗଳବାର ଅଖଣ୍ଡ ହନୁମାନ ଚାଳିଶା ପଠନ ଆରମ୍ଭ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ଗ୍ରାମ ପରିକ୍ରମା କରାଯାଇଥିଲା। ଛୋଟପିଲା ଓ ବାଳକମାନେ ମୁଖାପନ୍ଧି ହନୁମାନ ବେଶରେ ସଜ୍ଜିତ ହୋଇ ଏଥିରେ ସାମିଲ ହୋଇଥିଲେ।

ଶିକ୍ଷାବିତ୍ ଗଣେଶ୍ୱର ସାମନ୍ତସିଂହାରଙ୍କ ସ୍ମୃତିସଭା

ବୋଲଗଡ଼,୧୮।୫(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ଅନ୍ତର୍ଗତ ଜରିପଡା ଗ୍ରାମରେ ଗଣେଶ୍ୱର ସାମନ୍ତସିଂହାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଶିକ୍ଷାବିତ ଗଣେଶ୍ୱର ସାମନ୍ତସିଂହାରଙ୍କ ୭ମ ଶ୍ରାଦ୍ଧବାର୍ଷିକ ଓ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାବିତ ସୁମନ୍ତ ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଖୋର୍ଦ୍ଧା ଜିଲା ସମ୍ପାଦକ ପ୍ରକାଶ ବିଜୁଳି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରଘୁନାଥ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଦେବରାଜ ପଲେଇ ଯୋଗଦେଇଥିଲେ। କାଳୀଚରଣ ଜୟସିଂ ଓ କୈଳାସ ଚନ୍ଦ୍ର ସାହୁଙ୍କୁ ଶିକ୍ଷାବିତ୍ ଭାବେ, ଚିତ୍ତରଞ୍ଜନ ପ୍ରଧାନଙ୍କୁ ସାହସିକ ପୁରସ୍କାର, ସୁଜାତା ପାୟଲଙ୍କୁ ନାରୀ ସଶକ୍ତୀକରଣ ପାଇଁ, ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପ୍ରିୟବ୍ରତ ପଟ୍ଟନାୟକ, ସୁବ୍ରତ ପ୍ରଧାନ ଓ ଡା. ମାନସ ରଞ୍ଜନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜକ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ପାର୍ଥ ପ୍ରତିଭା ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

ଗ୍ରାମ୍ୟ ଜଙ୍ଗଲରେ ପାଚେରି ନିର୍ମାଣକୁ ବିରୋଧ

ଖୋର୍ଦ୍ଧା ଅଫିସ,୧୮।୫

୨ ପଡ଼ୋଶୀ ଜିଲାର ଗ୍ରାମବାସୀ ଗୁହାଁଗୁହିଁ

- ତହସିଲଦାରଙ୍କ ଏକତରଫା ନିଷ୍ପତ୍ତିକୁ ବିରୋଧ
- ତର୍ଜମା ପରେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲାପାଳ

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଓ ବେଗୁନିଆ ଥାନା ଅନ୍ତର୍ଗତ ଗୋପୀନାଥପୁର (ଧଳାପଥର) ଏବଂ କଟକ ଜିଲା କଳାପଥର ଗ୍ରାମର ସୀମା ରହିଛି। କୃଷି, ବ୍ୟବସାୟ ଲାଗି ଉଭୟ ଅଞ୍ଚଳବାସୀ ପରସ୍ପର ଉପରେ ନିର୍ଭରଶୀଳ। ତେବେ ଗୋପୀନାଥପୁର ଗ୍ରାମ ସୀମାରେ ରହିଥିବା ସରକାରୀ ଗ୍ରାମ୍ୟ ଜଙ୍ଗଲରେ କଟକ ଜିଲା କଳାପଥର-ଧଳାପଥର ସରକାରୀ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ବେଆଇନ ଭାବେ ପାଚେରୀ ନିର୍ମାଣକୁ ନେଇ ଦୁଇ ଜିଲା ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ପାଚେରୀ ନିର୍ମାଣ ପ୍ରତିବାଦରେ ଗୋପୀନାଥପୁର ଗ୍ରାମବାସୀ ବୁଧବାର ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଗୋପୀନାଥପୁର ମୌଜାର ଓଷାଗାଡ଼ିଆ ସାହି ସଂଲଗ୍ନ କଟକ ଜିଲା କଳାପଥର-ଧଳାପଥର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ସରକାରୀ ଖାତା ନଂ. ୨୧୮, ପ୍ଲଟ ନଂ. ୩୮୩ରେ କିସମ- ଗ୍ରାମ୍ୟ ଜଙ୍ଗଲ (ଏ. ୧.୯୮୮) ସମେତ ପ୍ଲଟ ନଂ. ୩୬୭ରେ ଏ ୦.୬୭୭ (୩), ପ୍ଲଟ ନଂ. ୩୭୧ରେ ଏ୦.୧୩୫,(୪), ପ୍ଲଟ ନଂ. ୩୭୩ରେ ଏ ୨.୧୮୫(୫), ପ୍ଲଟ ନଂ. ୩୭୪ରେ ଏ ୦.୦୪୫ (୬), ପ୍ଲଟ ନଂ. ୩୭୫ରେ ଏ ୦.୧୩୫ ଡି ଏବଂ ଖାତା ନଂ. ୨୧୭ ପ୍ଲଟ ନଂ. ୩୮୧ରେ ଏ ୨.୨୧୦କୁ ଗ୍ରାମବାସୀ ପୁରୁଷାନୁକ୍ରମେ ଭୋଗ ଦଖଲ କରିଆସୁଛନ୍ତି। ଏହି ସରକାରୀ ଜାଗାର ପ୍ଲଟ ନଂ. ୩୮୩ରେ ଧଳାପଥର ଫାଣ୍ଡି ନିକଟସ୍ଥ ମୁଖ୍ୟରାସ୍ତାରୁ ଓଷାଗାଡିଆ ସାହି ଦେଇ କଟକ ଜିଲା ସୀମା ରହିଛି। ଏହି ସୀମାରେ ଥିବା କଳାପଥର-ଧଳାପଥର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଅନ୍ୟ ଏକ ରାସ୍ତା ମାଧବ ମହାପାତ୍ରଙ୍କ କମାରଶାଳଠାରେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ଏହି ଦୁଇ ରାସ୍ତା ଦେଇ ଲୋକେ ଯିବା ଆସିବା କରନ୍ତି। ଅନେକ ଚାଷୀ ପ୍ଲଟ ନଂ. ୩୮୩ରେ ସେମାନଙ୍କ ଚାଷଜମିକୁ ହଳ ଲଙ୍ଗଳ ଓ ଟ୍ରାକ୍ଟର ସମେତ କୃଷି ଯନ୍ତ୍ରପାତି ନେବା ଆଣିବା କରିଥାନ୍ତି। ଏହି ପ୍ଲଟରେ ଗ୍ରାମ୍ୟ ଜଙ୍ଗଲ ସୂଚିତ ହୋଇଥିବାବେଳେ ତତ୍‌ସଂଲଗ୍ନ କିଛି ସରକାରୀ ପ୍ଲଟକୁ ଗୋପୀନାଥପୁର ଗ୍ରାମର ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ଏଥିସହ ବରିଷ୍ଠ ନାଗରିକ ପ୍ରାତଃଭ୍ରମଣ କରିଥାନ୍ତି। ତେବେ ଗତ ମାର୍ଚ୍ଚ ୩୦ରେ କଳାପଥର-ଧଳାପଥର ସରକାରୀ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାକ ସୂଚନା ବିନା ଧଳାପଥର ରାସ୍ତାକୁ ଅବରୋଧ କରି ସେଠାରେ ପାଚେରୀ ନିର୍ମାଣ କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ସଂପୃକ୍ତ ଗ୍ରାମବାସୀ ଧଳାପଥର ଗ୍ରାମ୍ୟ କମିଟି ଓ ପଞ୍ଚାୟତର ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରୀ ଜାଗାରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ ସହ କୌଣସି ସରକାରୀ ଅଥବା ବେସରକାରୀ ଅନୁଷ୍ଠାନକୁ ଏହାକୁ ହସ୍ତାନ୍ତର କରା ନ ଯିବାକୁ ସମୂହ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ପଞ୍ଚାୟତ ତରଫରୁ ସେଠାରେ ମିନି ଷ୍ଟାଡିୟମ ନିର୍ମାଣ ଲାଗି ପ୍ରସ୍ତାବ ପାରିତ ହୋଇଛି। ଏ ସମ୍ପର୍କରେ ପୂର୍ବରୁ ସ୍ଥାନୀୟ ପ୍ରଶାସନ ନିକଟରେ କରାଯାଇଥିବା ଅଭିଯୋଗ ପ୍ରକାରେ ବୋଲଗଡ ତହସିଲଦାର ମଙ୍ଗଳବାର କଟକ ବାଙ୍କୀ ବ୍ଲକ ଅଧୀନ କଳାପଥର -ଧଳାପଥର ସରକାରୀ ବିଦ୍ୟାଳୟର କେତେଜଣ ସେବା ନିବୃତ୍ତ କର୍ମଚାରୀ ଉକ୍ତ ସ୍ଥଳରେ ପହଞ୍ଚି ଥିଲେ। ଏହି ସମୟରେ ଧଳାପଥର ପଞ୍ଚାୟତ ପ୍ରତିନିଧି ଅଥବା ଅଭିଯୋଗକାରୀଙ୍କୁ ଘଟଣାସ୍ଥଳକୁ ଡକାଯାଇ ନ ଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ଅନୁପସ୍ଥିତିରେ ତହସିଲଦାରଙ୍କ ଏକତରଫା ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବୋଲଗଡ଼ ତହସିଲଦାର ଗ୍ରାମ୍ୟ ଜଙ୍ଗଲ ଜାଗାରେ ନିର୍ମାଣ କାର୍ଯ୍ୟକୁ ପ୍ରଶ୍ରୟ ଦେବା ଯୋଗୁ ପଞ୍ଚାୟତ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଗୋପୀନାଥପୁର ମୌଜାର କିଛି ଜମିକୁ ସଂପୃକ୍ତ ହାଇସ୍କୁଲ କର୍ତ୍ତୃପକ୍ଷ ବେଆଇନ ଭାବେ ନିଜ ନାମରେ ରେକର୍ଡଭୁକ୍ତ କରାଇ ନେଇଥିବା ବେଳେ ଏବେ ଗ୍ରାମ୍ୟ ଜଙ୍ଗଲ ଜମିକୁ ମଧ୍ୟ ନିଜ ଅଧିକାରରେ ନେବାକୁ ଚକ୍ରାନ୍ତ କରୁଛନ୍ତି। ବୋଲଗଡ଼ ତହସିଲଦାର ଗୋପୀନାଥପୁର ପଞ୍ଚାୟତବାସୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ କଳାପଥର ଗ୍ରାମବାସୀଙ୍କୁ ପରୋକ୍ଷରେ ସହଯୋଗ କରୁଥିବା ଗୋପୀନାଥପୁର ପଞ୍ଚାୟତ ବାସିନ୍ଦା ଅଭିଯୋଗ କରିଛନ୍ତି। ଏନେଇ ଗୋପୀନାଥପୁର ଗ୍ରାମରେ ଅସନ୍ତୋଷର ଦାନା ବାନ୍ଧୁଛି। ତୁରନ୍ତ ସମାଧାନ କରା ନ ଗଲେ, ଆଗାମୀ ଦିନରେ ଏହି ଅସନ୍ତୋଷର ନିଆଁ ଉଗ୍ରରୂପ ଧାରଣ କରିବ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଉପରେ ତର୍ଜମା ସହ ତହସିଲଦାରଙ୍କ ସହିତ ଆଲୋଚନା କରାଯିବ। ଏହାପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ରାଜା ବଜାରରେ ବୋମାମାଡ଼ ଘଟଣା, ୨ ଗିରଫ

ଜଟଣୀ,୧୮।୫(ଡି.ଏନ୍.ଏ.)

ଜଟଣୀ ଥାନା ଅଧୀନ ରାଜା ବଜାରରେ ଗତ ୧୧ତାରିଖରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଗଜପତିନଗରର ଲାଲ ଖାନ ଓରଫ ଲାଲ (୫୩) ଏବଂ ରାଜାବଜାର ଇମାମବଡା ଅଂଚଳର ଖଲିଲ ସାହା ଓରଫ ସୁଜିତ। ଏ ନେଇ ପୋଲିସ ଏକ ମାମଲା(ନଂ.୧୭୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରାଜା ବଜାର ଉପରେ କିଛିଦିନ ତଳେ କେତେଜଣ ଦୁର୍ବୃତ୍ତ ବ୍ୟବସାୟୀଙ୍କୁ ଭୟଭୀତ କରିବା ପାଇଁ ବୋମା ମାଡ଼ କରିଥିଲେ। ଏଥିରେ କେହି ଆହତ ହୋଇ ନ ଥିବାବେଳେ ବୋମାମାଡ଼ କରୁଥିବାର ଏକ ଦୃଶ୍ୟ ସ୍ଥାନୀୟ ଏକ ଦୋକାନ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ସ୍ଥାନୀୟ ସିସିଟିଭିରୁ ମିଳିଥିବା ପ୍ରମାଣ ଓ ପାରିପାର୍ଶ୍ୱିକ ତଥ୍ୟ ଆଧାରରେ ଲାଲ୍ ଓ ସୁଜିତଙ୍କୁ ଗିରଫ କରି ପଚରାଉଚରା ଚଳାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

ବାଲୁଗାଁ ନିକଟ ବଡ଼କୂଳସ୍ଥିତ ଓଡ଼ିଆ ଆର୍ଟ ସେଣ୍ଟରରେ ଚାଲିଥିବା ବିଶ୍ୱ ମ୍ୟୁଜିୟମ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

ପାରମ୍ପରିକ ଖୋଦେଇ କାର୍ଯ୍ୟର ପ୍ରଦର୍ଶନ

ବାଲୁଗାଁ,୧୮।୫(ଡି.ଏନ୍.ଏ.)

ବିଶ୍ୱ ମ୍ୟୁଜିୟମ ଦିବସ ପାଳିତ

ବାଲୁଗାଁ ନିକଟ ବଡ଼କୂଳସ୍ଥିତ ଓଡ଼ିଆ ଆର୍ଟ ସେଣ୍ଟର ଓ ସ୍ଥାନୀୟ ମ୍ୟୁଜିୟମରେ ସାତଦିନ ବ୍ୟାପୀ ଚାଲିଥିବା ବିଶ୍ୱ ମ୍ୟୁଜିୟମ ଦିବସ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ତାରିଖରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଓଡ଼ିଆ ଆର୍ଟ ସେଣ୍ଟରର ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାଶ ଓ ମାନସ ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ପର୍ଯ୍ୟଟନ ବିଭାଗୀୟ ଆଞ୍ଚଳିକ ସହ ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କୀ ତତ୍ତ୍ୱାବଧାନରେ ସ୍ଥାନୀୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭାରତୀୟ ପର୍ଯ୍ୟଟନ ବିଭାଗ ତରଫରୁ ଭ୍ରମଣକାରୀମାନଙ୍କୁ ଅଧିକ ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ଦିଆଯିବ ବୋଲି ତିର୍କୀଙ୍କ ବକ୍ତବ୍ୟ ରଖିଥିଲେ। ଏଥିସହିତ ମୁମ୍ବାଇସ୍ଥିତ ଆଇଆଇଟି ପ୍ରଫେସର ରାଜାରାମ ମୋହନ ମହାନ୍ତିଙ୍କ ଦ୍ୱାରା ସେରାମିକ ଏବଂ ଭାଷା ସାହିତ୍ୟ ଓ ସଂସ୍କୃତି କର୍ମଶାଳା ଉଦ୍‌ଘାଟିତ ହୋଇଥିଲା। ଏହି ସେରାମିକ କଳାକୃତିର ପ୍ରଚାର ପ୍ରସାର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ଅନ୍ତିମ ଦିବସରେ କଳା ସଂସ୍କୃତି ବିଶେଷଜ୍ଞ ପ୍ରଫେସର ଜିତୁ ମିଶ୍ର ଓ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟର ନିର୍ଦ୍ଦେଶକ ମୋହନ ଚୌଧୁରୀଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଅନୁଷ୍ଠିତ ହେବା ସହ ମ୍ୟୁଜିୟମରେ ପାରମ୍ପରିକ କାଠ ଖୋଦେଇ କାର୍ଯ୍ୟର ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଓଡ଼ିଶାର କଳାଭାସ୍କର୍ଯ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମ୍ୟୁଜିୟମକୁ ଆସିଥିବା ସମସ୍ତ ଦର୍ଶକଙ୍କୁ ବିନାଦେୟରେ ଦର୍ଶନର ସୁବିଧା ଦିଆଯିବା ସହ ମିଠା ଓ ଚକୋଲେଟ ଦିଆଯାଇ ସ୍ୱାଗତ କରାଯାଇଥିଲା। କଳାକାର ଗଣେଶ୍ୱର ସେଠୀ ଓ ଏସ୍. ମାର୍କଣ୍ଡଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ଦାସକାଠିଆ ଏବଂ ଖଞ୍ଜଣି କଳା ଆଦି ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ଆଚାର୍ଯ୍ୟ, ସଞ୍ଜୀବ ସାହା, ଶୁଭମ ରାୟଙ୍କ ସମେତ ମ୍ୟୁଜିୟମରେ କାର୍ଯ୍ୟରତ ଶୁଭଶ୍ରୀ ଜେନା, ସୁମତି ମଲ୍ଲିକ, ଶ୍ରଦ୍ଧାଞ୍ଜଳି ବେହେରା ଏବଂ ସୁଶାନ୍ତ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

ବଳରାମ ଦେବ ବିଦ୍ୟାପୀଠକୁ ମିଳିଲା ଜମିପଟ୍ଟା

ଟାଙ୍ଗୀ(ଖୋର୍ଦ୍ଧା), ୧୮।୫ (ଡି.ଏନ୍.ଏ.)

ଦୀର୍ଘ ୮୦ ବର୍ଷ ପରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବଳରାମ ଦେବ ବିଦ୍ୟାପୀଠକୁ ୩ ଏକର ୧୯୦ ଡିସିମିଲ ନିଜସ୍ୱ ଜମିର ପଟ୍ଟା ମିଳିଯାଇଛି। ବ୍ଲକ ପରିସରରେ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କଠାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ ଜମିପଟ୍ଟା ଗ୍ରହଣ କରିଥିଲେ। ୧୯୪୩ ମସିହାରୁ ପ୍ରତିଷ୍ଠା ଲାଭ କରିଥିବା ବଳରାମ ଦେବ ବିଦ୍ୟାପୀଠର ୧୦ ଏକରରୁ ଊର୍ଦ୍ଧ୍ୱ ଜମି ଥିଲା। କିନ

ଏଟିଏମ୍‌ରୁ ଟଙ୍କା ଚୋରି କରି ଯୁବକ ଗିରଫ

ପୁରୀ ଅଫିସ, ୧୮।୫: ତାଳବଣିଆ ଥାନା ଅନ୍ତର୍ଗତ ପିକେଆଇଟି କଲୋନୀର ଏକ ଏଟିଏମ୍ କାଉଣ୍ଟରରୁ ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗର ଉତ୍ତର ଦିନାଜପୁର ଜିଲାର ମୁଜାଇଦୁଲ ହକ୍ (୩୮)। ସେ ତାଳବଣିଆ ମେରାଇନ ଥାନା ଅନ୍ତର୍ଗତ ବାଲିଗୁଆଳି ଅଞ୍ଚଳରେ ରହୁଥିଲେ। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ଏ ନେଇ ଏକ କେସ୍ (ନଂ. ୫୭/୨୨) ରୁଜୁ କରିଛି। ଗତ ଏପ୍ରିଲ ୧୫ରେ ଗୋଲକ ବିହାରୀ ବେହେରା ପିକେଆଇଟି କଲୋନୀସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ କାଉଣ୍ଟରରୁ ୨୦ ହଜାର ଟଙ୍କା ଉଠାଇଥିଲେ। ଭୁଲବଶତଃ ଏଟିଏମ କାର୍ଡକୁ ସେଠାରେ ଛାଡ଼ି ଆସିଥିଲେ। ଏହି ସମୟ ମଧ୍ୟରେ ମୁଜାଇଦୁଲ ଏଟିଏମ୍ କାର୍ଡ ସହ କାର୍ଡ କଭରରେ ଲେଖାଥିବା ପାସ୍‌ୱାର୍ଡ ପାଇ ୧୦ହଜାର ଟଙ୍କା ଉଠାଇନେଇଥିଲେ। ଏ ନେଇ ଗୋଲକ ଥାନାରେ ଏତଲା ଦେଇଥିଲେ।

ସଂକ୍ଷେପରେ

ତେଇଶିପୁର ସମିତିରେ ମୁଗ, ବିରି ମଣ୍ଡି ଖୋଲିଲା

ପିପିଲି,୧୮।୫(ଡି.ଏନ୍.ଏ.)- ପିପିଲି ବ୍ଲକ ଅର୍ନ୍ତଗତ ତେଇଶିପୁର ଓ ସୁଆବରାଇ ପ୍ରାଥମିକ କୃଷି ସମବାୟ ସମିତିରେ ରବି ଋତୁ ୨୧/୨୨ ପାଇଁ ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖି ଶସ୍ୟ ସଂଗ୍ରହ ପାଇଁ ବୁଧବାର ମଣ୍ଡି ଖୋଲାଯାଇଛି। ତେଇସିପୁର ସମବାୟ ସମିତିରେ ସରପଞ୍ଚ ରଶ୍ମିତା ସେନାପତି, ଧରଣୀଧର ସାହୁ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡି ୯୦ଦିନ ଧରି ଖୋଲିବାକୁ ଥିବାବେଳେ ପ୍ରଥମ ଦିନରେ ତେଇସିପୁର ସେବା ସମବାୟ ସମିତି ପକ୍ଷରୁ ୩୦କୁଇଣ୍ଟାଲ ମୁଗ କ୍ରୟ କରାଯାଇଥିବା ମାର୍କଫେଡ ମ୍ୟାନେଜର ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି। ସେହିପରି ସୁଆବରାଇ ସେବା ସମବାୟ ସମିତିରେ ମୁଗ ମଣ୍ଡି ଖୋଲାଯାଇଥିଲେ ବି ସୁଦ୍ଧା ସେଠାରେ କୌଣସି ପ୍ରକାର ଶସ୍ୟ ସଂଗ୍ରହ ହୋଇପାରି ନ ଥିବାରୁ ମଣ୍ଡିରେ କ୍ରୟ କାର୍ଯ୍ୟ ହୋଇ ନାହିଁ। ପିପିଲି ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ଦାଶ, ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ, ଶସ୍ୟକ୍ରୟ ଅଧିକାରୀ ରଶ୍ମିରଞ୍ଜନ ନାୟକ, ତେଇଶିପୁର କୃଷି ଗ୍ରାମ୍ୟ ସେବକ ସମୀର ନାୟକ, ତେଇଶିପୁର ସେବା ସମବାୟ ସମିତି ସମ୍ପାଦକ ଅବକାଶ ପରିଡା, ମାନ ନିର୍ଦ୍ଧାରକ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତଥିଲେ।

ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୮।୫(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଡେଣୁଅଁବସ୍ତ ଗ୍ରାମରୁ ଜଣେ ବିଧବାଙ୍କ ଝୁଲନ୍ତା ମୃତଦେହ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ରଶ୍ମିମାଳା ପ୍ରଧାନ(୫୧)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ସ୍ୱାମୀଙ୍କ ମୃତ୍ୟୁ ପରେ ରଶ୍ମିମାଳା ଦୀର୍ଘ ୨୦ ବର୍ଷ ଭାଇ ସୁବାସ ଚନ୍ଦ୍ର ପ୍ରଧାନଙ୍କ ସହ ଡେଣୁଅଁବସ୍ତ ଗ୍ରାମରେ ରହୁଥିଲେ। ଗତ କିଛି ମାସ ହେଲା ରଶ୍ମିମାଳା ମାନସିକ ଚିନ୍ତାରେ ରହୁଥିଲେ। ସେ ବୁଧବାର ସକାଳେ ନିତ୍ୟକର୍ମ ସାରି ଶୋଇବା ଘରେ ଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେ ଘରୁ ନ ବାହାରିବାରୁ ତାଙ୍କ ଭାଇ ଯାଇ କବାଟ ବାଡେଇଥିଲେ। ମାତ୍ର ସେ ଖୋଲି ନ ଖୁଲେ। କବାଟ ଭଙ୍ଗା ଯିବା ପରେ ରଶ୍ମିମାଳାଙ୍କୁ ଫ୍ୟାନରେ ଝୁଲୁଥିବା ସୁବାସ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରଶ୍ମିମାଳାଙ୍କ ମୃତଦେହ ଜବତ କରିଛି। ସେ ମାନସିକ ଚିନ୍ତାଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ସୁବାସ ଅଭିଯୋଗରେ ଦର୍ଶାଇଛନ୍ତି।

ରୋଟାରୀ କ୍ଲବ ଅଫ ପୁରୀ ସାଗରକୁ ଜିଲା ଗଭର୍ନରଙ୍କ ପରିଦର୍ଶନ

ପୁରୀ ଅଫିସ, ୧୮।୫: ପୁରୀ କ୍ଲବ ପରିସରରେ ରୋଟାରୀ କ୍ଲବ ଅଫ୍ ପୁରୀ ସାଗରକୁ ବୁଧବାର ଜିଲା ଗଭର୍ନର ପରିଦର୍ଶନ କରିଛନ୍ତି। କ୍ଲବର ସଭାପତି ରୋଟାରିଆନ ସରୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୩୨୬୨ର ଜିଲା ଗଭର୍ନର ରୋଟାରିଆନ ଶାନ୍ତନୁ ପାଣି, ପ୍ରଥମ ମହିଳା ଝରଣା ପାଣି, ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଗଭର୍ନର ସତ୍ୟେନ୍ଦ୍ର କୁମାର ସ୍ୱାଇଁ ଓ କ୍ଲବ ସମ୍ପାଦକ ରୋଟାରିଆନ ଅରୁଣ କୁମାର ଗଜେନ୍ଦ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବର ଚାର୍ଟର ସଭାପତି ଅଶୋକ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ସଦସ୍ୟ ଭାବେ ରାଜେନ୍ଦ୍ର ବେହେରାଙ୍କୁ ଡିଜି ପିନ୍ ପ୍ରଦାନ ପୂର୍ବକ ସଦସ୍ୟ ଭାବେ ଗ୍ରହଣ କରିଥିଲେ। ସେହିପରି ବିନା ଅର୍ଥରେ ଗରିବ ଲୋକଙ୍କୁ କୋର୍ଟରେ ଆଇନଗତ ସହାୟତା ଯୋଗାଇ ଦେଉଥିବା ଆଇନଜୀବୀ ବେଦ୍ୟନାଥ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଭାପତି ପ୍ରଦାନ କରିଥିବା ୫ଟି ଅକ୍ସିଜେନ୍ ସିଲିଣ୍ଡରକୁ ଡିଜି ରୋଟାରିଆନ ପାଣି ଉଦ୍‌ଘାଟନ କରିଥିଲେ। ପୂର୍ବତନ ସଭାପତି ଯୁଧିଷ୍ଠିର ଲେଙ୍କାଙ୍କୁ ଡିଜି ରୋଟାରିଆନ ପାଣି ସମ୍ବର୍ଦ୍ଧିତ କରିଥିଲେ। ଡିଷ୍ଟ୍ରିକ୍ଟ ସେକ୍ରେଟାରୀ ପ୍ରଶାସନ ନିରଜ ପଣ୍ଡା, ଜୋନାଲ ଚେୟାରମ୍ୟାନ ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସମ୍ପାଦକ ହିମାଂଶୁ ମୋହନ ମହାନ୍ତି, ଆସନ୍ତା ବର୍ଷର ସଭାପତି ଧବଳେଶ ମହାପାତ୍ର ଓ ସମ୍ପାଦକ ପ୍ରମୋଦ ସ୍ୱାଇଁ, ୨୦୨୩-୨୪ର ସଭାପତି ରାଜଦୀପ ଘୋଷ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ନୂଆନଈ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲବ ପକ୍ଷରୁ ଏକ ଥଣ୍ଡା ପାନୀୟ ଜଳ ମେଶିନ୍ ସ୍ଥାପନ କରାଯାଇଥିଲା। ଜିଲା ଗଭର୍ନର ରୋଟାରିଆନ ଶାନ୍ତନୁ ପାଣି ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ପ୍ରଶାନ୍ତ ସ୍ୱାଇଁ ଓ ପ୍ରବୀର କୁମାର ସ୍ୱାଇଁ, ଭାଗିରଥୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ ଶ୍ୟାମ କାହ୍ନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଜିପିଆର୍‌ଏସ୍ ବିନା ଖନନ: ଐତିହ୍ୟ କୀର୍ତ୍ତିରାଜି ନଷ୍ଟ

ପୁରୀ ଅଫିସ, ୧୮।୫:

ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ଏମାର ମଠ। ଅତୀତରେ ଏହି ମଠ ପରିସରରୁ ରୁପା ଇଟା ବାହାରିଥିବାବେଳେ ଏବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ଖନନ ସମୟରେ ପ୍ରାଚୀନ କାଳର ପଥର ନିର୍ମିତ ସିଂହମୂର୍ତ୍ତି ବାହାରିଛି। ତେବେ ମୂର୍ତ୍ତିଟି ଭାଙ୍ଗିଯାଇଥିବା ଏବଂ ଜିପିଆର୍‌ଏସ୍ ନ ହୋଇ ଖନନ ଯୋଗୁ ଐତିହ୍ୟ କୀର୍ତ୍ତିରାଜି ନଷ୍ଟ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ପୁରୀ ସହରର କେତେଜଣ ବ୍ୟକ୍ତିବିଶେଷଙ୍କ ମତାମତ ଭିତ୍ତିକ ଉପସ୍ଥାପନା।

ସିଂହମୂର୍ତ୍ତି ମିଳିଥିବା ସ୍ଥାନରେ ପୂର୍ବରୁ ୩ ଗୃହ ଥିଲା

ଏମାର ମଠର ଯେଉଁ ସ୍ଥାନରୁ ଭଗ୍ନ ସିଂହମୂର୍ତ୍ତି ମିଳିଛି, ସେଠାରେ କେବେ ବି ଗୋଟିଏ ସିଂହମୂର୍ତ୍ତି ରହି ନ ଥିବ। କାରଣ ମନ୍ଦିରଗୁଡ଼ିକର ଦୁଇପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ରହିଥାଏ। ଯେଉଁଠୁ ସିଂହ ମୂର୍ତ୍ତି ମିଳିଛି, ସେଠାରେ ପୂର୍ବରୁ ତିନୋଟି ଗୃହ ଥିଲା। ଗୋଟିଏ ମଠର ଗୁପ୍ତ ଉପାସନା ଗୃହ, ଆଉ ଗୋଟିଏ ଗୁପ୍ତ ଭଣ୍ଡାର ଘର ଏବଂ ଅନ୍ୟ ଘର ମଠ ମହନ୍ତମାନଙ୍କ ବ୍ୟବହୃତ ଲାଗି ଉଦ୍ଦିଷ୍ଟ ଥିଲା। ଏହି ଗୃହଗୁଡ଼ିକ ମଠର ତଳ ମହଲାରେ ଥିଲା। ଉକ୍ତ ଘରଗୁଡ଼ିକୁ ମଠର ମହନ୍ତ କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିମାନେ ଆସୁଥିଲେ। ସେହିପରି ବିଶେଷ ଦିନଗୁଡ଼ିକରେ ଗୃହଗୁଡ଼ିକ ଖୋଲାଯାଇ ଉପାସନା କରାଯାଉଥିଲା। ତେବେ କାଳକ୍ରମେ ସିଂହଦ୍ୱାର ରାସ୍ତା ୧୪ ଫୁଟ ଉଚ୍ଚ ହେବା ପରେ ଗୃହଗୁଡ଼ିକ ଅଣ୍ଡର ଗ୍ରାଉଣ୍ଡ ହୋଇ ରହିଗଲା। ରାମାନୁଜ ଆଚାର୍ଯ୍ୟଙ୍କ ଶିଷ୍ୟମାନେ ତାଙ୍କର ୩ ଫୁଟ ୬ଇଞ୍ଚର ଏକ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରି ଗୁପ୍ତ ଉପାସନା ଗୃହରେ ପୂଜା କରୁଥିଲେ। ମିଳିଥିବା ସିଂହମୂର୍ତ୍ତିଟି ସେହି ଉପାସନା ଗୃହର ଦ୍ୱାରଦେଶରେ ରହିଥିଲା। ଗୋଟିଏ ସିଂହମୂର୍ତ୍ତି ମିଳିଛି ମାନେ ଅନ୍ୟ ଗୋଟିଏ ସିଂହମୂର୍ତ୍ତି ନିଶ୍ଚିତ ଥିବ। ତେବେ ଅନ୍ୟ ମୂର୍ତ୍ତିଟି ଭାଙ୍ଗିଯାଇଛି କିମ୍ବା ପୋତି ହୋଇରହିଛି। କିନ୍ତୁ ବର୍ତ୍ତମାନ ସେ ସ୍ଥାନ ଧ୍ୱଂସ ହୋଇସାରିଛି। ଯଦି ଭାଙ୍ଗିଲା ସମୟରେ ଭିଡିଓଗ୍ରାଫି, ଡକ୍ୟୁମେଣ୍ଟାରି କିମ୍ବା ଫଟୋଗ୍ରାଫି ହୋଇଥିବ ତେବେ ସେଠାରେ ମୂର୍ତ୍ତି ଥିଲା କି ନାହିଁ, ଯଦି ଥିଲା ତାହା ସ୍ଥାନାନ୍ତରିତ ହୋଇଛି କି ନାହିଁ ପ୍ରଭୃତି ବିଷୟ ଜଣାପଡ଼ିବ। ମଠ ଭାଙ୍ଗିବା ସମୟରେ ସରକାରଙ୍କ କର୍ତ୍ତବ୍ୟ ହେଲା ଉକ୍ତ ଅଞ୍ଚଳର ଭିଡିଓଗ୍ରାଫି, ଫଟୋଗ୍ରାଫି ଏବଂ ଡକ୍ୟୁମେଣ୍ଟେଶନ କରିବା। ଯଦି ଭିଡିଓଗ୍ରାଫି କିମ୍ବା ଫଟୋଗ୍ରାଫି ହୋଇ ନ ଥିବ ତେବେ ତାହା ବିଷୟରେ ସବୁ ଜାଣିବା କଷ୍ଟକର। ସେହି ଭଣ୍ଡାର ଘରୁ ରୁପାଇଟା ମିଳିଥିଲା। ତେବେ ୪୫ରୁ ୫୦ ବର୍ଷ ତଳେ ରାମାନୁଜଙ୍କ ମୂର୍ତ୍ତି ରହିଥିଲା। ଯଦି ମାଟିତଳେ ଏହି ମୂର୍ତ୍ତି ପୋତି ହୋଇଥିବ ତେବେ ଖୋଲିଲା ବେଳେ ମିଳିପାରେ।

– ଡ. ସୁରେନ୍ଦ୍ର କୁମାର ମିଶ୍ର, ଗବେଷକ ତଥା ଐତିହ୍ୟ ବିଶାରଦ

ଖନନ ମାଟି କୁଆଡ଼େ ଗଲା

ପରିକ୍ରମା ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୭୫ ମିଟର ପରିସରରେ ଥିବା ମଠ ଓ ମନ୍ଦିରଗୁଡ଼ିକୁ ଭଙ୍ଗାଗଲା। ସେ ସମୟରେ ଏଏସ୍‌ଆଇର ଅନୁମତି ନିଆଯାଇ ନ ଥିଲା। ଏବେ ବି ଏଏସ୍‌ଆଇର ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ବିଳମ୍ବିତ ରାତିରେ ମାଟି ଚାଲାଣ କରାଗଲା। ଖନନ ସମୟରେ ମାଟି ତଳୁ ଅନେକ କୀର୍ତ୍ତିରାଜି ଓ ମୂଲ୍ୟବାନ ସାମଗ୍ରୀ ମିଳି ନ ଥିବ ବୋଲି କହିହେବ ନାହିଁ। ତେବେ ଯେଉଁ ମାଟି ଖୋଳାଗଲା ତାହା କୁଆଡ଼େ ଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସମସ୍ତ ଘଟଣା ଲୋକଲୋଚନକୁ ଆସିବା ଆବଶ୍ୟକ। ତେଣୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

– ଦିଲୀପ ବରାଳ, ସାମାଜିକ କର୍ମୀ

ଏଏସ୍‌ଆଇ ଓ ସମ୍ପୃକ୍ତ ସଂସ୍ଥା ବିରୋଧରେ ଏତଲା ଦିଆଯିବ

ଓଡ଼ିଶାର ସମସ୍ତ ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ ଦାୟିତ୍ୱରେ ଏଏସ୍‌ଆଇ ରହିଛି। ତେବେ ପରିକ୍ରମା ଅଧୀନରେ ଶ୍ରୀମନ୍ଦିର ଚାରିପାଖରେ ଯେଉଁ ନିର୍ମାଣ କାର୍ଯ୍ୟ ଚାଲିଛି, ସେଥିପାଇଁ ରାଜ୍ୟ ସରକାର ଏବଂ ଏଏସ୍‌ଆଇ ମିଳିତ ଭାବେ ଦାୟୀ। ଖନନ ପୂର୍ବରୁ ଏଏସ୍‌ଆଇ ପକ୍ଷରୁ ଜିପିଆର୍‌ଏସ୍ କାହିଁକି କରାଯାଇ ନ ଥିଲା। ଯଦି ବିନା ଅନୁମତିରେ ଖନନ ଓ ନିର୍ମାଣ କାର୍ଯ୍ୟ ହେଉଛି, ତେବେ ଏଏସ୍‌ଆଇ କାହିଁକି ଟାଟା କମ୍ପାନୀ ଏବଂ ଓବିସିସି ବିରୋଧରେ ମାମଲା ରୁଜୁ କରୁନାହିଁ। ଖନନ ସମୟରେ ଏମାର ମଠ ପରିସରରୁ ପ୍ରାଚୀନ ସିଂହମୂର୍ତ୍ତି ବାହାରିବା ପରେ ଆଗକୁ ଅନେକ ଐତିହ୍ୟ କୀର୍ତ୍ତିରାଜି ଓ ମୂଲ୍ୟବାନ ଧାତୁ ବାହାରିବା ସମ୍ଭାବନା ସୃଷ୍ଟି ହୋଇଛି। ତେବେ କାର୍ଯ୍ୟ ପ୍ରଣାଳୀ ନେଇ ଏବେ ସାଧାରଣରେ ଅନେକ ପ୍ରଶ୍ନ ଉଠୁଛି। ବେଆଇନ କାର୍ଯ୍ୟରେ ଏଏସ୍‌ଆଇର ଭୂମିକା ଥିବା ସନ୍ଦେହ କରାଯାଉଛି। ତେଣୁ ଏଏସ୍‌ଆଇ ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିରୋଧରେ ଏତଲା ଦିଆଯିବ।

– ସୂର୍ଯ୍ୟନାରାୟଣ ରଥ, ଆବାହକ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ

ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ କମିଶନ ଆଧାରରେ ବେତନ ପ୍ରଦାନ ଦାବିରେ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପୁରୀ ଜିଲା ପକ୍ଷରୁ ବୁଧବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଅପରାଧମୁକ୍ତ ସହର ଅଭିଯାନ: ୧୭ ଗିରଫ

ପୁରୀ ଅଫିସ, ୧୮।୫:

ପୁରୀ ପୋଲିସ ପକ୍ଷରୁ ସହରକୁ ଅପରାଧମୁକ୍ତ କରିବା ଓ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଉଦ୍ୟମ ଜାରି ରହିଛି। ଅଭ୍ୟାସଗତ ଅପରାଧୀମାନଙ୍କଠାରୁ ସହରବାସୀ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ବୁଧବାର ସହରର ବିଭିନ୍ନ ଥାନା ଅଞ୍ଚଳରୁ ୧୭ଜଣ ଅପରାଧୀଙ୍କୁ ଗିରଫ କରାଯାଇ ଧାରା ୧୧୦ ସିଆର୍‌ପିସି ଅନୁଯାୟୀ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତାଳବଣିଆ ଥାନା ଅଧୀନ ସିଦ୍ଧ ମହାବୀର ଅଞ୍ଚଳର ଦିଲ୍ଲୁ ପ୍ରଧାନ ଓ ବାଞ୍ଛୁ ବେହେରା, ସମୁଦ୍ରକୂଳ ଥାନା ଧୋବାଖାଲ ଅଞ୍ଚଳର ନବୀନ ସାହୁ, ସିଟି ରୋଡ୍‌ର ରୁଦ୍ର ନାରାୟଣ ସେଠୀ ଏବଂ ପି. ଶିବ ରାଓ। ବଳିଆପଣ୍ଡା ଥାନା ଅଧୀନ ମହାରାଜା ଲେନ୍‌ର ପିକିନ ଦେଓ, ବିଜୟ ନଗରର ଦୋଳଗୋବିନ୍ଦ ସାହୁ ଓ ବସ୍ତି ମଙ୍ଗଳା ସାହିର ସୁଶାନ୍ତ କୁମାର ବେହେରା। ବାସେଳୀସାହି ଥାନା ଅଧୀନ ମାର୍କେଣ୍ଡଶ୍ୱର ସାହି ଅଞ୍ଚଳର ଶ୍ରୀଧର ନାୟକ, ପ୍ରଳୟ ବେହେରା ଓ ଦିବାନା ବେହେରା। ଟାଉନ ଥାନା ଅଧୀନ ଲୋକନାଥ ରୋଡ୍ ବଡ଼ ଆଖଡ଼ା ଜାଗା ଅଞ୍ଚଳର ଜ୍ଞାନେନ୍ଦ୍ର ମାନିଆ, ନୂଆପାଟଣା ଲେନ୍‌ର ରୁଦ୍ରପ୍ରସାଦ ରାଉତ ଏବଂ ସନ୍ତୋଷ କୁମାର ରାଉତ। ସେହିପରି କୁମ୍ଭାରପଡ଼ା ଥାନା ଅଞ୍ଚଳର ଗଙ୍ଗାରାମ, ନୂଆସାହିର ବିଭୁ ପ୍ରସାଦ ଦାସ, ବଳଗଣ୍ଡି ରାୟବାହାଦୁର ଲେନ୍‌ର ଅଚ୍ୟୁତାନନ୍ଦ ନନ୍ଦ ଏବଂ ଖାକିମଠ ନୂଆସାହିର ବିଷ୍ଣୁ ମହାପାତ୍ରଙ୍କୁ ଗିରଫ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି। ସହରକୁ ଅପରାଧମୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରହିଛି ବୋଲି ପଣ୍ଡା ପ୍ରକାଶ କରିଛନ୍ତି।

ହରିଣ ମୃତଦେହ ଜବତ

କୋଣାର୍କ,୧୮।୫(ଡି.ଏନ୍.ଏ.):

କୋଣାର୍କ ଥାନା ଅଧୀନ ଜୁଣେଇ ଛକ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ବାଡିରେ ଏକ ୪ବର୍ଷର ଅଣ୍ଡିରା ହରିଣର ମୃତଦେହ ବନ ବିଭାଗ ଜବତ କରିଛି। ଘଟଣାରୁ ପ୍ରକାଶ, ଜୁଣେଇ ଛକଠାରେ ଥିବା ସୁରେନ କୁମାର ପାଲ୍‌ଙ୍କ ବାଡ଼ିରେ ଏକ ହରିଣ ମରି ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ଘଟଣା ସ୍ଥଳରେ ପହଞ୍ଚି ହରିଣ ମୃତଦେହକୁ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। କୋଣାର୍କ ପ୍ରାଣୀ ଚିକିତ୍ସକ ହରିଣ ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ମାଟି ତଳେ ପୋତାଯାଇଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି।

ରଥଖଳାରୁ

ତିନିରଥର ନାହାକା ଅଖ ଅନୁକୂଳ

ରଥ ଚକରେ ପଇ ସଂଯୋଗ ପାଇଁ ବିଲେଇ ବାଡ଼ିଆ କାର୍ଯ୍ୟ ଚାଲିଛି ।

ପୁରୀ ଅଫିସ, ୧୮।୫

ଭଉଁରୀରେ ହେବ ଚକା ଡେରା

ବାହାର ଚନ୍ଦନ ଯାତ୍ରାର ଦ୍ୱାଦଶ ଦିବସକୁ ଭଉଁରୀ କୁହାଯାଏ। ରଥ ସଂହିତା ଅନୁଯାୟୀ ଭଉଁରୀ ଦିନ ତିନି ରଥର ଗୋଟିଏ ଲେଖାଏ ଅଖ ସହ ଦୁଇଟି ଲେଖାଏ ଚକ ସଂଯୋଗ ବା ଚକ ଡେରା ହୋଇଥାଏ। ତେବେ ଭଉଁରୀକୁ ଅଳ୍ପଦିନ ବାକି ଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ରଥ ନିର୍ମାଣରେ ନିୟୋଜିତ ସେବକ ଏବଂ କାରିଗରମାନେ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେଉଛନ୍ତି। ବୁଧବାର ପଞ୍ଚଦଶ ଦିବସରେ ତିନି ରଥର ନାହାକା ଅଖ ଅନୁକୂଳ ହୋଇଛି। ତିନିରଥର ଗୋଟିଏ ଲେଖାଏ ୪୦/୪୫ ଫୁଟିଆ ଧଉରା କାଠକୁ ମୁଖ୍ୟ ମହାରଣାମାନେ ଅଖ କାଠ ଉପରେ ମାହାର୍ଦ୍ଦ ରଖି ନଡ଼ିଆ ବାଡେଇ ଅନୁକୂଳ ପୂଜା କରିଛନ୍ତି। ମହାରଣାମାନେ ଅଖ ଉଭୟ ପାର୍ଶ୍ୱର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାପରେ ଅଖର ଦୁଇପାର୍ଶ୍ୱକୁ ଗୋଲେଇ ଆକୃତି ଦିଆଯିବ। ସେହିପରି ତିନିରଥର ୧୫ଟି ଚକ ନିର୍ମାଣ ସରିଛି। ତାଳଧ୍ୱଜ ରଥର ୫, ଦେବଦଳନ ରଥର ୪ ଏବଂ ନନ୍ଦିଘୋଷ ରଥର ୬ଟି ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏତଦ୍‌ବ୍ୟତୀତ ଆଉ ଦୁଇଟି ଟୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ, ଟୁମ୍ବରେ ଅଖବିନ୍ଧ, ପଇବିନ୍ଧ କାର୍ଯ୍ୟ ହେଉଛି। ବିଲେଇ ବାଡ଼ିଆ କାର୍ଯ୍ୟ ଜାରି ରହିଛି। ଟୁମ୍ବରେ ପନ୍ଦାରୀ ଓ ବଳା ବସିବା କାମ ସହ ପନ୍ଦାରୀ ଗାଡ଼ ଖୋଦ

କୁକୁର ଆକ୍ରମଣରେ ମାଈ ହରିଣ ମୃତ

ବାଙ୍କୀ,(ସ୍ୱ.ପ୍ର): ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଭଗିପୁର ଗ୍ରାମରେ କୁକୁର ଆକ୍ରମଣରେ ଏକ ମାଈ ହରିଣର ବୁଧବାର ମୃତ୍ୟୁ ହୋଇଛି। ସକାଳେ ହରିଣଟି ଡମପଡ଼ା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶି ଆସିଥିବାବେଳେ କୁକୁରମାନେ ଆକ୍ରମଣ କରିଥିଲେ। ସେହି ସମୟରେ ଗ୍ରାମର କିଛି ଲୋକ କୁକୁରମାନଙ୍କୁ ଘଉଡେଇବା ସହ ବନବିଭାଗକୁ ଜଣାଇଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରି ଫରେଷ୍ଟ ବିଟ୍ ହାଉସ୍‌କୁ ଆଣିଥିଲେ। ପରେ ଚିକିତ୍ସା ପାଇଁ ନେବାବେଳେ ହରିଣର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସଂକ୍ଷେପରେ

ରାହାସବିହାରୀ ଜୀଉଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ

ଚୌଦ୍ୱାର,୧୮।୫(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ଅଧୀନ ୪ନଂ. ୱାର୍ଡରେ ପ୍ରତିଷ୍ଠିତ ରାହାସବିହାରୀ ଜୀୟୁଙ୍କ ଚନ୍ଦନ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ବିରୁପା ନଦୀ କୂଳକୁ ନିଆଯାଇଥିଲା। ସେଠାରେ ଠାକୁରଙ୍କ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ମହେନ୍ଦ୍ର କୁମାର ସାହୁ, ନବକିଶୋର ସାହୁ, କାଉନସିଲର ଅଜୟ ବେହେରା, ଅଶୋକ ସାହୁ, ବାବାଜୀ ଚରଣ ସାହୁ, ଗିରିଶ ଚନ୍ଦ୍ର ସାହୁ, ସୌମ୍ୟରଞ୍ଜନ ସାହୁ, ଅକ୍ଷୟ ସାହୁ, ବିମଳ କୁମାର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୨୩ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କଣ୍ଟାପଡା,୧୮।୫(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିବା ୨୩ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କଣ୍ଟାପଡା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ସଂଘ ପକ୍ଷରୁ ବୁଧବାର ବ୍ରାହ୍ମଣବାଟୀସ୍ଥିତ କଲ୍ୟାଣମଣ୍ଡପରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସଂଘ ସଭାପତି ରବିନାରାୟଣ ସାଥୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ସନ୍ତୋଷ କୁମାର ପତି, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, କଣ୍ଟାପଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ, ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ, କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଶୋକ ପଟ୍ଟନାୟକ, ସମ୍ପାଦକ ବିଶ୍ୱମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ବିଦାୟୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବ୍ଲକ ଶିକ୍ଷକ ସଂଘ ସମ୍ପାଦକ କିଶୋର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ କିଶୋର ପାତ୍ର ଧନ୍ୟବାଦ ଦେଇଥିଲେ।

ଡମପଡ଼ା କଲେଜରେ ପାଠଚକ୍ର

ବାଙ୍କୀ,୧୮।୫(ସ୍ୱ.ପ୍ର): ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଶିକ୍ଷା ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣାଙ୍କ ସଭାପତିତ୍ୱରେ 'ପ୍ରାକ୍ ବିଦ୍ୟାଳୟ ଶିକ୍ଷା' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଅଧ୍ୟକ୍ଷ ରଣା ଉପସ୍ଥିତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ପାଠଚକ୍ର ସମ୍ବନ୍ଧରେ ସୂଚନା ଦେଇଥିଲେ। ଅଧ୍ୟାପକ ତାପସ କୁମାର ମହାନ୍ତି ପାଠଚକ୍ର ସଂଯୋଜନା କରିଥିବାବେଳେ ଅଧ୍ୟାପିକା ବିଷ୍ଣୁପ୍ରିୟା ରାଉତ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଜ୍ୟୋତିପ୍ରକାଶ ପାଣିନୀ, ମହେଶ ରାଉତ, ସତ୍ୟପ୍ରକାଶ ଖଟୁଆ, ନରେଶ ମହାନ୍ତି, ରାଜେଶ ମହାପାତ୍ର, ତୈଲୋକ୍ୟ ସାହୁ, ନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କ୍ଲିନିକାଲ ପାଥୋଲୋଜି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

ବାଙ୍କୀ,୧୮।୫(ସ୍ୱ.ପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଓ ରୋଭର ରେଞ୍ଜର ସଂସ୍ଥାର ମିଳିତ ସହଯୋଗରେ ବୁଧବାର କ୍ଲିନିକାଲ ପାଥୋଲୋଜି ସମ୍ପର୍କିତ ପ୍ରଶିକ୍ଷଣ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଶିବିର ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ରୋଜଗାରକ୍ଷମ ହୋଇ ପାରିବେ ବୋଲି ମତପ୍ରକାଶ ପାଇଥିଲା। ଶିବିରରେ ବ୍ଲଡଗ୍ରୁପ ଚିହ୍ନଟ, ରକ୍ତଚାପ ଓ ମଧୁମେହ ନିରୂପଣ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ରୋଭର ମୁଖ୍ୟ ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ମୁଖ୍ୟ ଅଧ୍ୟାପିକା ଦେବସ୍ମିତା ରାଉତ ଶିବିର ପରିଚାଳନା କରିଥିଲେ। ଡ. ଶଶିଭୂଷଣ ମହାପାତ୍ର ପ୍ରଶିକ୍ଷଣ ଦେଇଥିବାବେଳେ କୁମୁଦ ରଞ୍ଜନ ମହାରଣା, ଫାର୍ମାଶିଷ୍ଟ ଚିନ୍ମୟ ସେନାପତି ଓ ବିଟୁନା ରାଉତ ସହାୟତା କରିଥିଲେ। ଶିବିରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ରୋଭର ରେଞ୍ଜରର ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

ଯୋଜନା ସମ୍ପର୍କରେ ଜାଣନ୍ତୁ ଜନପ୍ରତିନିଧି

କଟକ ଅଫିସ, ୧୮।୫

ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

ଲୋକଙ୍କର ଆଶା, ଆକାଂକ୍ଷାକୁ ପୂରଣ କରିବା ପାଇଁ ଜନସାଧାରଣ ଜନପ୍ରତିନିଧିଙ୍କୁ ନିର୍ବାଚିତ କରି ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ଦାୟିତ୍ୱକୁ ଜନପ୍ରତିନିଧିମାନେ ଠିକ୍ ଭାବେ ନିର୍ବାହ କଲେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବେ। ଜନହିତକର କାର୍ଯ୍ୟ ନିର୍ବାହ କରିବା ପୂର୍ବରୁ ସମ୍ପୃକ୍ତ ପକ୍ଷମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ତୃତୀୟ ଜିଲା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ, ନୂତନ ଭାବେ ନିର୍ବାଚିତ ହୋଇଥିବା ଜନପ୍ରତିନିଧିମାନଙ୍କ କାର୍ଯ୍ୟ ପରିସର ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନର ଆବଶ୍ୟକତା ରହିଛି। ଜନପ୍ରତିନିଧିମାନେ ଯେକୌଣସି ଯୋଜନାର ବ୍ୟୟ ଅଟକଳ ସମ୍ବନ୍ଧରେ ସବିଶେଷ ଜ୍ଞାନ ଆହରଣ କରିବା ଆବଶ୍ୟକ। ଫଳରେ ଯୋଜନାକୁ ସଫଳ ଭାବେ ରୂପାୟନ କରିବାରେ ବାଧା ଉପୁଜିବ ନାହିଁ। ଜନପ୍ରତିନିଧିମାନଙ୍କୁ କାର୍ଯ୍ୟ ପଦ୍ଧତି ସମ୍ବନ୍ଧରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା

ତୃତୀୟ ଜିଲା ପରିଷଦ ବୈଠକ

ରହିଛି ବୋଲି ସ୍ୱାଇଁ କହିଥିଲେ।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ କହିଥିଲେ, ଗ୍ରାମାଞ୍ଚଳର ବିକାଶ ପାଇଁ ଜିଲା ପରିଷଦ ଏକ ପ୍ରମୁଖ ପ୍ରତିଷ୍ଠାନ। ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ବାସ୍ତବତାକୁ ହୃଦୟଙ୍ଗମ କରି ଲୋକାଭିମୁଖୀ ଯୋଜନାଗୁଡିକର ସଫଳ ରୂପାୟନ ଦିଗରେ ପୂର୍ଣ୍ଣ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି ମଲ୍ଲିକ କହିଥିଲେ। ସେହିପରି ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଜନପ୍ରତିନିଧିମାନେ ଜିଲା ପ୍ରଶାସନ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ଏହି ଅବସରରେ ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସଙ୍କୁ ଜିଲାପାଳ ଚୟନୀ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଉକ୍ତ ବୈଠକରେ ଗ୍ରାମାଞ୍ଚଳରେ ବିପର୍ଯ୍ୟୟ ପରିଚାଳନା ଓ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାନୀୟଜଳ ଯୋଗାଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିଭଳି ବିଭିନ୍ନ ଯୋଜନାରେ ଜନପ୍ରତିନିଧିଙ୍କୁ ସାମିଲ କରି କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର କହିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଡିଆଇପିଆର୍‌ଓ ଲଲାଟେନ୍ଦୁ ମହାପାତ୍ର, ଡେପୁଟି କଲେକ୍ଟର ରାଜଲକ୍ଷ୍ମୀ ଓଝା, ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାରଙ୍କ ସହ ପଞ୍ଚାୟତ ସମିତିର ଅଧ୍ୟକ୍ଷାଅଧ୍ୟକ୍ଷ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

'ପଛୁଆବର୍ଗଙ୍କୁ ମୁଖ୍ୟସ୍ରୋତକୁ ଆଣିବାରେ ସଂଗ୍ରାମ କରିଥିଲେ ବିଶ୍ୱନାଥ ପଣ୍ଡିତ'

କଟକ ଅଫିସ, ୧୮।୫

ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧୋତ୍ସବ

ରାଜ୍ୟରେ ସମାଜବାଦୀ ଆନ୍ଦୋଳନକୁ ଦିଗ୍‌ଦର୍ଶନ ଦେବାରେ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ କାର୍ଯ୍ୟ ଅବିସ୍ମରଣୀୟ। ସମାଜର ପଛୁଆବର୍ଗ ଲୋକମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ନିମନ୍ତେ ସେ ସର୍ବଦା ଚେଷ୍ଟା କରିଥିଲେ। ମେହେନ୍ତର ଓ କେନ୍ଦୁପତ୍ର ତୋଳାଳିଙ୍କ ହକ୍ ନିମନ୍ତେ ଜୀବନତମାମ ସଂଗ୍ରାମ କରିଥିଲେ। ପଦପଦବୀକୁ ତୁଚ୍ଛ କରି ଲୋକଙ୍କ ହିତ ପାଇଁ ଯାହା କରଣୀୟ, ସେଥିପ୍ରତି ଗୁରୁତ୍ୱ ଦେଉଥିଲେ ବୋଲି ବିଶ୍ୱନାଥ ପଣ୍ଡିତଙ୍କ ୨୦ତମ ଶ୍ରାଦ୍ଧୋତ୍ସବରେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ପରିଷଦର କାର୍ଯ୍ୟାଳୟଠାରେ ପଣ୍ଡିତଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନା ଓ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ଡା. ରବି ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହ, ଚିତ୍ତରଞ୍ଜନ ମହାନ୍ତି, ଯୁଗଳ କିଶୋର ନାୟକ, ବିଦ୍ୟୁତ୍ ଲାଲା, ଭିକାରୀ ଦାସ, ଦେବେନ୍ଦ୍ର କାହାଳୀ, କର୍ପୋରେଟର ଆରତୀ ସାହୁ, ଦୀପାଞ୍ଜଳି ସିଂ, ଅରୁନ୍ଧତୀ କର, ସତ୍ୟରାମ ସାହୁ, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଶିଷ ସାହୁ ଧନ୍ୟବାଦ ଦେଇଥିଲେ। ଏହାପୂର୍ବରୁ ମହାନଦୀର ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା। ପରେ କଟକ ବଡ଼ ମେଡ଼ିକାଲ ପରିସର ମେହେନ୍ତର ସଂଘ କାର୍ଯ୍ୟାଳୟ, ବିକାଶ ଭବନ ପରିସରରେ ଥିବା ପ୍ରତିମୂର୍ତ୍ତି ଓ ରାଜାପଡ଼ାସ୍ଥିତ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା।

'ବୁଦ୍ଧଙ୍କ ବାଣୀ ମାଣିଆବନ୍ଧବାସୀଙ୍କ ପରିଚୟ'

ବଡ଼ମ୍ବା,୧୮।୫(ଡି.ଏନ.ଏ.)

ବୁଦ୍ଧ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାଜ୍ୟ ସଂସ୍କୃତି ବିଭାଗ, କଟକ ଜିଲା ପ୍ରଶାସନ ଓ ମାଣିଆବନ୍ଧ ବୌଦ୍ଧ ସଂଘର ମିଳିତ ଆନୁକୂଲ୍ୟରେ ମାଣିଆବନ୍ଧସ୍ଥିତ ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ଦୀର୍ଘ ୫ ଦିନ ଧରି ଚାଲିଥିବା ମାଣିଆବନ୍ଧ ଦଶମ ବୁଦ୍ଧ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟି ସଭାପତି ଚକ୍ରଧର ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ 'ବୁଦ୍ଧଙ୍କ ବାଣୀ ମାଣିଆବନ୍ଧବାସୀଙ୍କ ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ସ୍ୱତନ୍ତ୍ର ବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ମାଣିଆବନ୍ଧର କଳାକୃତି କେବଳ ଓଡିଶାରେ ନୁହଁ ଓଡିଶା ବାହାରେ ମଧ୍ୟ ସୁନାମ ଅର୍ଜନ କରିପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ

୧୦ମ ବୁଦ୍ଧ ମହୋତ୍ସବ ଉଦ୍‌ଯାପିତ

ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ତପନ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ମାଣିଆବନ୍ଧ ବୌଦ୍ଧ ସଂଘ ସଭାପତି ଅରକ୍ଷିତ ଦେବତା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାଣିଆବନ୍ଧ ବୌଦ୍ଧ ସଂଘ କର୍ମକର୍ତ୍ତା & ମହୋତ୍ସବ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

ମଠ କମିଟି ସଦସ୍ୟଙ୍କୁ ଆକ୍ରମଣ, ନାଗାବାବା ଗିରଫ

କଟକ ସଦର,୧୮।୫(ଡି.ଏନ୍.ଏ.)

କିଶନ ନଗର ଥାନା ଯଶପଡା ପଞ୍ଚାୟତର ଗିରିଧାରୀ ମଠ କମିଟି ସଦସ୍ୟଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ନାଗାବାବାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ବ୍ରହ୍ମପୁର ଅଞ୍ଚଳର ଶମ୍ଭୁନାଥ ସୁବୁଦ୍ଧି। ସକାଳେ ଗଞ୍ଜେଇ ଟାଣିବାକୁ ନେଇ ଶମ୍ଭୁନାଥଙ୍କ ସହ ଅନ୍ୟଜଣେ ସ୍ଥାନୀୟ ବାବାଙ୍କର ଝଗଡ଼ା ହୋଇଥିଲା। ଏନେଇ ନାଗାବାବା ଗାଳିଗୁଲଜ କରିଥିଲେ। ମଠ କମିଟି ସଭ୍ୟ ହୃଷୀକେଶ ହୋତା ବିରୋଧ କରିବାରୁ ନାଗାବାବା ଏକ କୋଦାଳରେ ତାଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ ଲୋକମାନେ ବାବାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏପରି କି ଥାନାରେ ମଧ୍ୟ ନାଗାବାବା ଗଣ୍ଡଗୋଳ କରିବାକୁ ପଛାଇ ନ ଥିଲେ। ଏ ନେଇ ହୋତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୭୭/୨୨) ରୁଜୁ କରିଛି। କିଛିଦିନ ତଳେ ଉକ୍ତ ମଠରେ ହୋଇଥିବା ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନାଗାବାବା ଆସିଥିଲେ।

ଆବର୍ଜନା ଟାଙ୍କି ସଫା କଲେ କ୍ଲବ ପିଲା

ତିଗିରିଆ,୧୮।୫(ଡି.ଏନ.ଏ)

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଥିବା ଟାଙ୍କି ଆବର୍ଜନା ଜଳ ଓ ପଙ୍କରେ ପୂରି ଯାଇଥିଲା। ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା। ଗ୍ରାମର ୟୁନି କ୍ଲବର ପିଲାମାନେ ଉକ୍ତ ଟାଙ୍କିକୁ ସଫା କରିଛନ୍ତି। କାର୍ଯ୍ୟକ୍ରମରେ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ମହାରଣା, ରମେଶ ଖଟୁଆ, ରାଜେଶ ସାହୁ, ପ୍ରଦୀପ ମହାରଣା, ଦିବାକର ବେହେରା ଓ ସୁବାସଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଗ୍ରାମାଞ୍ଚଳରେ ଟମାଟୋ ଫ୍ଲୁ'

ସାଲେପୁର,୧୮।୫(ଡି.ଏନ୍.ଏ.)

୫ବର୍ଷରୁ କମ୍ ଶିଶୁ ଅଧିକ ସଂକ୍ରମିତ

ସହରାଞ୍ଚଳ ପରେ ଏବେ ଗ୍ରାମାଞ୍ଚଳର ଶିଶୁମାନଙ୍କ ଠାରେ ଟମାଟୋ ଫ୍ଲୁ' ରୋଗ ଦେଖିବାକୁ ମିଳୁଛି। ଗତ କିଛି ଦିନ ହେବ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ୧୦ରୁ ଊର୍ଦ୍ଧ୍ୱ ଶିଶୁରୋଗୀ ଆସୁଛନ୍ତି। ବିଶେଷକରି ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କ ଠାରେ ଏହି ରୋଗ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ଏହି ରୋଗ ହେବା ଦ୍ୱାରା ଶିଶୁର ହାତ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଲାଲ୍ ରଙ୍ଗର ଶୂନ ଫୋଟକା ହେବା ସହ ପାଟିରେ ଘା' ହୋଇଯାଉଛି। ଏଥିପାଇଁ ଆବଶ୍ୟକ ଔଷଧ ବାହାରି ନ ଥିବାବେଳେ ସାଧାରଣ ଚିକିତ୍ସା ପ୍ରଣାଳୀରେ ଚିକିତ୍ସା କରାଯାଉଛି। ଏହା ଏକ ପ୍ରକାର ସଂକ୍ରମିତ ରୋଗ ବୋଲି ଡାକ୍ତର ଶରତ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଏହି ରୋଗ ହେଲେ ପ୍ରଥମେ ଶିଶୁର ପାଟି, ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଶୂନ ଫୋଟକା ପରି ଫଳିଯିବା ସହ ଶରୀରରେ ଜ୍ୱର ରହୁଛି। ଶିଶୁଗୁଡ଼ିକ ଦୁର୍ବଳ ହୋଇପଡୁଛନ୍ତି। ଏହା ସଂକ୍ରାମକ ରୋଗ ହୋଇଥିବାରୁ ସଂକ୍ରମିତ ଶିଶୁଙ୍କ ଠାରୁ ଅନ୍ୟମାନଙ୍କୁ ଦୂରେଇ ରଖିବା ଆବଶ୍ୟକ। ଏହା ସାଧାରଣଭାବେ ୫ରୁ ୭ଦିନ ମଧ୍ୟରେ ଭଲ ହୋଇଯାଇଥାଏ। ଯେଉଁ ଶିଶୁଠାରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ତା'ଠାରେ ଏହି ରୋଗ ଦେଖାଯାଇ ନ ଥାଏ ବୋଲି ଡାକ୍ତର ମହାନ୍ତି ପ୍ରକାଶ କରିଛନ୍ତି।

ପିଲାଙ୍କ ତାଲିକା ଦେବାକୁ ବିଇଓଙ୍କ ନିର୍ଦ୍ଦେଶ

କଟକ ସଦର,୧୮।୫(ଡି.ଏନ୍.ଏ.)

ମଧ୍ୟାହ୍ନଭୋଜନ